R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୬୪
ତିଥି : ଷଷ୍ଠୀ
୦୧ ଜୁଲାଇ ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 264
01 July 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଉତ୍ତର ଓଡ଼ିଶାରେ ପ୍ରବଳ ବନ୍ୟା

ଭୁବନେଶ୍ୱର, ୩୦।୬ (ସବ୍ୟୁ): ଝାଡଖଣ୍ଡ ଉପର ମୁଣ୍ଡ ଓ ମୟୁରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲାର ତଳ ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା, ବୁଢାବଳଙ୍ଗ ଓ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇଛି । ଆସନ୍ତା ୨୪ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଆସନ୍ତା ୩ ଦିନ ପାଇଁ ମୟୂରଭଞ୍ଜ ଓ ବାଲେଶ୍ୱରରେ ପ୍ରବଳ ବର୍ଷା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଯଦି ବର୍ଷା ବଢେ ଏହି ୩ ନଦୀରେ ବନ୍ୟାସ୍ଥିତି ଗମ୍ଭୀର ହେବ ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ।

ସୋମବାର ଅପରାହ୍ନ ୩ ଟା ସୁଦ୍ଧା ସୁବର୍ଣ୍ଣରେଖାର ରାଜଘାଟ ଠାରେ ବନ୍ୟା ଜଳ ୧୧.୫୬ ମିଟର ଉପରେ ପ୍ରବାହିତ ହେଉଛି । ଯାହା ବିପଦ ସଙ୍କେତ ଠାରୁ ୧.୨୦ ମିଟର ଅଧିକ ରହିଛି । ସେହିପରି ବୁଢାବଳଙ୍ଗ ନଦୀର ଗୋବିନ୍ଦପୁର ଏନ୍‌ଏଚ୍-୫ରେ ୬.୭୨ ମିଟର ଉଚ୍ଚରେ ବନ୍ୟା ଜଳ ପ୍ରଭାବିତ ହେଉଥିବା ବିପଦ ସଙ୍କେତ ୮.୧୩ ମିଟର ରହିଛି । ତେବେ ଜଳକା ନଦୀର ମଥାନୀ ଠାରେ ୬.୭୧ ମିଟର ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ବିପଦ ସଙ୍କେତ ୬.୫୦ ମିଟର ରହିଛି। ଏଠାରେ ଜଳ ସ୍ତର ସାମାନ୍ୟ ଖସିବାରେ ଲାଗିଛି । ଏହି ବ୍ଲକରେ ଆସନ୍ତାକାଲି(ମଙ୍ଗଳବାର) ସକାଳ ୬ଟା ସୁଦ୍ଧା ସୁବର୍ଣ୍ଣରେଖା ରାଜଘାଟ ଠାରେ ୧୦.୩୬ ମିଟର ପ୍ରବାହିତ ସହ ଜଳସ୍ତର ଖସିବାରେ

### ୨୪ ଘଣ୍ଟା ସବୁଠୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ
### ବିପଦ ସଙ୍କେତ ଉପରେ ସୁବର୍ଣ୍ଣରେଖା
### ବଢୁଛି ବୁଢାବଳଙ୍ଗ, ଜଳକା ଜଳସ୍ତର

ଲାଗିବ ବୋଲି ଆଶଙ୍କା କରାଯାଉଛି । ଏହାସହ ଜଳ ସମ୍ପଦ ବିଭାଗ ବନ୍ୟା ସ୍ଥିତି ଉପରେ ୨୪ ଘଣ୍ଟିଆ ତୀକ୍ଷ୍ଣ ନଜର ରଖିଛି । ବାଲେଶ୍ୱର ଜିଲ୍ଲାପାଳଙ୍କୁ ସତର୍କ ରହିବା ସହ ଲୋକମାନଙ୍କୁ ସ୍ଥାନାନ୍ତର ସହିତ ରିଲିଫ ପରିଚାଳନାକୁ ଗୁରୁତ୍ୱ ଦେବା ପାଇଁ କୁହାଯାଇଛି । ବାଲେଶ୍ୱରର ବନ୍ୟା ପରିସ୍ଥିତି ସମୀକ୍ଷା ପାଇଁ ଜଣେ ସର୍ବୋଚ୍ଚ ଯନ୍ତ୍ରୀ, ଜଣେ ମୁଖ୍ୟଯନ୍ତ୍ରୀ ସେଠାକୁ ଯାଇଛନ୍ତି । ବାଲେଶ୍ୱରର ସମସ୍ତ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ପ୍ରଶାସନକୁ ସଜାଗ କରି ତୁହାକୁ ତୁହା ସମୀକ୍ଷା କରାଯାଉଛି । କ୍ଷେତ୍ର ଅଧିକାରୀମାନେ କ୍ଷେତ୍ରରେ ଅଛନ୍ତି । ବନ୍ୟା ମୁକାବିଲା ପାଇଁ ଜଳ ସମ୍ପଦ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି । ବନ୍ଧ ଭାଙ୍ଗିବା କି ଘଳିଆ ହେବାର ଖବର ନାହିଁ ବୋଲି ସେ କହିଛନ୍ତି ।



## ୪ ଲକ୍ଷ ଲୋକ ଜଳବନ୍ଦୀ, ୩ ଲକ୍ଷ ସ୍ଥାନାନ୍ତର

ଭୋଗରାଇ, ୩୦।୬, (ସବ୍ୟୁ) : ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁଁ ସୁବର୍ଣ୍ଣରେଖା ସୁବର୍ଣ୍ଣରେଖା ଉପରମୁଣ୍ଡା ଓ ନିମ୍ନ ଅବବାହିକାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗିରହିଛି । ଏଭଳି ସ୍ଥିତିରେ ଝାଡ଼ଖଣ୍ଡରେ ଥିବା ଚାନ୍ଦଲୀ ଡେମ ସହିତ ଗାଲୁଡ଼ିହି ଓ ଖରଖାଇ ବ୍ୟାରେଜରୁ ଉଦବୃତ୍ତ ବର୍ଷାଜଳ ସୁବର୍ଣ୍ଣରେଖାକୁ ନିଷ୍କାସନ ହେବାରୁ ବନ୍ୟା ଜଳବୃଦ୍ଧି ପାଇ ଗତ ରବିବାର ବିଳମ୍ବିତ ରାତିରେ ରାଜଘାଟ ଗେଜଠାରେ ବିପଦସଂକେତ ୧୦.୩୬ ମି ଉର୍ଦ୍ଧ୍ୱ ପ୍ରବାହିତ ହୋଇ ୨ କୂଳ ଲଙ୍ଘି ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକର ନଦୀକୂଳିଆ ଗାଁର ସ୍ଥିତିକୁ ବିଗାଡି ଦେଇଛି ।ସୋମବାର ପୂର୍ବାହ୍ନ ୧୦ଟା ଓ ଅପରାହ୍ନ ୧ଟା ସୁଦ୍ଧା ୧୧.୫୬ ମି ରେ ବନ୍ୟା ପାଣି ସ୍ଥିର ରହି ଅପରାହ୍ନ ୩ ଟାରେ ପାଣି (୯ ପୃଷ୍ଠାରେ)

## ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ : ମନ୍ତ୍ରୀ

ଭୁବନେଶ୍ୱର, ୩୦।୬ (ସବ୍ୟୁ): ରାଜ୍ୟର ଉତ୍ତର ଭାଗ ବିଶେଷ କରି ବାଲେଶ୍ୱର ଏବଂ

- ମୟୂରଭଞ୍ଜ, ବାଲେଶ୍ୱରକୁ ରେଡ୍ ଆଲର୍ଟ
- ତଳମୁଣ୍ଡରେ ପ୍ରବଳ ବର୍ଷା ହେବାର ସମ୍ଭାବନା
- ତିନି ଜିଲ୍ଲାକୁ ପଠାଗଲା ଓଡ୍ରାଫ୍ ଟିମ୍

ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା ପରିସ୍ଥିତି ପରିଚାଳନା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି । ସମସ୍ତ ସମ୍ପୃକ୍ତ ବିଭାଗ ପରିସ୍ଥିତିକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ପାଇଁ ସମନ୍ୱୟ ଭାବରେ କାର୍ଯ୍ୟ କରୁଛନ୍ତି। ଆମର ପ୍ରାଥମିକତା ହେଉଛି ବୃଦ୍ଧି ପାଉଥିବା ଜଳସ୍ତର ଦ୍ୱାରା ପ୍ରଭାବିତ ଲୋକଙ୍କ ସୁରକ୍ଷା ଏବଂ କଲ୍ୟାଣ ସୁନିଶ୍ଚିତ କରିବା ।

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର ସମ୍ଭାବ୍ୟ ବନ୍ୟାସ୍ଥିତିର ସମୀକ୍ଷା କରି ଏହା କହିଛନ୍ତି। ସେ କହିଥିଲେ, ନିମ୍ନ ଏବଂ ଦୁର୍ବଳ ଅଞ୍ଚଳରୁ ୧୧୦୦ ରୁ ଅଧିକ ଲୋକଙ୍କୁ (୯ ପୃଷ୍ଠାରେ)

### ପୁରୀ ଦଳାଚକଟା ମୃତ୍ୟୁ ଘଟଣା

## ଅନୁ ଗର୍ଗଙ୍କ ତଦନ୍ତ ଆରମ୍ଭ



ଭୁବନେଶ୍ୱର, ୩୦।୬ (ସବ୍ୟୁ): ପୁରୀ ରଥ ଦଳାଚକଟା ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି । ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ଉନ୍ନୟନ କମିଶନର ଅନୁ ଗର୍ଗ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି । ଗତକାଲି ଏହି ଘଟଣାର ସଂପୂର୍ଣ୍ଣ ପ୍ରଶାସନିକ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ପୁରୀ ଦଳାଚକଟା ଘଟଣାରେ ରାଜ୍ୟ ମାନବାଧିକାର କମିଶନ ନୋଟିସ୍ କରିଛନ୍ତି । (୯ ପୃଷ୍ଠାରେ)

## ଦୁଇ ମାଓବାଦୀ ନିହତ

ଭୁବନେଶ୍ୱର, ୩୦।୬ (ସବ୍ୟୁ) : ମାଓବାଦୀ ଦମନ ଅଭିଯାନ କ୍ଷେତ୍ରରେ କନ୍ଧମାଳ ଜିଲ୍ଲା ପୋଲିସକୁ ଆଜି ଏକ ବଡ଼ ସଫଳତା ମିଳିଛି । ଏହି ଅଭିଯାନରେ ୨ ଜଣ ଦୁର୍ଦ୍ଦାନ୍ତ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ଘଟଣାସ୍ଥଳରୁ ଗୋଟିଏ ରାଇଫଲ, ରିଭଲଭର, ଜୀବନ୍ତ ଗୁଳି, ୱାକି ଟକି, ବ୍ୟାଟେରୀ ଏବଂ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ କରାଯାଇଛି ।

ମୃତ୍ୟବରଣ କରିଥିବା ଉଭୟ ମାଓବାଦୀ ମଙ୍କୁ ଏବଂ ଚନ୍ଦନ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । କନ୍ଧମାଳ ଜିଲ୍ଲାରେ ସକ୍ରିୟ ଥିବା ମାଓବାଦୀ ଗ୍ରୁପର ମଙ୍କୁ ଏସିଏମ୍ କ୍ୟାଡର ଏବଂ ଚନ୍ଦନ ପାର୍ଟି ସଦସ୍ୟ ବୋଲି ପୋଲିସ ପ୍ରାରମ୍ଭିକ ସୂଚନା ପାଇଛି । ସମ୍ପୃକ୍ତ ଅଞ୍ଚଳରେ ପୋଲିସ ପକ୍ଷରୁ ବ୍ୟାପକ ତଲାସୀ ଅଭିଯାନ ଜାରି ରହିଛି ।

ଉଲ୍ଲେଖ ଯୋଗ୍ୟ ଯେ, ବାଲିଗୁଡା ଥାନା ଅଧୀନ ପୁରାଣଜିଆବ ସଂରକ୍ଷିତ ଜଙ୍ଗଲ ନିକଟରେ କିଛି ମାଓବାଦୀ ଲୁଚି ରହିଥିବା ସଂକ୍ରାନ୍ତରେ ଜିଲ୍ଲା ପୋଲିସର ଗୁଇନ୍ଦା ସୂତ୍ରରୁ ସୂଚନା ମିଳିଥିଲା । ସେହି ଅନୁଯାୟୀ, କନ୍ଧମାଳ ଏସପି ହରିଶ ବି. ସି.ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ଡିଭିଏଫ ଯବାନ ଟିମ ସମ୍ପୃକ୍ତ ଅଞ୍ଚଳରେ ମାଓ ବିରୋଧୀ ଅଭିଯାନ ଆରମ୍ଭ କରିଥିଲେ । (୯ ପୃଷ୍ଠାରେ)

### ବିଏମସି ଅତିରିକ୍ତ କମିଶନରଙ୍କୁ ମାଡ ଘଟଣା

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲେ ନବୀନ



ଭୁବନେଶ୍ୱର, ୩୦।୬ (ସବ୍ୟୁ) : ବିଏମସିର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ଆକ୍ରମଣ ଘଟଣାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିନ୍ଦା କରିଛନ୍ତି । ନବୀନ ଉଲ୍ଲେଖ କରିଛନ୍ତି ଯେ ସମ୍ପୃକ୍ତ ଅଧିକାରୀଙ୍କୁ ବିଜେପି କର୍ପୋରେଟରଙ୍କ ସମ୍ମୁଖରେ ଅତ୍ୟନ୍ତ ନିର୍ମମ ଭାବେ ଗୋଇଠା ମରାଯାଇଥିଲା । ବିଜେପିର ପରାଜିତ ବିଧାୟକ ପ୍ରାର୍ଥୀଙ୍କ ସମର୍ଥକଙ୍କ ଏଥିରେ ସମ୍ପୃକ୍ତି ରହିଛି ।

ରାଜଧାନୀର ଛାତି ଉପରେ ଦିନ ଦ୍ୱିପ୍ରହରେ ଏଭଳି ଘଟଣା ଅଭିଯୋଗ ଶୁଣାଣି ସମୟରେ ଘଟିଛି । ଯାହା ଅତ୍ୟନ୍ତ ସ୍ୱର୍ଶକାତର । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ଯେଉଁମାନେ ଅଭିଯୁକ୍ତ ସେମାନଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରୁଛି । ମୁଁ ପଚାରିବାକୁ ଚାହେଁ ଯେ ଯେଉଁ ରାଜନୈତିକ ନେତାମାନେ ଏଭଳି ଷଡ଼ଯନ୍ତ୍ର କରି ଲଜ୍ଜାଜନକ ଆକ୍ରମଣ କଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ । ସମ୍ପୃକ୍ତ ଅଫିସର ଏତଲାରେ ମଧ୍ୟ କିଛି ଲୋକଙ୍କ ନାମ ଉଲ୍ଲେଖ କରିଛନ୍ତି । ତାଙ୍କ ସହ ଅପରାଧୀ ଭଳି ବ୍ୟବହାର କରାଯାଇଛି । ଯଦି ଜଣେ ବରିଷ୍ଠ ଅଫିସର ତାଙ୍କ ଅଫିସରେ ସୁରକ୍ଷିତ ନୁହଁନ୍ତି ତେବେ ସାଧାରଣ ଲୋକ ସରକାରଙ୍କ ଠାରୁ ଆଇନ୍ ଶୃଙ୍ଖଳା ନେଇ କ'ଣ ଆଶା କରିବେ । ମୁଖ୍ୟମନ୍ତ୍ରୀ ତୁରନ୍ତ ଏ ଘଟଣାରେ ହସ୍ତକ୍ଷେପ କରି ସରକାରଙ୍କ ଉପରେ ବିଶ୍ୱାସକୁ ପୁନଃ ସଂସ୍ଥାପନ କରନ୍ତୁ । ଏଭଳି ଘୃଣ୍ୟ ଅପରାଧକୁ ପ୍ରଶ୍ରୟ ଦିଅନ୍ତୁ ନାହିଁ । ନଚେତ୍ ଲୋକମାନେ ତାଙ୍କୁ କ୍ଷମା ଦେବେନାହିଁ । ରାଜ୍ୟପାଳଙ୍କ ପୁଅ ସରକାରୀ କର୍ମଚାରୀଙ୍କୁ ମାଡ ମାରିବା ଘଟଣାକୁ ଯେଭଳି ଚାପି ଦିଆଗଲା ଏହାକୁ ଚାପି ନ ଦିଆଯାଉ ।

# ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର, ୩୦।୬ (ସବ୍ୟୁ) : ବିଏମ୍‌ସି ଅତିରିକ୍ତ କମିଶନର ରନାକର ସାହୁଙ୍କୁ ତାଙ୍କ ଅଫିସ୍ ଭିତରେ ଦୁର୍ବୃତ୍ତମାନେ ପଶି ଆକ୍ରମଣ କରିଛନ୍ତି । ଏ ସମ୍ପର୍କରେ ଅତିରିକ୍ତ କମିଶନର ଖାରବେଳନଗର ଥାନାରେ ଏତଲା କରିବା ପରେ ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ୩ଜଣଙ୍କୁ ଗିରଫ କରିଛି । ଗିରଫ ୩ଜଣ ହେଲେ କର୍ପୋରେଟର ଜୀବନ ରାଉତ, ରଶ୍ମି ମହାପାତ୍ର ଓ ଦେବାଶିଷ ପ୍ରଧାନ । ପ୍ରତିବାଦରେ ରାଜ୍ୟର ସମସ୍ତ ଓଏଏସ୍ ଅଫିସର ମଙ୍ଗଳବାର ସମୂହ ଛୁଟିରେ ଯିବେ ବୋଲି ଓଏଏସ୍ ସଂଘ ପକ୍ଷରୁ ଘୋଷଣା କରାଯାଇଛି ।

ଆକ୍ରମଣକୁ ପ୍ରତିବାଦ କରି ବିଏମ୍‌ସି କର୍ମଚାରୀମାନେ ଦିନତମାମ୍ ଅଫିସ୍ ଭିତରେ



- ବିଜେପି କର୍ପୋରେଟଙ୍କ ସମେତ ୩ ଗିରଫ
- ଆଜି ସମୂହ ଛୁଟିରେ ଯିବେ ଓଏଏସ୍ ଅଧିକାରୀ
- ବିଜେଡି କର୍ପୋରେଟର ଓ ବିଏମ୍‌ସି କର୍ମଚାରୀଙ୍କ ରାସ୍ତାରେ ଧାରଣା
- ଆକ୍ରମଣକୁ ନିନ୍ଦା କଲେ ସାଂସଦ ଅପରାଜିତା ଷଡଙ୍ଗୀ
- ଅଭିଯୁକ୍ତଙ୍କ ବିରୋଧରେ ଲାଗିଲା ହତ୍ୟା ଉଦ୍ୟମ ଦଫା



ପ୍ରତିବାଦ କରିଥିବା ବେଳେ ସନ୍ଧ୍ୟାରେ ଜନପଥକୁ ଓହ୍ଲାଇ ଧାରଣା ଦେଇଥିଲେ । ତାଙ୍କ ସହ ବିଜେଡି କର୍ପୋରେଟରମାନେ ମଧ୍ୟ ଧାରଣା ଦେଇଥିଲେ । ରାସ୍ତାରେ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ସେମାନେ ଧାରଣା ଦେବା ଦ୍ୱାରା ବାଣୀବିହାରରୁ ରାଜମହଲ ପର୍ଯ୍ୟନ୍ତ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିଲା । ପୋଲିସ ତିନିଜଣଙ୍କୁ ଗିରଫ ଘୋଷଣା କରିବା ପରେ ବିଜେଡି କର୍ପୋରେଟରମାନେ ଆନ୍ଦୋଳନରୁ ନହଟିବାରୁ ସେମାନଙ୍କୁ ପୋଲିସ ଉଠାଇ ନେଇଥିଲା । ଅଫିସ୍ ଭିତରେ କାର୍ଯ୍ୟରତ ଅଫିସର ରତ୍ନାକର ସାହୁଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରିବା ଘଟଣାକୁ (୯ ପୃଷ୍ଠାରେ)

## ମୃତ୍ତିକା ସଂରକ୍ଷଣ ଯୁଗ୍ମ ନିର୍ଦ୍ଦେଶକଙ୍କ ଅମାପ ସମ୍ପତ୍ତି

ଭୁବନେଶ୍ୱର, ୩୦।୬ (ସବ୍ୟୁ) : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ମୃତିକା ସଂରକ୍ଷଣ ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗ୍‌ଙ୍କ ଘରେ ସୋମବାର ଭିଜିଲାନ୍ସ ଚଢାଉ କରିଛି । ଭିଜିଲାନ୍ସର ୮ଟି ଟିମ୍ ଏକସଂଗେ ୮ଟି ସ୍ଥାନରେ ଚଢାଉ କରିଥିଲେ । ବିଭିନ୍ନ ସ୍ଥାନରେ ଥିବା ୮୪ ଏକର ଜମି, ୨ଟି ଫାର୍ମ ହାଉସ୍, ରାଜଧାନୀରେ ୨ଟି କୋଠା, ମାର୍କେଟ ବିଲ୍ଡିଂ, ୫୮ ଲକ୍ଷ ବ୍ୟାଙ୍କ ଜମା, ଗହଣା ଓ ଗାଡି ପ୍ରଭୃତି ଠାବ ହୋଇଥିବା ଭିଜିଲାନ୍ସ ସୂଚନା ଦେଇଛି । ଭିଜିଲାନ୍ସ କହିବାନୁଯାୟୀ ଚଢାଉ ଜାରି ରହିଥିବାରୁ ସମୁଦାୟ ସମ୍ପତ୍ତି ସ୍ପଷ୍ଟ ହୋଇନାହିଁ । ଠାବ ହୋଇଥିବା ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ କେତେହେବ ତାହା ଭିଜିଲାନ୍ସ ଟେକ୍ନିକାଲ ଟିମ୍ ଆକଳନ କରିବ । ଏକସଙ୍ଗେ ଭୁବନେଶ୍ୱର, କଳାହାଣ୍ଡି ଓ ନବରଙ୍ଗପୁରରେ ଚଢାଉ କରାଯାଇଛି ।



### ୮୪ ଏକର ଜମି, ୨ ଫାର୍ମ ହାଉସ୍, କୋଠା, ମାର୍କେଟ ବିଲଡିଂ, ୫୮ ଲକ୍ଷ ବ୍ୟାଙ୍କ ଜମା ଓ ଗହଣା ଠାବ

ଦୟାନିଧିଙ୍କ କଳାହାଣ୍ଡି, ଜୁନାଗଡ ଥାନା ଅଞ୍ଚଳରେ ଥିବା ଘର, ଶ୍ୱଶୁର ଘର ବିକ୍ରମଗୁଡା, ଭୁବନେଶ୍ୱର ଗୋଠପାଟଣା ମହାନଦୀ ଆପାର୍ଟମେଣ୍ଟ ଘରେ, ଚନ୍ଦ୍ରଶେଖରପୁର ଏଲ୍‌ଆଇଜି ଘରେ, ଭୁବନେଶ୍ୱର ଅଫିସ୍ ଚାମ୍ବର, ନବରଙ୍ଗପୁର ମଝିଗୁଡା ଛକ ନିର୍ମାଣାଧୀନ ଘରେ, ନବରଙ୍ଗପୁର ଚୁଡିଆଗୁଡା ଛକ ଘରେ, ଚୁଡିଆଗୁଡା ମୌଜାରେ ଥିବା ଅନ୍ୟ ଏକ ଘରେ ଏକସଂଗେ ଚଢାଉ କରାଯାଇଥିବା ଭିଜିଲାନ୍ସ କହିଛି । ଭୁବନେଶ୍ୱରରେ ଥିବା ଦୁଇଟି ଘର ମଧ୍ୟରୁ ଗୋଟିଏ ୩ ମହଲା ଘର, ୮୪ ଏକର ଜମି, ନବରଙ୍ଗପୁରରେ ୨ଟି ଫାର୍ମ ହାଉସ୍ । ଗୋଟିଏ ୪୦ ଏକର ଓ ଅନ୍ୟଟି ୬ ଏକର ବୋଲି ସୂଚନା ମିଳିଛି । ସଫିଂ କମ୍ପ୍ଲେକ୍ସ, ବ୍ୟାଙ୍କ ଜମା ୫୮ ଲକ୍ଷ, କାର୍, ଗହଣା ପ୍ରଭୃତି ଠାବ ହୋଇଛି । ମହାନଦୀ ବିହାର ତିନିମହଲା ଫ୍ଲାଟ୍, ମଝିଗୁଡା ଛକରେ ୩ହଜାର ବର୍ଗଫୁଟ୍‌ର କୋଠା, ଚନ୍ଦ୍ରଶେଖରପୁର ଘର, ସଫିଂ କମ୍ପ୍ଲେକ୍ସରେ ୫ଟି ଦୋକାନ (ଯାହା ୧୪ ବର୍ଗଫୁଟ୍) ବୋଲି ଭିଜିଲାନ୍ସ ଆକଳନ କରିଛି । ୪୦ଏକର ଫାର୍ମ ହାଉସ୍‌ରେ ଗଭୀର ଜଳସେଚନ ବ୍ୟବସ୍ଥା ଥିବା (୯ ପୃଷ୍ଠାରେ)

## ଜୁଲାଇରେ ସ୍ୱାଭାବିକଠୁ ଅଧିକ ବର୍ଷିବ

### ଲଘୁଚାପ ଯୋଗୁଁ ୪ ଯାଏଁ ପ୍ରବଳ ବର୍ଷା

ଭୁବନେଶ୍ୱର, ୩୦।୬ (ସବ୍ୟୁ): ମୌସୁମୀ ନିମ୍ନଚାପ ରେଖା ଆଜି ରାଜସ୍ଥାନର ଗଙ୍ଗାନଗରରୁ ବାହାରି, ଦିଲ୍ଲୀ, ଫତେହଗଡ, ସିଦ୍ଧି, ଜାମସେଦପୁର, ରୁ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟାକାର ଉପକୂଳ ଅଞ୍ଚଳରେ ସକ୍ରିୟ ଲଘୁଚାପ କ୍ଷେତ୍ରର କେନ୍ଦ୍ର ମଧ୍ୟରୁ ଦକ୍ଷିଣପୂର୍ବ ଦିଗରେ ଉତ୍ତରପୂର୍ବ ବଙ୍ଗୋପସାଗର ଯାଏଁ ଲମ୍ବିଛି । ଜୁଲାଇ ମାସରେ ଦେଶରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ସମ୍ଭାବନା । ସ୍ୱାଭାବିକି ବର୍ଷାର ୧୦୬% ବୃଷ୍ଟିପାତ ପାଇଁ ପୂର୍ବାନୁମାନ କରାଯାଇଛି ।


ପାଣିପାଗ ବିଭାଗ କହିବାନୁସାରେ, ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର । ଆସନ୍ତା ୪ ତାରିଖ ଯାଏଁ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି । ଅତିପ୍ରବଳ ବର୍ଷା ପାଇଁ ଆସନ୍ତାକାଲି(ମଙ୍ଗଳବାର) ୩ ଜିଲ୍ଲାକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ପ୍ରବଳ ବର୍ଷା ନେଇ ମୟୂରଭଞ୍ଜ, କେନ୍ଦୁଝର, ବରଗଡ଼, ସୁବର୍ଣ୍ଣପୁର, ଅନୁଗୁଳ ଓ ଦେବଗଡ଼କୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି ।

ଏପଟେ ଉତ୍ତର ଓଡିଶାରେ ପ୍ରବଳ ବର୍ଷା ସମ୍ଭାବନା ଥିବା ବେଳେ ମୟୂରଭଞ୍ଜରେ ମଧ୍ୟ ପ୍ରବଳ ବର୍ଷା ଆଶଙ୍କା ରହିଛି । ପ୍ରବଳ ବର୍ଷା ଆଶଙ୍କାକୁ ଦେଖି ଆଜି ମୟୂରଭଞ୍ଜରେ ସ୍କୁଲ୍ ଛୁଟି ଘୋଷଣା କରାଯାଇଛି । (୯ ପୃଷ୍ଠାରେ)



# ଜୀବନ୍ତ ଗଛର ଅଙ୍ଗାରକାମ୍ଳ ଅବଶୋଷଣ

ପରିବେଶ ପ୍ରଦୂଷଣକୁ ରୋକିବାକୁ ବୈଜ୍ଞାନିକମାନେ ବିଭିନ୍ନ ସମୟରେ ଭିନ୍ନଭିନ୍ନ ଗବେଷଣା କରିଥାଆନ୍ତି । ସୁଇଜରଲାଣ୍ଡର କିଛି ବୈଜ୍ଞାନିକମାନେ ଏହାକୁ ଉଦ୍ଭାବନ କରିବାରେ ସଫଳ ହୋଇଛନ୍ତି । ସେମାନେ କରିବାରେ ବ୍ୟବହାର କରାଯିବ । ଯାହାଦ୍ୱାରା ପରିବେଶ ପ୍ରଦୂଷଣ କମିବ ବୋଲି ବୈଜ୍ଞାନିକମାନେ ଆଶା ପ୍ରକାଶ କରିଛନ୍ତି । ଏହାକୁ




ନିକଟରେ ସେହିଭଳି ଏକ ଉଦ୍ଭାବନ ଖୁବ ଚର୍ଚ୍ଚାରେ ରହିଛି । ବୈଜ୍ଞାନିକମାନେ ଏକ ଫଟୋସିନ୍ଥେଟିକ୍‌ର ଉଦ୍ଭାବନ କରିଛନ୍ତି ଯାହା କାର୍ବୋନ ଡାଇଅକ୍ସାଇଡ୍ ବା ଅଙ୍ଗାରକାମ୍ଳକୁ ଅବଶୋଷଣ କରିବାରେ ସକ୍ଷମ । ଏହାକୁ ବ୍ଲୁ ଗ୍ରୀନ ଆଲ୍‌ଜିକୁ ବ୍ୟବହାର କରି ପ୍ରସ୍ତୁତ କରିଥିବା ସୂଚନା ଦେଇଛନ୍ତି । ଏହାକୁ ବ୍ୟବହାର କରି ସେମାନେ କିଛି ଇକୋ ଫ୍ରେଣ୍ଡଲି କମ୍ପୋନେଟ୍‌ର ମଧ୍ୟ ଉଦ୍ଭାବନ କରିଛନ୍ତି ଯାହା ଆଗକୁ ଘର ତିଆରି ନେଇ ବର୍ତ୍ତମାନ ଗବେଷଣା ଜାରି ରହିଛି, ଖୁବଶୀଘ୍ର ଏହାକୁ ବଜାରକୁ ରିଲିଜ୍ କରାଯିବା ନେଇ ବୈଜ୍ଞାନିକମାନେ ଆଶା ପ୍ରକାଶ କରିଛନ୍ତି । ଏହା ପରିବେଶ ପ୍ରଦୂଷଣ ପାଇଁ ଖୁବ ଉପକାରୀ ସାବ୍ୟସ୍ତ ହେବ ବୋଲି ସେମାନେ ମତ ବ୍ୟକ୍ତ କରିଛନ୍ତି ।

## ଇତିହାସ

୧୮୬୨– କୋଲକାତା ହାଇକୋର୍ଟର ଉଦ୍‌ଘାଟନ ।
୧୮୭୯– ଭାରତରେ ପୋଷ୍ଟକାର୍ଡ ସେବା ଆରମ୍ଭ ହେଲା ।
୧୮୮୧– ଟେଲିଫୋନ୍‌ରେ ପ୍ରଥମକରି ଅନ୍ତର୍ଜାତୀୟ କଲ୍ ସେବା ଆରମ୍ଭ ହେଲା ।
୧୮୮୨– ଭାରତରତ୍ନ ସମ୍ମାନିତ ତଥା ବରିଷ୍ଠ ଚିକିତ୍ସକ, ଶିକ୍ଷାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ବିଧାନ ଚନ୍ଦ୍ର ରୟଙ୍କ ସ୍ମୃତିରେ ଭାରତରେ ଜାତୀୟ ଡାକ୍ତର ଦିବସ ପାଳନ କରାଗଲା । ସେ ଆଜିର ଦିନରେ ଜନ୍ମଗ୍ରହଣ କରିବା ସହିତ ୧୯୬୨ରେ ଆଜିର ଦିନରେ ତାଙ୍କର ମୃତ୍ୟୁ ଘଟିଥିଲା ।
୧୯୨୭– ଭାରତର ଅଷ୍ଟମ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର ସିଂହଙ୍କ ଜନ୍ମ ।
୧୯୯୬– ଅଷ୍ଟ୍ରେଲିଆର ଉତ୍ତର ପ୍ରାନ୍ତରେ ଇଚ୍ଛାମୃତ୍ୟୁ ଆଇନ୍ ଲାଗୁ ହେଲା, ଯାହା ବିଶ୍ୱରେ ପ୍ରଥମ ଘଟଣା ।
୧୯୯୭– କୋଲକାତାରେ ଦେଶର ପ୍ରଥମ ସାଇନ୍ସ ସିଟିକୁ ସ୍ଥାପନ କରାଗଲା ।
୨୦୦୬– ଏସୀୟ ଯୁବ ଚେସ୍ ଚାମ୍ପିୟନ୍‌ସିପ୍‌ରେ ଭାରତ ୮ଟି ସ୍ୱର୍ଣ୍ଣ ଜିତିଲା ।
୨୦୦୬– ଭାରତ–ଆମେରିକା ପରମାଣୁ ବୁଝାମଣାକୁ ଆମେରିକୀୟ ସଂସଦ ସମିତି ମଞ୍ଜୁରୀ ଦେଲା ।
୨୦୦୭– ଇଂଲଣ୍ଡରେ ସାର୍ବଜନୀନ ସ୍ଥାନରେ ଧୂମପାନ ଉପରେ ଲାଗୁ ପ୍ରତିବନ୍ଧକ କାର୍ଯ୍ୟକାରୀ ହେଲା ।
୨୦୧୩– ନେପଚୁନ୍ ଗ୍ରହର ଏସ୍ ୨୦୦୪ଏନ୍ ୧ର ସନ୍ଧାନ କରାଗଲା ।
୨୦୧୭– ଭାରତରେ ଜିଏସ୍‌ଟି ଲାଗୁ ହେଲା ।

## ସଂକ୍ଷେପରେ ଶ୍ରୀକ୍ଷେତ୍ର–୩

୫୯. ଶ୍ରୀଜଗନ୍ନାଥଙ୍କ ବନପ୍ରକଳ୍ପ କେତେ ଅଞ୍ଚଳ ପରିମିତ ? –୨୬୮୬ ହେକ୍ଟର
୬୦. ଶ୍ରୀଜଗନ୍ନାଥଙ୍କ ଇନ୍ଦ୍ରଦ୍ୟୁମ୍ନ ପୋଖରୀର ଆକାର –୪୮୫.୩୯୬ ଫୁଟ
୬୧. ଶ୍ରୀଜଗନ୍ନାଥ ସଡ଼କ (ପୁରୀ–ଜଳେଶ୍ୱର)କୁ ଇଂରେଜମାନେ କେବେ ନିର୍ମାଣ କରିଥିଲେ ? –୧୮୧୨ରୁ ୧୮୨୬ ଭିତରେ
୬୨. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ଗଡ଼ଜାତ ରାଜାମାନେ କେବେ ବନ୍ଦୋବସ୍ତ କରିଥିଲେ ? –୧୮୮୫
୬୩. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ତାଳଚେର ରାଜା ବାର୍ଷିକ କେତେ ରାଶି ମଞ୍ଜୁର କରିଥିଲେ ? –୧୬୩ଟ. ୨ଅଣା ୯ ପାହୁଲା



୬୪. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ଦଶପଲ୍ଲା ରାଜା ବାର୍ଷିକ କେତେ ରାଶି ମଞ୍ଜୁର କରିଥିଲେ? –୨୦ଟ.
୬୫. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ହିନ୍ଦୋଳ ରାଜା ବାର୍ଷିକ କେତେ ରାଶି ମଞ୍ଜୁର କରିଥିଲେ ? –୨୩୩ଟଙ୍କା ୨୨ ଅଣା
୬୬. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ବୌଦ ରାଜା ବାର୍ଷିକ କେତେ ରାଶି ମଞ୍ଜୁର କରିଥିଲେ ? – ୫୦ଟ.
୬୭. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ମୟୂରଭଞ୍ଜ ରାଜା ବାର୍ଷିକ କେତେ ରାଶି ମଞ୍ଜୁର କରିଥିଲେ ? – ୩୩୫ଟ. ୯ ଅଣା ୧୫ ପାହୁଲା
୬୮. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ଢେଙ୍କାନାଳ ରାଜା ବାର୍ଷିକ କେତେ ରାଶି ମଞ୍ଜୁର କରିଥିଲେ ? – ୬୧୪ଟ. ୭ ଅଣା ୬ ପାହୁଲା
୬୯. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ଢେଙ୍କନାଳ ରାଜା କେତେ ପରିମାଣର ଜମି ଖଞ୍ଜିଥିଲେ ? – ୭୩ ବାଟି ୧୮ ଗୁଣ୍ଠ
୭୦. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ନୀଳଗିରି ରାଜା କେତେ ପରିମାଣର ଜମି ଖଞ୍ଜିଥିଲେ ? – ୧ ବାଟି ୧୦ ଗୁଣ୍ଠ
୭୧. ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣୋହି ପାଇଁ ଅନୁଗୋଳ ଅଞ୍ଚଳରେ କେବେ ପରିମାଣର ଜମି ଖଞ୍ଜିଥିଲେ ? – ୧୧୩ ବାଟି ୪ ମାଣ ୧ ଗୁଣ୍ଠ

# ଫେରିଲେ ପରେଶ

ବିଗତ କିଛି ଦିନ ଧରି ପରେଶ ରାଓ୍ୱଲ ଫିଲ୍ମ ହେରାଫେରୀ ୩କୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି । ପରେଶ ଏହି ଫିଲ୍ମରେ ଅଭିନୟ କରିବେ ନାହିଁ ବୋଲି କହିବା ପରେ ବିବାଦ ଦେଖିବାକୁ ମିଳିଥିଲା । ଏପରିକି କଥା କୋର୍ଟକୁ ମଧ୍ୟ ଯାଇଥିଲା । ଏପରଟେ ଫ୍ୟାନ୍‌ମାନେ ଏହି ଖବରକୁ ସହଜରେ ଗ୍ରହଣ କରିପାରିନଥିଲେ । ପରେଶଙ୍କ ବିନା ହେରାଫେରୀ ୩ର ମଜା ଆସିବ ନାହିଁ ବୋଲି ଦର୍ଶକ ମତ ଦେବାରେ ଲାଗିଥିଲେ । ହେଲେ ବର୍ତ୍ତମାନ ଏହି ବିବାଦର ଅନ୍ତ ଘଟିଛି । ପରେଶ ରାଓ୍ୱଲ ବର୍ତ୍ତମାନ ଏହି ଫିଲ୍ମରେ ନଜର ଆସିବେ ବୋଲି ସୂଚନା ମିଳିଛି । ଦର୍ଶକଙ୍କ ପ୍ରତି ଥିବା ତାଙ୍କର କର୍ତ୍ତବ୍ୟ ପାଇଁ ସେ ଏହି ଫିଲ୍ମକୁ ଫେରିଥିବା ପରେଶ ମତ ଦେଇଛନ୍ତି । ତେବେ ପରେଶଙ୍କର ପୁଣି ଫିଲ୍ମରେ ଯୋଗଦେବା ଦର୍ଶକଙ୍କୁ ଖୁବ ଖୁସି ଦେଇଛି । ସମସ୍ତେ ବର୍ତ୍ତମାନ ଫିଲ୍ମର ତିନି ଯୋଡି ବାବୁରାଓ, ରାଜୁ ଓ ଶ୍ୟାମଙ୍କୁ ଦେଖିବାକୁ ଉତ୍ସାହିତ ଥିବା ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି । ପୂର୍ବରୁ ହେରାଫେରିର ସମସ୍ତ ପାର୍ଟକୁ ଦର୍ଶକ ଖୁବ ଭଲପାଇବା ଦେଇଛନ୍ତି । ବିଶେଷଭାବେ ଅକ୍ଷୟ କୁମାର, ପରେଶ ରାଓ୍ୱଲ ଓ ସୁନୀଲ ସେଟ୍ଟୀଙ୍କୁ ଦର୍ଶକ ଖୁବ ଭଲ ପାଇବା ଦେଇ ଆସିଛନ୍ତି । ଫିଲ୍ମ ସିରିଜ୍‌ଟି ବଲିଉଡର ବ୍ଲକ୍‌ବଷ୍ଟର ଫିଲ୍ମଙ୍କ ଭିତରୁ ଗୋଟିଏ । ପୂର୍ବ ଭାଗ ଭଳି ତୃତୀୟ ଭାଗକୁ ମଧ୍ୟ ଦର୍ଶକ ହିଟ୍ କରାଇବେ ବୋଲି ମେକର୍ସ ଆଶା ରଖିଛନ୍ତି ।



## ସୋସିଆଲ କୋଟ୍ସ

"ବାପାଙ୍କ ସହ ମୋର ଯେଉଁ ଫଟୋ ଭାଇରାଲ ହୋଇଥିଲା ସେ ମୁମେଣ୍ଟଟି ବହୁତ ଇନୋସେଣ୍ଟ ଥିଲା । ମୋତେ ଲୋକଙ୍କୁ ସେ ବିଷୟରେ କିଛି ବୁଝେଇବାର ନାହିଁ ।

ପୂଜା ଭଟ୍ଟ, ଅଭିନେତ୍ରୀ





"ମୁଁ ବି ଆପଣଙ୍କ ଭଳି ସେଣ୍ଟିମେଣ୍ଟାଲ୍ । ମୋ ହୃଦୟ ମଧ୍ୟ ପ୍ରେମରେ ଅନେକ ଥର ଭାଙ୍ଗିଛି । ମୁଁ ଏକାକୀ ମୋ ପିଲାଙ୍କୁ ପାଳୁଛି, ଯେଉଁଥିପାଇଁ ମୁଁ ବହୁତ ପରିଶ୍ରମ କରୁଛି ।

କରଣ ଜୋହର, ଅଭିନେତା

"ଯବାନ୍ ଫିଲ୍ମ ଦେଖିବା ପରେ ଏଥିରେ ଥିବା ସମସ୍ତ ଚରିତ୍ର ପ୍ରତି ଭଲପାଇବା ଆସିଯାଇଛି । ସେହି ଫିଲ୍ମରେ ମୋତେ ଶାହରୁଖଙ୍କ ପ୍ରତିଟି ଷ୍ଟାଇଲ୍ ବେଶ୍ ଭଲ ଲାଗିଥିଲା ।

ଅନୁପମ ଖେର, ଅଭିନେତା




# ଶୁଖିଲା ବେସନ ତରକାରୀ

**ସାମଗ୍ରୀ–** ଛଣା ବେସନ ଖଣ୍ଡ, କ୍ୟାପସିକମ୍, ଗାଜର, ବିଟ୍, କଟା ପିଆଜ, କଟା ଟମାଟୋ, କଟା ଅଦା, କଟା ରସୁଣ, କଞ୍ଚା ଲଙ୍କା, ଟମାଟୋସସ୍, ଚିଲି ସସ୍, ସୋୟା ସସ୍, ପିଜା ମିକ୍ସ ।


**ପ୍ରଣାଳୀ–** ପ୍ରଥମେ ବେସନକୁ ଖର୍ଲି କରି ଛୋଟଛୋଟ ଖଣ୍ଡରେ କାଟି ଛାଣି ନିଅନ୍ତି । ଏହାପରେ ଏକ ପ୍ୟାନ୍‌ରେ ଅଳ୍ପ ତେଲ ଦେଇ ସେଥିରେ କଞ୍ଚା ଲଙ୍କା, ରସୁଣ ଓ ଅଦା ପକାନ୍ତୁ । ଏହାପରେ ଏଥିରେ ପିଆଜ ପକାଇ ଅଳ୍ପ ଭାଜନ୍ତୁ । ଭାଜିହେବା ପରେ ଏଥିରେ କ୍ୟାପସିକମ, ଗାଜର ଓ ବିଟ୍ କଟା ପକାନ୍ତୁ । ଲୁଣ ପକାଇ ସମସ୍ତ ପରିବାକୁ ଭାଜନ୍ତୁ । କିଛି ସମୟ ପରେ ଏଥିରେ ଟମାଟୋ ପକାଇ ଗୋଳାନ୍ତୁ । ଟମାଟୋ ଅଳ୍ପ ଭାଜି ହେବାପରେ ଏଥିରେ ସମସ୍ତ ସସ୍‌କୁ ପକାଇ ଗୋଳାନ୍ତୁ । ଏହାପରେ ଶେଷରେ ଏଥିରେ ବେସନ ଛଣା ଖଣ୍ଡକୁ ପକାଇ ଗୋଳାଇ ନିଅନ୍ତୁ । ଅଳ୍ପ ସମୟ ଫୁଟିବା ପରେ ଶେଷରେ ଏଥିରେ ମିଜା ମିକ୍ସ ପକାଇ ପ୍ରସ୍ତୁତ କରନ୍ତୁ ଶୁଖ । ବେସନ ତରକାରୀ ।





# ଘରର ସୁନା ଆସ୍ତରଣ

ସୋସିଆଲ ମିଡିଆରେ ବର୍ତ୍ତମାନ ଏକ ଘର ଖୁବ ଭାଇରାଲ ହେବାରେ ଲାଗିଛି । ଏହି ଘରଟିକୁ ସୋସିଆଲ ମିଡିଆରେ ସୁନା ଘରର ଆଖ୍ୟା ଦିଆଯାଇଛି । ଇନ୍‌ଷ୍ଟାଗ୍ରାମରେ ଜଣେ କଣ୍ଟେଣ୍ଟ କ୍ରିଏଟର ଏକ ଭିଡିଓ ପୋଷ୍ଟ କରିଛନ୍ତି ଯେଉଁଥିରେ ଏହି ସୁନା ଘର ଦେଖିବାକୁ ମିଳୁଛି । ମଧ୍ୟପ୍ରଦେଶର ଇନ୍ଦୋରରରେ ଏହି ଘରଟି ରହିଛି, ଯେଉଁଥିରେ ଘରର ସମସ୍ତ କଥା ସୁନାରୁ ତିଆରି ହୋଇଛି । ଏହି ଘରଟିରେ ୧୦ଟି ଶୋଇବା ଘର ରହିଛି ଏବଂ ଘର ହତା ଭିତରେ ଗୋଟିଏ ଗୁହାଳ ମଧ୍ୟ ରହିଥିବାର ଦେଖିବାକୁ ମିଳୁଛି । ଘରର ଅଧିକାଂଶ ସାଜସଜ୍ଜା ସୁନା ଥିମ୍‌ରେ କରାଯାଇଛି । ଘରଟି ବେଶ୍ ଭବ୍ୟ ହୋଇଥିବା ଦେଖିବାକୁ ମିଳୁଛି । ଏହି ବ୍ୟକ୍ତିଜଣଙ୍କର ଗୋଟିଏ ପେଟ୍ରୋଲ ପମ୍ପ ଥିବାବେଳେ ସେ ପେଶାରେ ଜଣେ କଣ୍ଟ୍ରାକ୍ଟର । ସେହିଭଳି ସେ ହୋଟେଲ୍ ବ୍ୟବସାୟରେ ମଧ୍ୟ ଇନ୍‌ଭେଷ୍ଟ କରିଛନ୍ତି । ୟୁଜର୍ସମାନେ ତାଙ୍କ ଘର ଦେଖି ଆଶ୍ଚର୍ଯ୍ୟ ହେଉଥିବା ଦେଖିବାକୁ ମିଳୁଛି ।




# ଇଲିଆନାଙ୍କୁ ଶୁଭେଚ୍ଛା

ବଲିଉଡ ଅଭିନତ୍ରୀ ଇଲିଆନା ଡିକ୍ରୁଜଙ୍କୁ ବର୍ତ୍ତମାନ ଶୁଭେଚ୍ଛା ମିଳିବାରେ ଲାଗିଛି । ଏହା ପଛରେ ଏକ ଖୁସି ଖବର କାରଣ ରହିଛି । ସୂଚନା ଅନୁସାରେ ଇଲିଆନା ନିକଟରେ ପୁଣିଥରେ ମାଆ ହେବାର ସୌଭାଗ୍ୟ ପାଇଛନ୍ତି । ଦ୍ୱିତୀୟ ସନ୍ତାନ ଭାବେ ସେ ଏକ ପୁତ୍ରକୁ ଜନ୍ମ ଦେଇଛନ୍ତି । ଏହି ସୂଚନା ସେ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଦେବାପରେ ଏହା ଖୁବ ଭାଇରାଲ ହେଉଥିବାର ଦେଖିବାକୁ ମିଳୁଛି । ଏହି ଖବର ଜଣାପଡିବା ପରେ ତାଙ୍କ ଫ୍ୟାନଙ୍କ ସମେତ ଅନେକ ସେଲିବ୍ରିଟି ତାଙ୍କୁ ଏଥିପାଇଁ ଶୁଭେଚ୍ଛା ଦେବାରେ ଲାଗିଛନ୍ତି । ଗତ ୧୯ ତାରିଖରେ ତାଙ୍କର ପୁତ୍ରସନ୍ତାନ ଜନ୍ମ ହୋଇଥିବା ଏହି ପୋଷ୍ଟରେ ଉଲ୍ଲେଖ ରହିଛି । ୨୦୨୩ରେ ତାଙ୍କର ପ୍ରଥ ପୁତ୍ର ଜନ୍ମ ହୋଇଥିଲା । ୨୦୦୬ରେ ତେଲୁଗୁ ଫିଲ୍ମରୁ ନିଜର ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ ଇଲିଆନା । ତାଙ୍କୁ ଉଭୟ ହିନ୍ଦୀ ଓ ତେଲୁଗୁ ଇଣ୍ଡଷ୍ଟ୍ରୀରେ ଏକାଧିକ ହିଟ୍ ଫିଲ୍ମରେ ଦେଖିବାକୁ ମିଳିଛି ।



## ହାହାଃ.. ହାହାଃ..



ରାମୁ – ସାର୍ ମୋର ଭୁଲିବା ଗୁଣ ବଢୁଛି । ମୁଁ ସଙ୍ଗେ ସଙ୍ଗେ କଥା ଭୁଲି ଯାଉଛି ଏପରିକି ଲୋକଙ୍କୁ ମଧ୍ୟ ଚିହ୍ନି ପାରୁନି ।
ଡାକ୍ତର – ଏହା ତୁମର କେତେଦିନ ହେଲା ହେଉଛି ?
ରାମୁ କିଛି ସମୟ ଚୁପ ରହିଲା ।
ଡାକ୍ତର – ଆରେ ମୋ ପ୍ରଶ୍ନର ଉତ୍ତର ଦିଅ ।
ରାମୁ – ଆପଣ କିଏ ? ମୁଁ ଏଠାକୁ କ'ଣ ପାଇଁ ଆସିଛି ?

### ରଥଯାତ୍ରାରେ ଅମାନିଆ ଚାଳକଙ୍କ ଉପରେ ବିଶେଷ ନଜର, କଟିଲା ୧୮୦୦ ଇ-ଚାଲାଣ

# ୭ଟି ସ୍ୱତନ୍ତ୍ର ଟିମ ପୁରୀର ବିଭିନ୍ନ ରୁଟରେ କରୁଛନ୍ତି କଡ଼ାକଡ଼ି ଏନଫୋର୍ସମେଣ୍ଟ



ଭୁବନେଶ୍ୱର, (ସବ୍ୟୁ): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ପରିବହନ ବ୍ୟବସ୍ଥା ଶୃଙ୍ଖଳିତ ରଖିବା ପାଇଁ ବାଣିଜ୍ୟ ପରିବହନ ବିଭାଗ ଅଧିନରେ ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା କଡ଼ାକଡ଼ା ଏନଫୋର୍ସମେଣ୍ଟ କରାଯାଇଛି। ଆଗକୁ ଅନ୍ୟ ପ୍ରମୁଖ ଦିନ ଯେପରିକି ବାହୁଡ଼ା ଏବଂ ସୁନାବେଶରେ ମଧ୍ୟ ଏହା ଜାରି ରହିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି। ନବଦିନାତ୍ମକ ଯାତ୍ରା ପାଇଁ ପୁରୀକୁ ହଜାର ହଜାର ସଂଖ୍ୟାର ଗାଡ଼ି ଚଳାଚଳ କରୁଛି। ଏହି ସମୟରେ ଅମାନିଆ ଗାଡ଼ି ଚାଳକଙ୍କ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ସେହି ଅନୁଯାୟୀ ପୁରୀ ଆରଟିଓ ଅଧିନରେ ୭ଟି ସ୍ପେଶାଲ ଟିମ ଗଠନ କରାଯାଇ, ବିଭିନ୍ନ ରୁଟ୍ ରେ ନିୟମିତ ଏନଫୋର୍ସମେଣ୍ଟ କରାଯାଉଛି। ଏହାବାଦ ଯାଞ୍ଚକୁ ବ୍ୟାପକ କରି ଇ-ଚାଲାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଭୁବନେଶ୍ୱରରୁ-ପୁରୀ ଜାତୀୟ ରାଜପଥ-୩୧୬ ଏବଂ ପୁରୀରୁ କୋଣାର୍କ, କୋଣାର୍କରୁ ପିପିଲି ରାଜ୍ୟ ରାଜପଥରେ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଇଏମଏସ୍) କାର୍ଯ୍ୟକ୍ଷମ ହୋଇଛି। ରଥଯାତ୍ରା ଏବଂ ତାର ପରବର୍ତ୍ତୀ ଦୁଇ ଦିନ ଅର୍ଥାତ ୨୭, ୨୮ ଏବଂ ୨୯ ଜୁନରେ ପୁରୀ ରୁଟ୍ ରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ଯୋଗୁଁ ପ୍ରାୟ ୧୮୦୦ଟି ଇ-ଚାଲାଣ କଟିଛି। ଯେଉଁଥିରେ ବିନା ହେଲମେଟରେ ଗାଡ଼ି ଚାଳନା, ଭୁଲ୍ ରୁଟରେ ଗାଡ଼ି ଚାଳନା, ଦ୍ରୁତଗତି ଏବଂ ଦୁଇ ଚକିଆରେ ଦୁଇରୁ ଅଧିକ ବସିବା ଭଳି ସଡ଼କ ସୁରକ୍ଷା ନିୟମର ଉଲ୍ଲଙ୍ଘନ ରହିଛି। ସେହିଭଳି ମାନବସମ୍ବଳର ବ୍ୟବହାର କରି ସ୍ୱତନ୍ତ୍ର ଟିମ ଦ୍ୱାରା ଏନଫୋର୍ସମେଣ୍ଟକୁ ମଧ୍ୟ କଡ଼ାକଡ଼ି କରାଯାଉଛି।

ବ୍ରହ୍ମଗିରି, ସାକ୍ଷୀଗୋପାଳ, କୋଣାର୍କ, ପିପିଲି ଏହି ସମସ୍ତ ପଥରେ ବିଶେଷ ଫୋକସ କରାଯାଇଛି। ଏସବୁ ବ୍ୟତୀତ ଧାର୍ଯ୍ୟ ଦର ଠାରୁ ଅଧିକ ଭଡ଼ା ଆଦାୟ କରୁଥିବା ବସ ମାନଙ୍କ ଉପରେ ମଧ୍ୟ କଡ଼ା ନଜର ରଖାଯାଇଛି। ବସ ମାଲିକ ସଂଘକୁ ବିଭିନ୍ନ ସମୟରେ ଏହା ଉପରେ ଦୃଷ୍ଟି ଦେବାକୁ କୁହାଯାଇଛି। କଟକ ନେତାଜୀ ବସ ଟର୍ମିନାଲ, ଭୁବନେଶ୍ୱର ବରମୁଣ୍ଡା ବସ ଟର୍ମିନାଲ, ତାଳବଣିଆ ଏବଂ ମାଳତୀପାଟପୁର ବସ ଷ୍ଟାଣ୍ଡ ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ଥାନୀୟ ଆରଟିଓ ମାନେ ନିୟମିତ ଭାବରେ ସରପ୍ରାଇଜ ଚେକିଂ କରୁଛନ୍ତି। କୌଣସି ବସ ଯାତ୍ରୀଙ୍କ ଠାରୁ ଧାର୍ଯ୍ୟ ଦରଠୁ ଅଧିକ ଭଡ଼ା ନନେବାକୁ ବାରମ୍ବାର ତାଗିଦ କରାଯାଉଛି। ଯାତ୍ରୀ ମାନଙ୍କର ବିଭିନ୍ନ ଅଭିଯୋଗ ସମାଧାନ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟ କରୁଛି, ଯାହାର ହେଲ୍ପଡେସ୍କ ନମ୍ବର-୦୬୭୫-୨୨୨୩୪୭୮ ରହିଛି। ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟିରେ ରଖି ତାଳବଣିଆ ଓ ମାଳତିପାଟପୁରରେ ଅସ୍ଥାୟୀ ବିଶ୍ରାମଗାର, ମୌଳିକ ସୁବିଧା ଏବଂ ନିଶୁଳ୍କ ଖାଦ୍ୟ ବଣ୍ଟନ ସେବା କରାଯାଇଛି, ଯାହାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉଦଘାଟନ କରିଛନ୍ତି। ବାହୁଡ଼ା ଏବଂ ସୁନାବେଶରେ ମଧ୍ୟ ଏଭଳି ସେବା ଯୋଗାଇ ଦିଆଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଉପଲକ୍ଷେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡ଼ିଶା ଯାତ୍ରୀ ଆପ୍ ମାଧ୍ୟମରେ ତାଳବଣିଆରୁ ଅର୍ବାନ ହାଟ୍ ଭାୟା ରେଳ ଷ୍ଟେସନ, ଷ୍ଟର୍ଲିଂ ଠାରୁ ମଙ୍ଗଳାହାଟ ରୁଟ୍ ରେ ନିଃଶୁଳ୍କ ଅଟୋ ସେବା ପୁରୀରେ ଉପଲବ୍ଧ ହୋଇଛି। ଅଟୋ ସେବାକୁ ମାନ୍ୟବର ମନ୍ତ୍ରୀ ଉଦଘାଟନ କରିଛନ୍ତି। ବିଶ୍ୱପ୍ରସିଦ୍ଧ ରଥଯାତ୍ରାରୁ ନୀଳାଦ୍ରି ବିଜେ ଯାଏଁ କିଭଳି ପରିବହନ ବ୍ୟବସ୍ଥା ସୁଚାରୁରୂପେ ସମ୍ପାଦିତ ହେବ ସେଥିପାଇଁ ବିଭାଗୀୟ ମନ୍ତ୍ରୀ , ପ୍ରମୁଖ ଶାସନ ସଚିବ, ପରିବହନ ଆୟୁକ୍ତଙ୍କ ନେତୃତ୍ୱରେ ଶତାଧିକ ଅଧିକାରୀ ଏବଂ କର୍ମଚାରୀ ନିରନ୍ତର ଭାବରେ କାର୍ଯ୍ୟ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭୁବନେଶ୍ୱରର ସାମ୍ବାଦିକଗଣ



ଭୁବନେଶ୍ୱର: (ସବ୍ୟୁ): ଭୁବନେଶ୍ୱରର ବିଭିନ୍ନ ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକଗଣ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରଥଯାତ୍ରା ସମୟରେ ସେମାନେ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟା ଉପରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ଭୁବନେଶ୍ୱରର ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପୁରୀକୁ ନିଆଯାଇ ରଥଯାତ୍ରାର ରିପୋର୍ଟିଙ୍ଗ ପାଇଁ ବ୍ୟବସ୍ଥା କରାଯାଇଥାଏ । ତେବେ ଏ ବର୍ଷ ପୁରୀ ଠାରେ ସାମ୍ବାଦିକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀଙ୍କୁ ଏକ ମେମୋରେଣ୍ଡମ୍ ଦେଇଥିଲେ । ଏ ସମ୍ପର୍କରେ ବିଚାର ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସାମ୍ବାଦିକମାନଙ୍କୁ କହିଥିଲେ । ଏହି ଆଲୋଚନାରେ ବରିଷ୍ଠ ସାମ୍ବାଦିକ ସନତ ମିଶ୍ର, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଭାଗବତ ତ୍ରିପାଠୀ, ପବିତ୍ର ମୋହନ ସାମନ୍ତରାୟ, ପାର୍ଥ ସାରଥୀ ଜେନା, କିଶୋର ମଙ୍ଗରାଜ, ଦେବକାନ୍ତ ମହାପାତ୍ର, ସ୍ୱରୂପ କୁମାର ମହାନ୍ତି, ଗଜେନ୍ଦ୍ରନାଥ ବେହେରା, ସନାତନ ଦଳବେହେରା, ସୁବୋଧ କାନୁନଗୋ, ସୂର୍ଯ୍ୟକାନ୍ତି ନାୟକ, ଦେବ ମହାନ୍ତି ଏବଂ ସ୍ୱଦେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

### ୧୯ ପ୍ରବାସୀ ଶ୍ରମିକଙ୍କୁ ବେଆଇନ ଭାବେ ଅଟକ ଘଟଣା

# କଟକ ଏସପିଙ୍କୁ ଓଏଚ୍‌ଆର୍‌ସିଙ୍କ ଜବାବ ତଲବ

କଟକ,(ସବ୍ୟୁ): ପଶ୍ଚିମ ବଙ୍ଗ, ମାଲଦା ଜିଲ୍ଲା ହରିଶ୍ଚନ୍ଦ୍ରପୁର ଥାନା ଅଞ୍ଚଳର ୧୯ ଜଣ ପ୍ରବାସୀ ଶ୍ରମିକଙ୍କୁ ବେଆଇନ ଭାବେ ଅଟକ ରଖିବା ଘଟଣାରେ ରାଜ୍ୟ ମାନବାଧିକାର କମିସନ, କଟକ ଜିଲ୍ଲା ଏସ୍‌ପିଙ୍କୁ ଜବାବ ତଲବ କରିଛନ୍ତି । କେଉଁ ନିୟମ ଆଧାରରେ ଏହି ପ୍ରବାସୀଙ୍କୁ ଅଟକ ରଖାଯାଇଛି, ଯଦି ସେମାନଙ୍କୁ ଅଟକ ରଖାଗଲା ତାହେଲେ ଏହା ପଛର କାରଣ କ'ଣ, ହରିଶ୍ଚନ୍ଦ୍ରପୁର ଥାନା ପକ୍ଷରୁ ଏହି ପ୍ରବାସୀଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ପାଇବା ପରେ ମଧ୍ୟ ପୁଲିସ୍ କ'ଣ ପାଇଁ ସେମାନଙ୍କୁ ଅଟକ ରଖିଛି, ଯଦି ଅଟକି ରଖିଛି ତାହେଲେ ସେମାନଙ୍କୁ ସ୍ଥାନୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ କ'ଣ ପାଇଁ ହାଜର କରାଗଲା ନାହିଁ, ଯଦି ସେମାନଙ୍କୁ ଗିରଫ କରାଗଲା ତାହେଲେ ସେମାନଙ୍କୁ ଜେଲ୍ କାହିଁକି ପଠାଗଲା ନାହିଁ ବୋଲି କମିସନ ଏସ୍‌ପିଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି । ଯଦି ସେମାନଙ୍କୁ ଗିରଫଦାରୀ କରିବାର ପ୍ରାଥମିକ ପ୍ରମାଣ ନଥାଏ ତାହେଲେ ଏହାକୁ କମିସନ ଗୁରୁତ୍ୱର ସହ ଗ୍ରହଣ କରିବେ ଏବଂ ଏଭଳି ବେଆଇନ ଅଟକ ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କମିସନ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ ଏବଂ ସଦସ୍ୟ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ସପ୍ତାହକ ମଧ୍ୟରେ ଏହାଁ ଉପରେ ଜବାବ ରଖିବାକୁ କୁହାଯାଇଛି । ଆସନ୍ତା ଜୁଲାଇ ୮ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି ।

ମାହାଙ୍ଗା ଅଞ୍ଚଳରେ ରହି କାମଧନ୍ଦା କରିବା ସହ ଫେରି ବ୍ୟବସାୟ କରି ନିଜ ଗୁଜରାଣ ମେଣ୍ଟାଇ ଆସୁଥିଲେ ୧୯ ଜଣ ପଶ୍ଚିମବଙ୍ଗ ଲୋକ । ଗତ ଚାରିଦିନ ତଳେ ହଠାତ୍ କଟକ ଏସ୍‌ପିଙ୍କ ନିର୍ଦ୍ଦେଶରେ ମାହାଙ୍ଗା ଥାନା ପୁଲିସ ସେମାନଙ୍କୁ ଜବରଦସ୍ତ ଉଠାଇ ଆଣି ମାଜିଷ୍ଟ୍ରେଟ ଙ୍କ ଅଦାଲତରେ ହଜାର ନ କରି ଆଠଗଡ଼ ଡିଟେନସନ କେନ୍ଦ୍ରରେ ରଖିଥୁଲା । ସେମାନଙ୍କଠାରୁ ମୋବାଇଲ ଫୋନ ଛଡାଇ ନିଆଯାଇଥିଲା । ସେମାନଙ୍କ ପାଖରେ ଥିବା ନିଜ ଆଧାର କାର୍ଡ ଏବଂ ଭୋଟର ପରିଚୟପତ୍ର ଦେଖାଇଥିଲେ ମଧ୍ୟ ପୁଲିସ କିଛି ଶୁଣି ନଥିଲା । ସେମାନେ ସିପିଆଇ(ଏମ) ଦଳର ସମର୍ଥକ ବୋଲି ପଶ୍ଚିମବଙ୍ଗ ରାଜ୍ୟ ପାର୍ଟି ଅଫିସରୁ ଖବର ଆସିବାପରେ ସ୍ଥାନୀୟ ସିପିଏମ ନେତା ବଦ୍ରିନାରାୟଣ ଦାଶ ୧୯ ଜଣଙ୍କୁ ଦେଖା କରିବାକୁ ଯାଇଥିଲେ । ପରେ ହରିଶ୍ଚନ୍ଦ୍ରପୁର ଥାନା ଆଇଆଇସି ଶ୍ରମିକ ମାନଙ୍କ ପରିବାରଠାରୁ ଅଭିଯୋଗ ପାଇ ସମସ୍ତ କାଗଜପତ୍ର ତନଖି କରି ସେମାନେ ସେହି ଅଞ୍ଚଳର ବୋଲି ମାହାଙ୍ଗା ଥାନାକୁ ଜଣାଇଥିଲା । ଏହାସତ୍ତ୍ୱେ ପୁଲିସ ଛାଡି ନଥିଲା । ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ଓଏଚ୍‌ଆରସିରେ ମାମଲା ରୁଜୁ କରିଥିଲେ । ଓଏଚ୍‌ଆରସି ଏହି ମାମଲାକୁ ଗୁରୁତ୍ୱର ସହ ନେଇ ଏହି ନିର୍ଦ୍ଦେଶ ଦେଇଛନ୍ତି । ଇତିମଧ୍ୟରେ ମାଲଦା ଜିଲ୍ଲାପାଳ ଏବଂ ଓଏଚ୍‌ଆରସିଙ୍କ ଆଦେଶ ପାଇବା ପରେ କଟକ ପୁଲିସ୍ ଶ୍ରମିକଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଛି ।

### ଓଡ଼ିଶା ସ୍ୱରାଜ ପୁରସ୍କାର ୨୦୨୫

# ଜାତି ଜନଗଣନା ଠିକ୍ ହେଲେ ନ୍ୟାୟ ମିଳିବ : ବି.କେ. ହରିପ୍ରସାଦ



ଭୁବନେଶ୍ୱର, (ସବ୍ୟୁ): ରୋଟାରୀଭବନ ଠାରେ ଓଡ଼ିଶା ସ୍ୱରାଜ ଅଭିଯାନ ଆନୁକୂଲ୍ୟରେ "ଓଡ଼ିଶା ସ୍ୱରାଜ ପୁରସ୍କାର-୨୦୨୫" ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡ଼ିଶାର ପୂର୍ବତନ ପ୍ରଭାରୀ ତଥା ଏ.ଆଇ.ସି.ସି. ସାଧାରଣ ସମ୍ପାଦକ ବି.କେ ହରିପ୍ରସାଦ ଯୋଗ ଦେଇ କହିଥିଲେ ଯେ ବିଜେପି ଜାତିଜନଗଣନାକୁ ବିରୋଧ କରୁଥିଲା। ମାତ୍ର ଲୋକସଭାରେ ବିରୋଧ ଦଳରନେତା ଜନନାୟକ ରାହୁଲ ଗାନ୍ଧୀଙ୍କ ସଂସଦ ଭିତରେ ଓ ବାହାରେ କ୍ରମାଗତ ଭାବେ ଜନଗଣନା କରିବାକୁ ଦାବି କରିଆସୁଥିଲେ। ଦକ୍ଷିଣ ଓଡ଼ିଶାରେ ସରକାରୀ ଚାକିରୀ ଓ ଶିକ୍ଷାକ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ପ୍ରତିଶତ ଅଧିକା ଥିବାରୁ ସେ ଅଂଚଳରେ ବିକାଶ ଘଟିଛି ଏବଂ ସେ ଅଂଚଳରେ ଜନସାଧାରଣଙ୍କର ଜୀବନ ଧାରଣରମାନ ଅନ୍ୟ ରାଜ୍ୟ ଅପେକ୍ଷା ବହୁତଭଲ। ଏପରିକି ତଥା କଥିତ ଗୁଜୁରାଟ ଜୀବନଧାରଣରମାନ ତାମିଲନାଡୁ ଜନସାଧାରଣଙ୍କ ଠାରୁ ବହୁତ ଖରାପ। ଓଡ଼ିଶାରେ ଓବିସିମାନଙ୍କୁ ସଂରକ୍ଷଣରେ ବହୁତ ଅନ୍ୟାୟ କରାଯାଇଛି। ସେଥିପାଇଁ ଏଠାରେ ବହୁତ ସଂପଦ ଥିଲେ ମଧ୍ୟ ଲୋକେ ବହୁତ ଗରୀବ ହୋଇ ରହିଛନ୍ତି । ଏସ୍.ସି. ଓ ଏସ୍. ଟି ଓ ଓବିସି ମାନଙ୍କ ସଂଖ୍ୟା ଅନୁସାରେ ସଂରକ୍ଷଣମିଳିଲେ ଓଡ଼ିଶାର ଜନସାଧାରଣଙ୍କର ବିକାଶ ହୋଇପାରିବ ବୋଲି ଶ୍ରୀ ହରିପ୍ରସାଦ ମତପ୍ରକାଶକରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଅଜୟ କୁମାରଲଲ୍ଲୁ ଯୋଗ ଦେଇ କହିଥିଲେ ଯେ, ଏଠିମହିଳା ଏସ୍.ସି.,ଏସ.ଟି ଓ ଓବିସିଙ୍କ ପ୍ରତିବହୁତ ଅନ୍ୟାୟ ହୋଇଛି। ଯେଉଁଠି ଶିଳ୍ପ କଳକାରଖାନା ହେଉଛିଆଂଚଳିକ ଲୋକଙ୍କର କୌଣସିସୁବିଧା, ସୁଯୋଗ ନ ପାଉଥିବାବେଳେ ବାହାର ଲୋକତା'ର ଆସି ସେଠି ଆଧିପତ୍ୟ ଜମାଇ ଧନୀ ହେଉଛନ୍ତି। ତେଣୁ ଓଡ଼ିଶାର ଜନସାଧାରଣ ରାଜରାସ୍ତାରେ ଆନ୍ଦୋଳନ କରିବାର ସମୟ ଆସିଛି ବୋଲି ଶ୍ରୀ ଲଲ୍ଲୁ କହିଥିଲେ। ଅନୁରୁପଭାବେ ଉକ୍ତ କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟବକ୍ତାଭାବେ ଯୋଗ ଦେଇ କହିଥିଲେ ଓଡ଼ିଶାରେ ସ୍ୱରାଜ ଅଭିଯାନ ପୁରସ୍କାର-୨୦୨୫ ଉତ୍ସବ ପାଳନ କରୁଥିବାବେଳେ ସ୍ୱୟଂ ମହାପ୍ରଭୁ ଜଗନ୍ନାଥଙ୍କ ସ୍ୱରାଜ ନାହିଁ । ସରକାର ଆଦାନୀଙ୍କ ପାଇଁ ମହାପ୍ରଭୁଙ୍କ ରଥଟଣା ବନ୍ଦ କରିବାକୁ ମଧ୍ୟ ପଛାଉ ନାହାନ୍ତି। ମହିଳାଙ୍କ ପାଇଁ ଏ ସରକାରସମ୍ବେଦନଶୀଳ ନୁହେଁ। ଆଦିବାସୀ ଏବଂ ପାରମ୍ପରିକ ଅଧିବାସୀମାନେ ଜମି ଓ ଜଙ୍ଗଲର ମାଲିକ ହୋଇଥିବାବେଳେ ସେମାନଙ୍କୁ ତାଙ୍କ ହକ୍ ଏପର୍ଯ୍ୟନ୍ତ ମିଳିନି। ପ୍ରକୃତସ୍ୱରାଜ ପାଇଁ ଆଜିର ଦିନରେଓଡ଼ିଶାବା ସୀଲଢ଼ିବା ପାଇଁ ପ୍ରକୃଷ୍ଟସମୟ ଆସିଯାଇଛି ବୋଲିଶ୍ରୀଯୁକ୍ତ ଦାସକହିଥିଲେ। ସ୍ୱରାଜ ଆସିଲେ ଓଡ଼ିଶାବାସୀଙ୍କ ସମୃଦ୍ଧି ହେବ ଓ ଗରୀବି ଦୂରହେବ। ଏହି ଅବସରରେ ଏକ ବିଭିନ୍ନକ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବାଓଡ଼ିଶାର ୨୫ ଜଣ ସୁ-ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଉତ୍ସବକୁ ଉଦ୍‌ଘାଟନ କରିଥିବାବେଳେ ଓଡ଼ିଶା ସ୍ୱରାଜ ଅଭିଯାନ ରାଜ୍ୟ ଆବାହକ ସୁଧାଂଶୁଶେଖର ଦେଓ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେଏବଂ ଯୁବନେତା ଇଂସିଦ୍ଧାର୍ଥ ସ୍ୱରୂପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ୨୦ ଲକ୍ଷ କରିନାହାନ୍ତି ଇ-କେୱାଇସି

# ୩ ମାସ ଭିତରେ ନଜଣାଇଲେ କଟିବ କାର୍ଡ

ଭୁବନେଶ୍ୱର(ସବ୍ୟୁ): ଇ-କେଓ୍ୱାଇସି କରିନଥିଲେ ଚଳିତ ମାସରୁ ଚାଉଳ ବନ୍ଦ । ସସପେଣ୍ଡ ହେବ ରାସନ କାର୍ଡ । ୩ ମାସ ଭିତରେ ଜଣାଇଲେ ପୁଣି ଥରେ କାର୍ଡକୁ ସଚଳ କରାଯିବ । ନହେଲେ କାର୍ଡ ପୂରା କଟିଯିବ । ରାସନ କାର୍ଡରେ ଇ-କେଓ୍ୱାଇସର ସୋମବାର ଶେଷ ଦିନ । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଲା ପ୍ରାୟ ବର୍ଷେ ହେଲା ଇ-କେଓ୍ୱାଇସି ପ୍ରକ୍ରିୟା ଚାଲିଥିଲେ ବି ରାଜ୍ୟରେ ଆହୁରି ୨୦ ଲକ୍ଷ ୫୮ ହଜାର ହିତାଧିକାରୀ କରିନାହାନ୍ତି ଅପଡେଟ୍ ।

ନୂଆ ସରକାର ଆସିବା ପରେ ରାସନ ଚୋରିକୁ ଧରିବା ପାଇଁ ରାସନ କାର୍ଡର ଇ-କେଓ୍ୱାଇସି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ବହୁ ହିତାଧିକାରୀ ଇ-କେଓ୍ୱାଇସି କରିନାହାନ୍ତି । ବାଧ ହୋଇ ସରକାର ରାସନ କାର୍ଡ ସସପେଣ୍ଡ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ।

ଗରିବ ଲୋକମାନେ ରାସନ କାର୍ଡର ସୁବିଧା ନିଅନ୍ତୁ । କିନ୍ତୁ ଭୂତ ରାସନ କାର୍ଡ ଚିହ୍ନଟ କରାଯିବା ମଧ୍ୟ ଜରୁରୀ । ଇ-କେଓ୍ୱାଇସି କରିନଥିବା ହିତାଧିକାରୀମାନେ ତୁରନ୍ତ ଇ-କେଓ୍ୱାଇସି କରିନିଅନ୍ତୁ, ନଚେତ ୩ ମାସ ପରେ ରାସନ କାର୍ଡ ଆପେ ଆପେ କଟିଯିବ । ଏଭଳି ଡେଡଲାଇନ ପରେ ବିଭିନ୍ନ ସମସ୍ୟା ପାଇଁ ଇ-କେଓ୍ୱାଇସି କରିନଥିବା ହିତାଧିକାରୀ ଚିନ୍ତାରେ ପଡିଲେଣି । ନେଟଓ୍ୱାର୍କ ସମସ୍ୟା ପାଇଁ ମାଲକାନଗିରି ଚିତ୍ରକୋଣ୍ଡାର ଅନେକ ହିତାଧିକାରୀ ଇ-କେଓ୍ୱାଇସି କରି ପାରିନାହାଁନ୍ତି । ନୂଆ ରାସନ୍ କାର୍ଡ ଆବେଦେନ୍ ପାଇଁ ଓ୍ୱେବ୍‌ସାଇଟ୍ ବି ଖୋଲୁନାହିଁ ଲୋଲି ମଧ୍ୟ ଅଭିଯୋଗ ହୋଇଛି । ତେଣୁ ସରକାର ଆଉ ଥରେ ଚିନ୍ତା କରିବାକୁ ଅନୁରୋଧ କରିଛନ୍ତି ଉପାନ୍ତ ଅଞ୍ଚଳର ଅନେକ ହିତାଧିକାରୀ ।

ଏବେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ୩ କୋଟି ୩୬ ଲକ୍ଷ ୩୫ ହଜାର ହିତାଧିକାରୀ ରହିଛନ୍ତି । ନୂଆ ସରକାର ଆସିବା ପରେ ପୁଣି ୬ ଲକ୍ଷ ନୂଆ କାର୍ଡ ଦିଆଯାଉଛି । ଇ-କେଓ୍ୱାଇସି ପ୍ରକ୍ରିୟାରୁ ୫ ଲକ୍ଷ ୨୩ ହଜାର ଅଯୋଗ୍ୟ ଏବଂ ମୃତ ହିତାଧିକାରୀଙ୍କୁ ବାହାର କରାଯାଇ କାର୍ଡରୁ କାଟି ଦିଆଯାଇଛି । ଏବେ ବି କିଛି ହିତାଧିକାରୀ ନକଲି ବୋଲି ଚର୍ଚ୍ଚା ହେଉଛି ।

### ରେଲୱେ କ୍ୱାର୍ଟରରୁ ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଚୋରି ଘଟଣା


# ୩ ଜଣଙ୍କୁ ଗିରଫ କଲା ପୋଲିସ

ଜଟଣୀ,୩୦।୬ (ସବ୍ୟୁ): ଅଭିଯୋଗକାରିଣୀ ନୋଭଲିନା ପାଢ଼ୀ ରିପୋର୍ଟ ଆଧାରରେ ସ୍ଥାନୀୟ ବାଛରା ପାଟଣା ଅଂଚଳର ଜଗନ୍ନାଥ ବାରିକ ଓରଫ ରାଜା, ବିଭୁତି ଦାସ ଓରଫ ଅନନ୍ତ, ଖୁଦୁପୁର ଗ୍ରାମର ସୋମନାଥ ପ୍ରଧାନ ଓରଫ ମୁନାକୁ ପୁଲିସ ୩ ଜଣଙ୍କୁ ଗିରଫ କରିଛି । ଅଭିଯୋଗକାରିଣୀ ଗତ ୧୬ ତାରିଖ ସନ୍ଧ୍ୟା ପ୍ରାୟ ୮ଟାରେ ଘରେ ତାଲା ପକାଇ ଟ୍ୟୁସନ୍ ଯାଇଥିବା ଝିଅକୁ ଆଣିବାକୁ ଯାଇଥିଲେ। ଘରେ କେହି ନଥିବା ସୁଯୋଗରେ ଗିରଫ ଅଭିଯୁକ୍ତମାନେ ତାଲା ତାଡ଼ି କ୍ୱାର୍ଟର କୋଠରୀ ମଧ୍ୟରେ ପଶି ଆଲମିରା ଭାଙ୍ଗି ୧୫ ହଜାର ଟଙ୍କା, ସୁନାଅଳଙ୍କାର, ମୋବାଇଲ ଆଦି ଚୋରି କରିନେଇଥିଲେ। ଟ୍ୟୁସନ୍‌ରୁ ଝିଅକୁ ଧରି ଫେରିବା ପରେ ତାଲା ଭଙ୍ଗାଯାଇ ଚୋରି ହୋଇଥିବା ଅଭିଯୋଗକାରିଣୀ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତନାଘନା ଆରମ୍ଭ କରି ବିଶେଷ ସୂତ୍ରରୁ ଖବର ପାଇ ସ୍ଥାନୀୟ ରେଡଙ୍ଗ କଲୋନୀ ସ୍ଥିତ ଏକ ପଡ଼ିଆରେ ଚୋରି କରିଥିବା ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଭାଗ ବାଣ୍ଟୁଥିବା ସମୟରେ ଚଢ଼଼ଉ କରି ୩ ଜଣଙ୍କୁ କାବୁ କରିଥିଲେ। ସେମାନଙ୍କ ନିକଟରୁ ୯ ହଜାର ଟଙ୍କା ଗୋଟିଏ ସୁନାଚେନ୍, ସୁନାମୁଦି, ହଳେ କାନଫୁଲ ପୁଲିସ ଜବତ କରିଥିଲା। ୬ ହଜାର ଟଙ୍କା ଅଭିଯୁକ୍ତମାନେ ଖର୍ଚ୍ଚ କରିଦେବା ସହ ଉଭୟରେ ମୋବାଇଲ ଫୋନ୍ ଭାଙ୍ଗି ଅନ୍ୟାନ୍ୟ ବ୍ୟାଙ୍କ କାର୍ଡ ଆଦି ଅନ୍ୟ ଆଡ଼େ ଫୋପାଡ଼ି ଦେଇଥିବା ପଚରାଉଚୁରା ସମୟରେ କହିଥିବା ପୁଲିସ ସୂଚନା ଦେଇଛି। ୩ ଅଭିଯୁକ୍ତ ଅଭ୍ୟାସଗତ ଅପରାଧୀ। ଗିରଫ ରାଜା ନାଁରେ ପୂର୍ବରୁ ଜଟଣୀ ଓ ଭରତପୁର ଥାନାରେ ୫, ଅନନ୍ତ ନାଁରେ ଜଟଣୀ ଓ ଖଣ୍ଡଗିରି ଥାନାରେ ୮, ମୁନା ନାଁରେ ଜଟଣୀ ଓ ଇନ୍‌ଫୋଭ୍ୟାଲି ଥାନାରେ ୮ଟି ଅପରାଧିକ ମାମଲା ଥିବା ପୁଲିସ କହିଛି।



# ବିଜେପି କାର୍ଯ୍ୟାଳୟରେ ମନକି ବାତ

ଦଶପଲ୍ଲା,(ସବ୍ୟୁ) :ଦଶପଲ୍ଲା ବିଜେପି କାର୍ଯ୍ୟାଳୟ ରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ମନ କି ବାତ ରେ ପ୍ରଧାନ ମନ୍ତ୍ରୀ ଦେଶ ର ବିକାଶ ତଥା ବିଭିନ୍ନ ରାଜ୍ୟ ର ବିକାଶ ପାଇଁ ପ୍ରସ୍ତୁତ ହୋଇଥିବା ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବିଶେଷ ଭାବେ ବିଜେପି ଶାସନ ସମୟ ରେ ଆମ ଦେଶ ଓ ଆମରାଜ୍ୟ ରେ ହେଉଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କ ରେ ଜାଣିବା ପାଇଁ ବିଭିନ୍ନ ସ୍ତରର ଲୋକ ମାନଙ୍କୁ ଏହି ମନ କି ବାତ କାର୍ଯ୍ୟକ୍ରମ ରେ ସାମିଲ କରାଯାଉଛି । ଏହି କାର୍ଯ୍ୟକ୍ରମ ରେ ବିଜେପି ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ ,ନଗର ସଭାପତି ମନୋଜ ସାହୁ ଙ୍କ ସମେତ ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।



# ରଥଯାତ୍ରାର ସମୀକ୍ଷା କଲେ ଉଚ୍ଚ ଶିକ୍ଷା କମିଶନର ଓ ଜିଲ୍ଲାପାଳ

ପୁରୀ (ସବ୍ୟୁ): ରଥଯାତ୍ରା ଆରମ୍ଭ ହେବା ସହ ଶ୍ରୀଜୀଉ ମାନେ ଆଡପ ମଣ୍ଡପ କୁ ବିଜେ କରି ସାରିଛନ୍ତି ।ବର୍ତ୍ତମାନ ଶ୍ରଦ୍ଧାଳୁ ମାନଙ୍କ ଦର୍ଶନ ବ୍ୟବସ୍ଥା କୁ ଶୃଙ୍ଖଳିତ ଭାବେ ପରିଚାଳନା ଆମ ସମସ୍ତ ଙ୍କ ଦାୟିତ୍ୱ ବୋଲି ଆହ୍ୱାନ ଦେଇଛନ୍ତି ଉଚ୍ଚ ଶିକ୍ଷା ବିଭାଗର କମିଶନର ତଥା ସଚିବ ଏବଂ ରଥଯାତ୍ରା,ଆଡପ ମଣ୍ଡପ ଦର୍ଶନ ଓ ବାହୁଡା ଯାତ୍ରା ସମୀକ୍ଷା ର ସ୍ୱତନ୍ତ୍ର ଅଧିକାରୀ ଅରବିନ୍ଦ ଅଗ୍ରୱାଲ ଓ ଜିଲ୍ଲାପାଳ ଚଞ୍ଚଳ ରାଣା ।ଆଜି ସର୍କିଟ ହାଉସ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଚଞ୍ଚଳ ରାଣା ରଥଯାତ୍ରା ର ସମସ୍ତ କାର୍ଯ୍ୟ କୁ ତ୍ୱରାନ୍ୱିତ ପାଇଁ ସମସ୍ତ ବିଭାଗ କୁ ନିର୍ଦ୍ଦେଶ ଦେଇଥିଲେ। କମିଶନର ଶ୍ରୀ ଅଗ୍ରୱାଲ ରଥଯାତ୍ରା ଏକ ସାମୁହିକ ଓ ସମ୍ମିଳିତ ଉଦ୍ୟମ ର କାର୍ଯ୍ୟକ୍ରମ ।ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପୁରୀ ଆସୁଛନ୍ତି ।ସେମାନେ ଯେମିତି ସୁନ୍ଦର ଦର୍ଶନ ସହ ଭଲ ଅନୁଭୂତି ନେଇ ଫେରିବେ ସେଥିପାଇଁ ସମସ୍ତେ ଯତ୍ନବାନ ହେବାକୁ ସେ



ପରାମର୍ଶ ଦେଇଥିଲେ ।ବର୍ତ୍ତମାନ ଆଡପ ମଣ୍ଡପ ଦର୍ଶନ ଚାଲୁଥିବାରୁ ପାନୀୟ ଜଳ ଯୋଗାଣ କୁ ଅଧିକ କ୍ରିୟାଶୀଳ ପାଇଁ ଉଭୟ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ ।ବିଶେଷ କରି ବ୍ୟାରିକେଡରେ ଦର୍ଶନ ପାଇଁ ଅପେକ୍ଷା ରେ ରହୁଥିବା ଶ୍ରଦ୍ଧାଳୁ ମାନଙ୍କୁ ପାନୀୟ ଜଳ, ଓଆରଏସ ଇତ୍ୟାଦି ବଣ୍ଟନ ସହ ସେମାନଙ୍କ କୌଣସି ସ୍ୱାସ୍ଥ୍ୟ ସମସ୍ୟା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ ପରିମଳ ଓ ସ୍ୱଚ୍ଛତା ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ପାର୍କିଂ ସ୍ଥଳର ଉନ୍ନତି କରଣ ବ୍ୟବସ୍ଥା,ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗ ରଖି ଶ୍ରଦ୍ଧାଳୁ ମାନଙ୍କୁ ବିଭିନ୍ନ ନିତୀ କାନ୍ତିର ସୂଚନା ପ୍ରଦାନ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ଆବଶ୍ୟକତା ଅନୁସାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ବ୍ୟବସ୍ଥା ଇତ୍ୟାଦି ସମ୍ବନ୍ଧ ରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା ସହ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଥିଲା। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟ ସୂଚୀ ଅନୁସାରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ପିକେଡିଏ ସମ୍ପାଦକ ଦିଲ୍ଲୀପ କୁମାର ମହାରଣା,ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ।ଏହି ବୈଠକରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇ ରଥଯାତ୍ରା ଅବସରରେ ସେମାନଙ୍କ ବିଭାଗର କାର୍ଯ୍ୟାବଳୀ, ଆବଶ୍ୟକତା ଓ ଆଗାମୀ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ।

## ରବି ଧାନ ସଂଗ୍ରହକୁ ନେଇ ବିଜେଡିର ଉଦ୍‌ବେଗ

# ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ତିନି ସୂତ୍ର ଦାବି ରଖିଲା

ଭୁବନେଶ୍ୱର, (ସବ୍ୟୁ): ରବି ଧାନ ସଂଗ୍ରହକୁ ନେଇ ରାଜ୍ୟର ଚାଷୀ ଭାଇମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ନେଇ ଆଜି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଚାଷୀ ମାନଙ୍କୁ ପ୍ରଦାନ କରାଯାଇଥିବା ଟୋକନର ଅବଧି ଆଜି ଅର୍ଥାତ ୩୦ ଜୁନ୍‌ରେ ଶେଷ ହେଉଥିବାରୁ ଏବଂ ଧାନ କିଣା କାର୍ଯ୍ୟ ଶେଷ ହୋଇନଥିବାରୁ, ଟୋକନ ଅବଧିକୁ ଏକ ମାସ ବୃଦ୍ଧି କରାଯାଉ ଓ ଚାଷୀଙ୍କ ପାଖରେ ଥିବା ବଳକା ରବି ଧାନକୁ ସରକାର କିଣନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରିଛି ।

ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଓ ଉପସଭାପତି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ରବି ଧାନ କିଣା ପାଇଁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ଅବଧି ଆଜି ଶେଷ ହେଉଥିବା ବେଳେ ପ୍ରାୟ ୧,୫୬,୦୨୯ ମେଟ୍ରିକ ଟନ ଧାନ ରାଜ୍ୟର ବିଭିନ୍ନ ମଣ୍ଡିରେ ପଡ଼ି ରହିଛି । ଏହି ଧାନ ଉଠିବ କି ନାହିଁ, ସେ ନେଇ ସ୍ୱଚ୍ଛତା ନଥିବା କାରଣରୁ ଚାଷୀ ଭାଇମାନେ ଚିନ୍ତାରେ ଅଛନ୍ତି । ଶ୍ରୀ ଦାସବର୍ମା କହିଥିଲେ, ଟୋକନ ମାଧ୍ୟମରେ କିଣାଯାଉଥିବା ଧାନ ଛଡା ଚାଷୀ ଭାଇ ମାନଙ୍କ ପାଖରେ ବଳକା ଧାନ ରହିଛି, ଏହି ବଳକା ଧାନକୁ କିଣିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ, ଟୋକନ ଧାନ ଉଠିପାରି ନଥିବା ବେଳେ ବଳକା ଧାନର ସ୍ଥିତି କଦଣ ରହିବ, ସେ ନେଇ ମଧ୍ୟ ସରକାରଙ୍କ ତରଫରୁ କୌଣସି ନିର୍ଦ୍ଦେଶ ଜାରି କରାଯାଇନାହିଁ ।

ଶ୍ରୀ ଦାସବର୍ମା କହିଥିଲେ, ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏକ ପ୍ରେସ ବିବୃତିରେ କହିଛନ୍ତି, ଅବଧି ଶେଷ ହେବା ପୂର୍ବରୁ ଟୋକନ ପାଇଥିବା ଚାଷୀଙ୍କ ଆଖି ସ୍କାନ କାମ ଶେଷ ହୋଇଗଲେ, ଧାନ ପରେ ଉଠାଯିବ । ମନ୍ତ୍ରୀଙ୍କ ଏହି ବିବୃତ୍ତି ରାଜ୍ୟର ଚାଷୀ ଭାଇ ମାନଙ୍କ ପାଇଁ କିଛିଟା ଆଶ୍ୱସ୍ତି ଆଣିଛି । ସେଥିପାଇଁ ଯୋଗାଣ ମନ୍ତ୍ରୀଙ୍କୁ ଆମେ ସାଧୁବାଦ ଜଣାଉଛୁ । କିନ୍ତୁ, ମନ୍ତ୍ରୀଙ୍କ ବିବୃତ୍ତି କେତେଦୂର କାର୍ଯ୍ୟକାରୀ ହେବ ସେନେଇ ଆମର ସନ୍ଦେହ ରହିଛି । କାରଣ, ମନ୍ତ୍ରୀଙ୍କ ବିବୃତ୍ତି ଅନୁଯାୟୀ, କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ । ତେଣୁ, ରାଜ୍ୟର ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଆମେ ୩ଟି ଦାବି ରଖୁଛୁ । ଚାଷୀଙ୍କ ପାଖରେ ଥିବା ସମସ୍ତ ବଳକା ଧାନକୁ ସରକାର କିଣନ୍ତୁ । ଟୋକନ ଅବଧିକୁ ଏକ ମାସ ବୃଦ୍ଧି କରାଯାଉ । ସରକାର ଏଥିନେଇ ବିଧିବଦ୍ଧ ଭାବେ ଏକ ବିଜ୍ଞପ୍ତି ପ୍ରକାଶ କରନ୍ତୁ ବୋଲି ସେ କହିଥିଲେ ।

# ରଥଯାତ୍ରାରେ ତୀର୍ଥଯାତ୍ରୀଙ୍କ ପାଇଁ ପୁରୀ ଷ୍ଟେସନରେ ବିସ୍ତୃତ ବ୍ୟବସ୍ଥା

ଜଟଣୀ,(ସବ୍ୟୁ):ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ଖୋର୍ଦ୍ଧାରୋଡ଼ ରେଳଡିଭିଜନ ପକ୍ଷରୁ ପୁରୀ ରେଲୱେ ଷ୍ଟେସନରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରେଳପଥରେ ପୁରୀ ଆସୁଥିବା ଲକ୍ଷାଧିକ ଭକ୍ତଙ୍କ ସୁରକ୍ଷିତ, ସୁଗମ ଓ ଆରାମଦାୟକ ଅନୁଭୂତି ପ୍ରଦାନ ପାଇଁ ସମସ୍ତ ପ୍ରୟାସ କରାଯାଇଥିବା ଖୋର୍ଦ୍ଧାରୋଡ଼ ରେଳଡିଭିଜନ ପକ୍ଷରୁ ସୂଚନା ଦିଆଯାଇଛି। ପୁରୀ ଷ୍ଟେସନ ନିକଟରେ ଭକ୍ତଙ୍କୁ ମାଗଣାରେ ଖାଦ୍ୟ ଓ ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଛି। ୨୫ହଜାର ତୀର୍ଥଯାତ୍ରୀ ରହିବା ଭଳି ପ୍ରତୀକ୍ଷାଳୟ ଓ ମେଳାସେଡ୍ ବ୍ୟବସ୍ଥା ହୋଇଛି। ଏହା ଭିତରେ ଆଲୋକ, ଫ୍ୟାନ୍, କୁଲର, ମୋବାଇଲ ଚାର୍ଜିଂ ପଏଣ୍ଟ, ଥଣ୍ଡା ପାନୀୟଜଳ କିଓସ୍କୋ, ମହିଳା ଓ ପୁରୁଷଙ୍କ ପାଇଁ ପୃଥକ୍ ଶୌଚାଳୟ, ସ୍ନାନାଗାର, ପୈଠ ଶୀତତାପ ଲାଉଞ୍ଜ, ପ୍ରଦର୍ଶନୀ କ୍ଷେତ୍ର, କ୍ୟାଟରିଂ ଷ୍ଟଲ, ହସଶିଳ୍ପ ଓ ହସ୍ତତନ୍ତ ଷ୍ଟଲ ଆଦି ସୁବିଧା ଉପଲବ୍ଧ ରହିଛି। ସେଡ୍ ନିକଟରେ ଦୁଇଟି ମୋବାଇଲ ଏଟିଏମ୍ ବ୍ୟବସ୍ଥା ଉପଲବ୍ଧ କରାଯାଇଛି। ଜରୁରୀକାଳୀନ ଚିକିତ୍ସା ପାଇଁ ୨୪ ଘଂଟିଆ ଫାଷ୍ଟଏଡ୍ ଓ ଆମ୍ବୁଲାନ୍ସ ସେବା କାର୍ଯ୍ୟ କରୁଛି। ରୋଗୀ ଓ ବରିଷ୍ଠ ନାଗରିକଙ୍କ ପାଇଁ ବ୍ୟାଟେରୀ ଯାନ, ହୁଇଲ୍‌ଚେୟାର ବ୍ୟବସ୍ଥା ରହିଛି। ଭିଡ଼ ହେଉଥିବାରୁ ଅତିରିକ୍ତ ଟିକେଟ ବୁକିଂ କାଉଣ୍ଟର, କ୍ୟୁଆର୍ କୋଡ ସ୍କାନର, ସ୍ୱୟଂଚାଳିତ ଟିକେଟ ଭେଣ୍ଡିଂ ମେସିନ୍, ମୋବାଇଲ ଟିକେଟ ସିଷ୍ଟମ ଆଦି ଅନେକ ବ୍ୟବସ୍ଥା କରାଯାଇଛି। ଯାତ୍ରୀଙ୍କ ସୁରକ୍ଷା ପାଇଁ ପୁରୀ ଓ ନିକଟବର୍ତ୍ତୀ ଷ୍ଟେସନରେ ସିସିଟିଭି କ୍ୟାମେରା, ଡ୍ରୋନ୍, ସ୍ନିପର ଡଗ୍ ଦ୍ୱାରା ଯାଂଚ ଚାଲିଛି। ଖୋର୍ଦ୍ଧାରୋଡ଼ ଡିଭିଜନ ପ୍ରବନ୍ଧକ ଏଚ୍‌ଏସ୍ ବାଜୱାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ନିରୀକ୍ଷଣ କରାଯାଉଛି।

# ମୋକିମ ଫାଉଣ୍ଡେସନ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

କଟକ, (ସବ୍ୟୁ): ମୋକିମ ଫାଉଣ୍ଡେସନ, କଟକ ପକ୍ଷରୁ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ସ୍ଥାନୀୟ ଟାଉନ ହଲ ଠାରେ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ଇଂ ମହମଦ ମୋକିମଙ୍କ ଦ୍ୱାରା ଉଦଘାଟନରେ ଅନୁଷ୍ଠିତ ହୋଇଯାଇଥିଲା । ଏହି ଅବସରରେ ଏକ ଚକ୍ଷୁ ସଚେତନତା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଉକ୍ତ ଆଲୋଚନା ଚକ୍ରରେ ବାରବାଟୀ କଟକର ବିଧାୟିକା ସୋଫିଆ ଫିରୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଖିର ବିକଳ୍ପ ନାହିଁ ତେଣୁ ଆଖିର ନିୟମିତ ପରୀକ୍ଷା କରିବା ଉଚିତ ବୋଲି କହିଥିଲେ । ସମ୍ମାନିତ ଅତିଥି



ଭାବେ ଡାକ୍ତର ନାୟୀମା ତାଜ୍‌ମି, ସରୱାର ହସିବ, ଗିରିବାଳା ବେହେରା ଓ ଡାକ୍ତର ରାଜା ଅଗ୍ରୱାଲ ଯୋଗଦେଇ ଆଖିର ରୋଗର କୁପ୍ରଭାବ ଓ ଚକ୍ଷୁ ସଚେତନତା ଉପରେ ଆଲୋଚନା କରିଥିଲେ । ପ୍ରିୟଙ୍କା ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ ବେଳେ ସକିଲ ଖାନ ସ୍ୱାଗତ ଅଭିଭାଷଣ ଦେଇଥିଲେ । ଉକ୍ତ ଶିବିରରେ ବହୁ ବୟସ୍କ ଚକ୍ଷୁ ରୋଗୀ ଯୋଗଦେଇଥିବା ବେଳେ ରୋପ୍ୟ ରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଉକ୍ତ ଶିବିରକୁ ଏ.ଏସ.ଜି. ଆୟ ହସ୍ପିଟାଲର ଡାକ୍ତର ଓ କର୍ମଚାରୀ ମାନେ ଉପସ୍ଥିତରହି ରୋଗୀ ମାନଙ୍କର ଚିକିତ୍ସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ସନ୍ତୋଷ ଭୋଳ, କେ କାମେଶ ରାଓ, ଶୁବାଶିଷ ପଟ୍ଟନାୟକ, ଶରତ ଚନ୍ଦ୍ର ସେଠୀ, ସନ୍ତୋଷ ପାତ୍ର, ଅନିଲ ନାୟକ, ମୀର ମୁଜାଫର ଅଲ୍ଲୀ, ସୁରଜିତ ସାହୁ, ଅବଦୁଲ ମୋକିଦ, ସେକ ଗୁଲାମମୋଇଉଦ୍ଦୀନ, ସାହିଲ ପରଭେଜ ପ୍ରମୁଖ ସହଯୋଗ କରିଥିଲେ ।

# ଜଳିଗଲା ଗୁହାଳ ଗାଈ ଜୀବନ୍ତ ଦଗ୍ଧ

ଅସ୍ତରଙ୍ଗ ,(ସବ୍ୟୁ) :ଶନିବାର ବିଳମ୍ବିତ ରାତିରେ ମଶା ଧୂଆଁରୁ ନିଆଁ ଲାଗି ଅସ୍ତରଙ୍ଗ ଥାନା ମାଳଦା ଗ୍ରାମର ମହେଶ୍ୱର ବିଶାଳଙ୍କ ଗୁହାଳ ସମ୍ପୂର୍ଣ୍ଣ ଜଳି ଯାଇଛି । ଏହି ଅଗ୍ନିକାଣ୍ଡରେ ଗୁହାଳରେ ବନ୍ଧା ହୋଇଥିବ ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛି । ଏ ନେଇ ଶ୍ରୀ ବିଶ୍ୱାଳ ଅସ୍ତରଙ୍ଗ ତହସିଲଦାର ଓ ପ୍ରାଣୀଧନ ମୁଖ୍ୟ ଚିକିତ୍ସକଙ୍କୁ ଲିଖିତ ଭାବେ ଅବଗତ କରାଇ ସହାୟତା ପାଇଁ ନିବେଦନ କରିଛନ୍ତି । ବିଳମ୍ବିତ ରାତି ୨ଟା ରେ ଗୁହାଳ ଜଳି ଯାଉଥିବା ଦେଖି ପରିବାର ଲୋକ ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଗୁହାଳ ସମେତ ଗାଈଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା ।

## ରଥ ଦଳା ଚକଟା ଓ ମୃତ୍ୟୁ ଘଟଣା

# ପୁରୀ ଜିଲ୍ଲାପାଳ, ଏସ୍‌ପିଙ୍କୁ ନୋଟିସ୍

କଟକ(ସବ୍ୟୁ): ଚଳିତ ରଥଯାତ୍ରାରେ ଦଳାଚକଟାରେ ବିଶୃଙ୍ଖଳା କାରଣରୁ ତିନି ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଏବଂ ୫୦ରୁ ଅଧିକ ଶ୍ରଦ୍ଧାଳୁଙ୍କ ଆହତ ଘଟଣାରେ ରାଜ୍ୟ ମାନବାଧିକାର କମିସନ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହି ଘଟଣାରେ ପୁରୀ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ କରିଥିଲାବେଳେ ରଥଯାତ୍ରାର ପରବର୍ତ୍ତୀ ସମସ୍ତ ନୀତିକାନ୍ତରେ ଯେପରି ଏହି ଘଟଣାର ପୁନରାବୃତ୍ତି ନହୁଏ ସେଥିପ୍ରତି ବିଭାଗୀୟ ଅଧିକାରୀମାନେ ସଜାଗ ତଥା ପ୍ରସ୍ତୁତ ରହିବାକୁ କମିସନ ଅନ୍ତରୀଣ ଆଦେଶରେ ସ୍ପଷ୍ଟ କରିଛନ୍ତି। ଆଇନଜୀବୀ ତଥା ମାନବାଧିକାର କର୍ମୀ ନିଶିକାନ୍ତ ମିଶ୍ରଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ରାଜ୍ୟ ମାନବାଧିକାର କମିସନର ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ ଏବଂ ସଦସ୍ୟ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଶ୍ରୀ ମିଶ୍ର ପିଟିସନ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଗତ ରବିବାର ଭୋର୍ ୪ଟା ବେଳେ ଗୁଣ୍ଡିଚା ମନ୍ଦିର ନିକଟରେ ଦଳାଚକଟା ହୋଇଥିଲା । ଦୁଇଟି ଟ୍ରକ୍ ହଠାତ୍ ଗୁଣ୍ଡିଚା ମନ୍ଦିର ପରିସରକୁ ପଶି ଆସିବାରୁ ସେଠାରେ ଉପସ୍ଥିତ ଶ୍ରଦ୍ଧାଳୁମାନେ ଧାଁ ଦଉଡ଼ କରିଥିଲେ। ଏଥିରେ ତିନିଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହୋଇଥିଲାବେଳେ ୫୦ରୁ ଅଧିକ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି।

## କଟକ ରେଳ ଷ୍ଟେସନ୍‌ରେ ଦୁର୍ଘଟଣା

# ମାଲବାହୀ ଟ୍ରେନର ୩ଟି ବଗି ଲାଇନ୍‌ଚ୍ୟୁତ

କଟକ,(ସବ୍ୟୁ): କଟକ ରେଳ ଷ୍ଟେସନ୍ ୟାର୍ଡ ନିକଟରେ ଏକ ମାଲବାହୀ ଟ୍ରେନ ଆଜି ସକାଳୁ ଲାଇନ୍‌ଚ୍ୟୁତ ହୋଇଛି । ପାରାଦୀପ ଅଭିମୁଖେ ଯାଉଥିବା ଟ୍ରେନର ୩ଟି ବଗି ଧାରଣାରେ ଓଲଟିପଡିଥିଲା । ଏଥିରେ ସେଭଳି କୌଣସି କ୍ଷୟକ୍ଷତି ଘଟିନାହିଁ । ରେଳ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ସୋମମବାର ସକାଳ ପ୍ରାୟ ୮ଟା ୪୦ରେ ଏକ ମାଲବାହୀ ଟ୍ରେନ ପାରାଦୀପ ଅଭିମୁଖେ ଯାଉଥିଲା । ଟ୍ରେନଟି କଟକ ୟାର୍ଡ ନିକଟ ୮ ନଂ ରୁଟ(ଲୁପ୍ ଲାଇନ) ଚଢି ମୁଖ୍ୟ ରେଳ ଧାରଣାରେ ଯାଉଥିଲା । ତେବେ ମାଲଗୋଦାମ ରେଳ ଓଭରବ୍ରିଜ ଅତିକ୍ରମ କରିବାର କିଛି ମିଟର ପରେ ହଠାତ ଟ୍ରାକରୁ ୩ଟି ଖାଲି ଡବା(୩୮, ୩୯ ଓ ୪୦ ନମ୍ବର ୱାଗନ) ଓଲଟି ପଡିଥିଲା । ଟ୍ରେନର ବେଗ ଅଧିକ ନଥିବାରୁ ଡ୍ରାଇଭର ତୁରନ୍ତ ଟ୍ରେନକୁ ଅଟକାଇଦେବାରୁ ଅନ୍ୟ ୱାଗନ ଗୁଡିକ ଓଲଟିବାରୁ ବର୍ତ୍ତିଗଲା । ଦୁର୍ଘଟଣାର ଶବ୍ଦ ଶୁଣି ଆରପିଏଫ୍ ଓ ଜିଆରପି ଟିମ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପ୍ରାଥମିକ ଯାଞ୍ଚ ପରେ କେହି ମୃତାହତ ହୋଇନଥିବା ଜଣାପଡିଥିଲା । ଏନେଇ ଖୋର୍ଦ୍ଧା ରୋଡ ଡିଭିଜନର ବିଭାଗୀୟ ଅଧିକାରୀଙ୍କୁ ସୂଚୀତ କରାଯିବାରୁ ଅଳ୍ପ ସମୟ ଭିତରେ ବୈଷୟିକ ଟିମ ଆସି କଟକରେ ପହଞ୍ଚି ଥିଲା। ଏହାପରେ ରେଳବାଇ ପକ୍ଷରୁ ରିଲିଫ ଟ୍ରେନ ପହଞ୍ଚି ମେସିନ ସାହାଯ୍ୟରେ ବଗି ଗୁଡିକୁ ରେଳ ଧାରଣା ପାଶ୍ୱର୍ରୁ ହଟାଇଥିଲା ।

## ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ)

# ଅତିରିକ୍ତ ନିର୍ଦ୍ଦେଶକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ସବ୍ୟୁ): ସୂଚନା ଓ ଲୋକସମ୍ପର୍କ ବିଭାଗ ହେଉଛି ସରକାରଙ୍କ ଆଖି, କାନ ଓ ନାକ ସଦୃଶ୍ୟ ଓ ସରକାରଙ୍କ ଯୋଜନାକୁ ଲୋକଙ୍କ ନିକଟରେ ପହଂଚାଇବା ଏବଂ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଂଚାଇବାରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ଆଜିର ସମୟରେ ଲୋକସମ୍ପର୍କ ଅଧିକାରୀଙ୍କ ଦାୟିତ୍ୱ ଖୁବ ବୃଦ୍ଧିପାଇଛି ଓ ଏହି ପରିସ୍ଥିତିରେ ଆଧୁନିକ ଜ୍ଞାନକୌଶଳକୁ ଆପଣାଇ ସରକାରଙ୍କ ଲକ୍ଷ୍ୟ ପୂରଣ ଦିଗରେ କାର୍ଯ୍ୟ କରିବାକୁ ପଡିବ ବୋଲି ଅବସର ନେଉଥିବା ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡା ଓ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ନୂଆ ପିଢ଼ିର ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ କଲ୍ୟାଣ କମିଟି ଓ ଓଡ଼ିଶା ସୂଚନା ସେବା



ସଂଘ ପକ୍ଷରୁ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡା ଓ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କୁ ଅବସର କାଳୀନ ସମ୍ବର୍ଧନା ପ୍ରଦାନ କରାଯାଇଛି ଓ ଆୟୋଜିତ ସମ୍ବର୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଦୁଇ ବରିଷ୍ଠ ଅଧିକାରୀଙ୍କ ଧୈର୍ଯ୍ୟ, କାର୍ଯ୍ୟଦକ୍ଷତା, ଅମାୟିକ ବ୍ୟବହାର, କର୍ତ୍ତବ୍ୟ ନିଷ୍ଠା, ସରକାରୀ କାର୍ଯ୍ୟକୁ ଆଗେଇ ନେବାରେ ଭୂମିକା ସମ୍ପର୍କରେ ବର୍ଣ୍ଣନା କରିଥିଲେ ।

ଏହି କାର୍ଯ୍ୟକ୍ରମକୁ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଉପନିର୍ଦ୍ଦେଶକ ଦିପ୍ତିମୟୀ ମହାପାତ୍ର, ଉପଶାସନ ସଚିବ ପ୍ରଣବ ପ୍ରକାଶ ଦାସ, ସହକାରୀ ନିର୍ଦ୍ଦେଶକ( କ୍ଷେତ୍ର) ଦୀପକ କୁମାର ସାହୁ, ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ବିକ୍ରମ ମହାରଣା, ବିନାୟକ ମିଶ୍ର , ଅବିନାଶ ପାଣିଙ୍କ ସମେତ ମନୋଜ ରଥ, ଜନ ଜାଭେଦ ସିଂ, ଗୋପାଳ ପାଣିଗ୍ରହୀ ପ୍ରମୁଖ ଅବସର ନେଉଥିବା ଅଧିକାରୀଙ୍କ କାର୍ଯ୍ୟକ୍ଷେତ୍ରର ସ୍ମୃତି ବଖାଣିବା ସହିତ ଗଣମାଧ୍ୟମ ସହିତ ସମନ୍ୱୟ ରକ୍ଷା କରି ଅତ୍ୟନ୍ତ ନିଖୁଣ ଭାବେ ସରକାରୀ କାର୍ଯ୍ୟକୁ ଆଗେଇ ନେଉଥିଲେ ବୋଲି ବର୍ଣ୍ଣନା କରିଥିଲେ । ଏହି ଅବସରରେ ବିଭାଗ ପକ୍ଷରୁ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ଓ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କୁ ପୁଷ୍ପଗୁଚ୍ଛ , ଉତ୍ତରୀୟ, ଫଳକ ଓ ଶ୍ରୀମଦ ଭଗବତ ଗୀତା ପ୍ରଦାନ କରାଯାଇଥିଲା । ଏହିବୈଠକରେ ଯୁଗ୍ମ ନିର୍ଦ୍ଦେଶକ ସ୍ମିତା କର, ସହକାରୀ ଅର୍ଥ ପରାମର୍ଶଦାତା ପୃଥ୍ୱୀରାଜ ପାଣି, ଲୋକସମ୍ପର୍କ ଅଧିକାରୀ ପଠାଣି ରାଉତ, ପ୍ରମୋଦିନୀ ଟେଟେ, ଅମ୍ଲାନ ଦାସ, ତନୁଜା ମହାନ୍ତି, ଆଲୋକ ମହାନ୍ତି, ରୋଜାଲିନି ସାହୁ, ଐଶର୍ଯ୍ୟା ସାମନ୍ତ, ଶ୍ରବଣ କୁମାରଙ୍କ ସମେତ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଟ୍ରିକ ଟପ୍ପରଙ୍କୁ ମିଳିଲା ଗୋପବନ୍ଧୁ ଦାସ ଶିକ୍ଷା, ସ୍ୱାଭିମାନ ଓ ତ୍ୟାଗ ମେଧାବୃତ୍ତି-୨୦୨୫

# ମେଧାବୀଙ୍କୁ ଏକ ଲକ୍ଷ ଟଙ୍କା ପୋତ୍ସାହନ ରାଶି ପ୍ରଦାନ କଲେ ସତ୍ୟ ସୂତାର

ଭୁବନେଶ୍ୱର, (ସବ୍ୟୁ): ସମାଜର ପ୍ରଗତି ପାଇଁ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ ଓ ମେଧାବୀ ଛାତ୍ରଛାତ୍ରୀମାନେ ଏହାର ନେତୃତ୍ୱ ନେଇଥାନ୍ତି। ଓଡ଼ିଶାର ସେହି ମେଧାବୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଛି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଶିକ୍ଷା, ସ୍ୱାଭିମାନ ଓ ତ୍ୟାଗ ମେଧାବୃତ୍ତି-୨୦୨୫ । ଚଳିତ ବର୍ଷ ୫ମ ମେଧାବୃତ୍ତି ଅବସରରେ ଯୁଗ୍ମ ମାଟ୍ରିକ ଟପ୍ପରଙ୍କୁ ଗୋପବନ୍ଧୁ ଦାସ ଶିକ୍ଷା, ସ୍ୱାଭିମାନ ଓ ତ୍ୟାଗ ମେଧାବୃତ୍ତି-୨୦୨୫ ପ୍ରଦାନ କରାଯାଇଛି।

ରବିବାର ଦିନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଚଳିତ ବର୍ଷର ମାଟ୍ରିକ ଟପ୍ପରଙ୍କୁ ମିଳିଛି ଏହି ମେଧାବୃତ୍ତି ପୁରସ୍କାର। କଟକ ଜିଲ୍ଲା ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଚନ୍ଦନ ମହାନ୍ତ ଓ ବରଗଡ଼ ଜିଲ୍ଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବବିତା ରଥ ଯୁଗ୍ମ ଭାବେ ମାଟ୍ରିକ ଟପ୍ପର ହୋଇଥିବାବେଳେ ଉଭୟଙ୍କୁ ଏହି ମେଧାବୃତ୍ତି ଦିଆଯାଇଛି। ପୁରସ୍କାର ରାଶି ସ୍ୱରୂପ ଚନ୍ଦନ ଓ ବବିତାଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ମିଳିଛି ।



ସିଙ୍ଗାପୁରରେ ରହୁଥିବା ଆନନ୍ଦପୁର ବ୍ଲକ ଫକୀରପୁର ନିବାସୀ ସତ୍ୟ ସୁତାର ଏହି ମେଧାବୃତ୍ତି ପ୍ରଦାନ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଓ ଶିକ୍ଷାବିତ୍ ଦାସ ବେନହୁର ଯୋଗଦେଇ ସମାଜ ଗଠନରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କୃତୀ ଛାତ୍ରଛାତ୍ରୀଙ୍କ ଏଭଳି ମେଧାବୃତ୍ତି ଦେଇ ଶିକ୍ଷାକୁ ଆଗେଇ ନେବାରେ ସତ୍ୟ ସୁତାରଙ୍କ ଏଭଳି ମହତ କାର୍ଯ୍ୟକୁ ସେ ଭୂୟସୀ ପ୍ରଶଂସା କରିଥିଲେ । ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ, ବିଶିଷ୍ଟ ସମାଜସେବୀ ନମ୍ରତା ଚଢା, ଶିକ୍ଷାବିତ୍ ନିରଞ୍ଜନ ପାଣି, ବରିଷ୍ଠ ସାମ୍ବାଦିକ ସଞ୍ଜିବ କୁମାର ମହାପାତ୍ର , ଆଇଏମବି ନିର୍ଦ୍ଦେଶକ ତ୍ରିଲୋଚନ ନାୟକ ପ୍ରମୁଖ ଯୋଗଦେଇ "ଶିକ୍ଷା ହିଁ ସମାଧାନ" ଶୀର୍ଷକ ଉପରେ ଆଲୋକପାତ କରିଥିଲେ । ଶେଷରେ ସତ୍ୟ ସୁତାରଙ୍କ ଏଭଳି ପଦକ୍ଷେପ ଆଗାମୀ ଦିନରେ ଛାତ୍ରଛାତ୍ରୀମାନଙ୍କୁ ଅନେକ ପ୍ରେରଣା ଦେବ ବୋଲି ଯୋଗଦେଇଥିବା ଅତିଥିମାନେ କହିଥିଲେ। କୃତୀ ଛାତ୍ରଛାତ୍ରୀମାନେ ସତ୍ୟ ସୁତାରଙ୍କ ଏଭଳି ମହତ ପ୍ରୟାସକୁ ପ୍ରଶଂସା କରିବା ସହ ଏହି ସମ୍ବର୍ଦ୍ଧନା ଆଗକୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଡ.ତ୍ରିଲୋଚନ ନାୟକ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଫକୀରପୁର ନିବାସୀ ସତ୍ୟ ସୁତାର ସିଙ୍ଗାପୁର ସ୍ଥିତ ଫୁଡ ଏମ୍ପାୟାର ହୋଲଡିଂ ଏଲଟିଡିର ସିଇଓ ଭାବେ କାର୍ଯ୍ୟ କରୁଛନ୍ତି। ଛାତ୍ରଛାତ୍ରୀଙ୍କୁ ଆଗକୁ ବଢ଼ିବାରେ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ସେ ରାଜ୍ୟର ମାଟ୍ରିକ ଟପ୍ପରଙ୍କୁ ଗତ ୫ବର୍ଷ ଧରି ଏହି ମେଧାବୃତ୍ତି ପ୍ରଦାନ କରୁଛନ୍ତି ।

# ବ୍ୟାଙ୍କ ଅଫ ଇଣ୍ଡିଆର ନୂତନ ଶାଖା ଉଦ୍‌ଘାଟିତ

ଫୁଲନଖରା, (ସବ୍ୟୁ): ବୈଦେଶ୍ୱର ନଗରୀର ମଝି ସ୍ଥଳ ଫୁଲନଖରା ଛକରେ ବ୍ୟାଙ୍କ ଅଫ ଇଣ୍ଡିଆର ନୂତନ ଶାଖା ଉଦଘାଟିତ ହୋଇଯାଇଛି । ବ୍ୟାଙ୍କ ଅଫ ଇଣ୍ଡିଆର ମହାପ୍ରବନ୍ଧକ ଶ୍ରୀ ବିକାଶ କୃଷ୍ଣ ଉଦଘାଟନ କରିଥିଲେ । ଉପ ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଲ କୁମାର ଦାସ,ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲ୍ଲିକ ପ୍ରମୁଖ ଉଦଘାଟନୀ ଉତ୍ସବରେ ଅଂଶଗ୍ରହଣ କରି ଉତ୍ସାହିତ କରିଥିଲେ ।ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ବ୍ୟାଙ୍କିଙ୍ଗ ସୁବିଧା ସହଜରେ ଓ ସଠିକ ସମୟରେ ଯୋଗାଇବା ଆମର ଲକ୍ଷ୍ୟ ବୋଲି ଶାଖାପରିଚାଳକ ସମ୍ବିତ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

# ରଥଯାତ୍ରାରେ ଫ୍ରିଡମର ଆକର୍ଷଣୀୟ ଅଫର

ଭୁବନେଶ୍ୱର (ସବ୍ୟୁ): ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଭାରତ ବର୍ଷର ଏକ ନମ୍ବର ମାନ୍ୟତାପ୍ରାପ୍ତ ଖାଇବା ତେଲ ଫ୍ରିଡମ ପକ୍ଷରୁ ଶରଧାବାଲି ସ୍ଥିତ ମାଉସୀ ମା' ମନ୍ଦିର ଠାରେ ଏହାର ଷ୍ଟଲ୍ ଉଦ୍‌ଘାଟିତ ହୋଇଯାଇଛି । ଏହି ଷ୍ଟଲ୍‌କୁ ଭୁବନେଶ୍ୱର ଡିଏସପି ବିଷ୍ଣୁ ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଫ୍ରିଡମ ତେଲ ପକ୍ଷରୁ ରଥଯାତ୍ରା ଠାରୁ ଆରମ୍ଭ କରି ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ଚାଲିଥିବା ଏହି ଯାତ୍ରାରେ ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ରିହାତି ମୂଲ୍ୟରେ ତେଲ ସହିତ ନିଶ୍ଚିତ ଆକର୍ଷଣୀୟ ଉପହାର ରହିଛି । ଏଥିସହିତ କମ୍ବୋ ଅଫର ଭାବେ ପ୍ରତ୍ୟେକ ଦୁଇ ଲିଟର ସନ୍‌ଫ୍ଲାୱାର ସହ ଏକ ଲିଟର ସୋରିଷ ତେଲ ଉପରେ ଆକର୍ଷଣୀୟ ରିହାତି ମିଳୁଛି । ପାଞ୍ଚ ଲିଟର ବିଶିଷ୍ଟ ସୋରିଷ ତେଲ ସହ ପାଞ୍ଚ ଲିଟର ରିଫାଇନ




ତେଲ କିଣିଲେ ଆକର୍ଷଣୀୟ ଦୁଇଟି ବାଲଟି ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ଫ୍ରିଡମ ତେଲର ଓଡ଼ିଶା ମୁଖ୍ୟ ଅମୀୟ କୁମାର ଧଳ ସୂଚନା ଦେବାସହ ଜଗତରନାଥ ଜଗନ୍ନାଥ ରାଜ୍ୟବାସୀଙ୍କୁ ସର୍ବଦା ସୁସ୍ଥ ଓ ନିରୋଗ ରଖନ୍ତୁ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିବନେଶ୍ୱର ବେହେରା, ସମୀର ମହାପାତ୍ର, ବିଭୂତି ଲେଙ୍କା, ସମୀର ପଟ୍ଟନାୟକ, ଜୟଦେବ ବେହେରା, ପ୍ରମୋଦ ଖିଲାର ଏବଂ ସୌମ୍ୟ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ ।

# ଡ୍ରିମ୍ସରେ ନିଶା ମୁକ୍ତ ଭାରତ ଅଭିଯାନ



କଟକ, (ସ୍ୱପ୍ର): ନିଶା ସେବନ କେବଳ ବ୍ୟକ୍ତି ନୁହେଁ ପରିବାର ଓ ସମାଜ ଉପରେ କୁପ୍ରଭାବ ପକାଇଥାଏ । ସୁତରାଂ କୌଣସି ପ୍ରକାର ନିଶା ସେବନ ଓ ନିଶା କାରବାର ଠାରୁ ଦୂରରେ ରହିବା ସହିତ ନିଶା ମୁକ୍ତ ସମାଜ ଗଠନ ଲାଗି ପାରସ୍ପରିକ ସହଯୋଗର ଆବଶ୍ୟକତା ରହିଛି ଏବଂ ଏଥି ପାଇଁ ଆମକୁ ସଂକଳ୍ପବଦ୍ଧ ଭାବରେ କାର୍ଯ୍ୟକ୍ରମ କରିବାକୁ ହେବବୋଲି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଛନ୍ତି । ଡ୍ରିମ୍ସ ପଲିଟେକ୍ନିକ ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଅଧ୍ୟକ୍ଷ ଡ. ରଥ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନର ଭାରତବର୍ଷରେ ନିଶା ସେବନର ସ୍ଥାନ ନାହିଁ ବୋଲି କହିବା ସହ ଏଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ନିର୍ଦ୍ଦେଶିକା ଚିନ୍ମୟୀ ରଥ ନିଶା ନିବାରଣ ସଂପର୍କରେ ଛାତ୍ରଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, ପଲିଟେକ୍ନିକ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଂଜନ ମହାନ୍ତି, ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଅଙ୍ଗଦ କୁମାର ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୁଇ ଗୋଷ୍ଠୀ ଝଗଡା, ୫ ଆହତ

ବ୍ରହ୍ମପୁର, (ସବ୍ୟୁ): ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁର ଗ୍ରାମରେ ସୋମବାର ସନ୍ଧ୍ୟାରେ ଦୁଇ ଗୋଷ୍ଟି ମଧ୍ୟରେ ଝଗଡା ହୋଇଛି। ଏଥିରେ ଉଭୟ ପକ୍ଷର ୫ ଜଣ ଆହତ ହୋଇଛନ୍ତି। ଆହତ ମାନେ ହେଲେ ଗୋଟିଏ ଗୋଷ୍ଠିର ପ୍ରତାପ ଦାସ(୪୦) ତା 'ଭାଇ ପିଣ୍ଟୁ ଦାସ ଓ ସାଙ୍ଗ ପିଣ୍ଟୁ ଦାସ। ଅନ୍ୟ ଗୋଷ୍ଠିର ମୁନା ଦାସ ଓ ପ୍ରତାପଙ୍କ ସ୍ତ୍ରୀ ତଥା ମୁନାଙ୍କ ପ୍ରେମିକା ସୁକାନ୍ତି ଦାସ। ପୋଲିସ ଘଟଣାର ଏବେ ତଦନ୍ତ କରୁଛି। ପ୍ରତାପ ତାଙ୍କ ଭାଇ ଓ ସାଙ୍ଗ ଏମକେସିଜିରେ ଚିକିତ୍ସିତ ହୋଇଥିବା ବେଳେ ମୁନା ଓ ସୁକାନ୍ତି ସିଟି ହସ୍ପିଟାଲରେ ଚିକିତ୍ସିତ ହୋଇଛନ୍ତି ବୋଲି ପୋଲିସ କହିଛି। ପ୍ରାଥମିକ ତଦନ୍ତରୁ ପ୍ରତାପ ତାଙ୍କ ସ୍ତ୍ରୀ'ସୁକାନ୍ତି ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବାରୁ ସେ ମୁନା ଦାସ ସହ ରୁହନ୍ତି। ଏହାକୁ ନେଇ ଉଭୟ ପ୍ରତାପ ଓ ମୁନା ମଧ୍ୟରେ କଳହ ଲାଗି ରହିଛି। ସୋମବାର ଗାଁ'ମୁଣ୍ଡରେ ମୁନା ଦାସ ଓ ତାଙ୍କ ପ୍ରେମିକା ସୁକାନ୍ତି ଯାଉଥିବା ବେଳେ ପ୍ରତାପ ଦାସ, ତାଙ୍କ ଭାଇ ଓ ସାଙ୍ଗ ସେଠାରେ ମୁନା ସହ ଝଗଡା କରିଥିଲେ। ଉଭୟ ଗୋଷ୍ଠି ପରସ୍ପରକୁ ମାରପିଟ କରିଥିଲେ। ଫଳରେ ସେମାନେ ଆହତ ହୋଇଥିଲେ। ପ୍ରତାପ, ମୁନା ଦାସ ନାଁ'ରେ ଅଭିଯୋଗ କରିଥିବା ବେଳେ ସୁକାନ୍ତି ଉକ୍ତ ପ୍ରତାପ, ପିଣ୍ଟି ଓ ଅଜିତ ନାଁ'ରେ ଅଭିଯୋଗ କରିଛି ।



ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ମହାପ୍ରଭୁଙ୍କ ମତ୍ସ୍ୟ, କୂର୍ମ ବେଶ

## ଯୁବତୀଙ୍କୁ ଭଲ ପାଇବାର ବାହାନା କରି ୭ ଲକ୍ଷ ନେଇଗଲେ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସହରର ଜଣେ ଯୁବକ କନ୍ଧମାଳ ଜିଲାର ଜଣେ ଯୁବତୀଙ୍କୁ ଭଲ ପାଇବାର ବାହାନା କରି ତାଙ୍କ ଠାରୁ ୭ ଲକ୍ଷ ୨୪ ହଜାର ଟଙ୍କା ନେଇ ଠକେଇ କରିଛନ୍ତି । ଯୁବତୀ ଜଣଙ୍କ ବାରମ୍ବାର ଟଙ୍କା ମାଗି ନିରାଶ ହେବା ପରେ ଶେଷରେ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି । ଏ ନେଇ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଛି । ସୂଚନାପ୍ରକାରେ, କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଅଞ୍ଚଳର ଜଣେ ୨୭ ବର୍ଷୀୟ ଯୁବତୀଙ୍କ ସହ ବ୍ରହ୍ମପୁର ସହରର ଜଣେ ଯୁବକଙ୍କ ସହ ଆଜକୁ ୪ ବର୍ଷ ତଳେ ପରିଚୟ ହୋଇଥିଲା। ଯୁବକ ଜଣଙ୍କ ସଂପୃକ୍ତ ଯୁବତୀଙ୍କ ସହ ସମ୍ପର୍କ ବଢାଇ ତାଙ୍କୁ ପ୍ରେମ କରୁଥିବା ଜଣାଇଥିଲେ। ଯୁବକଙ୍କ କଥାକୁ ବିଶ୍ୱାସ କରି ଯୁବକ ଜଣଙ୍କ ସମ୍ପର୍କ ଆଗକୁ ବଢାଇଥିଲେ । ଏହା ଭିତରେ ଯୁବକ ଜଣଙ୍କ ବିଭିନ୍ନ ବାହାନା କରି ଯୁବତୀଙ୍କ ଠାରୁ ପର୍ଯ୍ୟାୟକ୍ରମରେ ୭ ଲକ୍ଷ ୨୪ ହଜାର ଟଙ୍କା ନେଇଥିଲେ ହେଲେ ପ୍ରତିଶ୍ରୁତି ମୁତାବକ ସେ ଟଙ୍କା ଫେରସ୍ତ କରିନଥିଲେ । ଯୁବତୀ ଜଣଙ୍କ ବାରମ୍ବା ଟଙ୍କା ମାଗୁଥିବା ବେଳେ ସେ କେବଳ ପ୍ରତିଶ୍ରୁତି ହିଁ ଦେଉଥିଲେ । ଯୁବକଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଜାଣିବା। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି ।

## ନକଲି ଦସ୍ତଖତରେ ସମ୍ପାଦିକାଙ୍କୁ ବହିଷ୍କୃତ ଅଭିଯୋଗ

ବ୍ରହ୍ମପୁର, (ସବ୍ୟୁ): ନକଲି ଦସ୍ତଖତ କରି ଏକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସମ୍ପାଦିକାଙ୍କୁ ବହିସ୍କୃତ ନେଇ ଥାନାରେ ଅଭିଯୋଗ ହୋଇଛି । ଗୋଶାଣିନୁଆଗାଁ ପୋଲିସ ଏସଂକ୍ରାନ୍ତରେ ୨୧୭/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ଆମ୍ବମାର୍କେଟ ନିକଟ ଅର୍ଣ୍ଣପୂର୍ଣ୍ଣା ନଗରରେ ରହୁଥିବା ପୂର୍ଣ୍ଣବାସୀ ପ୍ରଧାନ' ମା ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ଭାବେ କାର୍ଯ୍ୟ କରୁଥିଲେ । ୨୦୨୫ରେ ଏହି ଗୋଷ୍ଠୀର ସଦସ୍ୟମାନେ ଏକ ରିଜେଲ୍ୟୁସନ କରି ପୁର୍ଣ୍ଣବାସୀଙ୍କୁ ବାହାର କରି ଅନ୍ୟ ଜଣଙ୍କୁ ସମ୍ପାଦିକା ଭାବେ ଦାୟିତ୍ୱ ଦେଇଥିଲେ। ଏପରିକି ବାକି ଥିବ ଋଣ ଟଙ୍କା ମଧ୍ୟ ଦେଇନଥିଲେ। ଏନେଇ ମୁଁ ମାଗିବାରୁ ସେମାନେ ଧମକଚମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ଏହାପୂର୍ବରୁ ସେ ବ୍ରହ୍ମପୁର ଏସପିଙ୍କ ନିକଟରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିବା ଜଣାଇଛନ୍ତି ।

## ନକଲି ସସ୍ କାରଖାନା ସିଲ୍

## ୧୦ ଲକ୍ଷ ଟଙ୍କାର ସାମଗ୍ରୀ ଜବତ, ଜଣେ ଗିରଫ



ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ପୋଲିସର ଏକ ନକଲି ସସ କାରଖାନାରେ ଚଢଉ କରି ତାହାକୁ ସିଲ କରିଛି। ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସସ୍, କଞ୍ଚାମାଲ, ମେସିନ, କେମିକାଲ (ରାସାୟନିକ ପଦାର୍ଥ) ଇତ୍ୟାଦି ଜବତ ହୋଇଛି। ପୋଲିସ ଚଢଉର ଖବର ପାଇ ମାଲିକ ଫେରାର ହୋଇଯାଇଥିବା ବେଳେ ସେଠାରେ କାମ କରୁଥିବା ଜଣେ କର୍ମଚାରୀଙ୍କୁ ଗିରଫ କରାଯାଇଛି। ସୋମବାର ମହାନଗର ନିଗମ ଖାଦ୍ୟ ନିରାପତ୍ତା ଅଧିକାରୀ ସେଠାରେ ପହଞ୍ଚି ନମୁନା ସଂଗ୍ରହ କରିଛନ୍ତି। ତାହା ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ ବୋଲି ଜଣାପଡିଛି। ଉକ୍ତ ଥାନା ଅନ୍ତର୍ଗତ ପିଚିପିଚିଆ ନଗରରେ ନକଲି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ହେଉଥିବା ନେଇ ରବିବାର ପୋଲିସକୁ ଖବର ମିଳିଥିଲା। ଥାନାଧିକାରୀ ବାବା ଶଙ୍କର ସରାଫଙ୍କ ନେତୃତ୍ୱରେ ଏକ ଟିମ ଚଢଉ କରିଥିଲା। ଯାଞ୍ଚ ବେଳେ ବିଭିନ୍ନ ପ୍ରକାର ସସ ଓ ଭିନେଗାର ପ୍ରସ୍ତୁତ ହେଉଥିଲା। ଯାଞ୍ଚ ବେଳେ ନକଲି ସସ ପ୍ରସ୍ତୁତ କରାଯାଉଥିବା ଜଣାପଡିଥିଲା। ସେହିପରି ସୋମବାର ମଧ୍ୟ ସେଠାରେ ଚଢଉ କରାଯାଇ ଯାଞ୍ଚ ପରେ ତାହାକୁ ସିଲ କରାଯାଇଛି ।

## ଏକ ଲକ୍ଷ ୭୯ହଜାରରୁ ଉର୍ଦ୍ଧ୍ୱ ଚାରା ଯୋଗାଇବ ବୁଗୁଡ଼ା ବନ ବିଭାଗ



ବୁଗୁଡ଼ା, (ସବ୍ୟୁ): ଚଳିତ ବର୍ଷ ବୁଗୁଡ଼ା ବନ ବିଭାଗ ତରଫରୁ ୧ ଲକ୍ଷ ୭୯ ହଜାର ୭୯୦ ଚାରା ଯୋଗାଣ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ସୂଚନା ଦେଇଛନ୍ତି। ସେଥି ମଧ୍ୟରୁ ମନରେଗା ଯୋଜନାରେ ୧ ଲକ୍ଷ ୪୦ ହଜାର ଚାରା, ଆଇଜିସି ଏବଂ ଜିଏମଏମ ଉଭୟ ଯୋଜନାରେ ୩୯ ହଜାର ୭୯୦ ଚାରା ଯୋଗାଣର ବ୍ୟବସ୍ଥା ରହିଛି। ଏଥି ନିମନ୍ତେ ବୁଗୁଡା ବନାଞ୍ଚଳ କାର୍ଯ୍ୟାଳୟ ସମେତ ଶୁଳିଆପଲ୍ଲୀ, ଠଣାପଲ୍ଲୀ, କଦମ୍ବମଠ, ବାଘୁଆ, କୁମୁଣ୍ଡା, କଣ୍ଟାବଣି, ମାଣିତରା ଆଦି ସ୍ଥାନରେ ନର୍ସରୀ କରାଯାଇଛି। ଉକ୍ତ ନର୍ସରୀ ଗୁଡିକରେ ଶାଗୁଆନ, କାଜୁ, ଅଁଳା, ଚନ୍ଦନ, ନିମ୍ବ, ଅମୃତ ଭଣ୍ଡା, ସଜନା, ରକ୍ତ ଚନ୍ଦନ, ପିଜୁଳି, ବାଉଁଶ ସମେତ ଅନ୍ୟ ପ୍ରକାରର ଚାରା ମଧ୍ୟ ଉପଲବ୍ଧ ରହିଛି। ଜୁଲାଇ ପହିଲାରୁ ଚାରା ଯୋଗାଣର ଶୁଭାରମ୍ଭ ହେବାକୁ ଥିବାବେଳେ ଯେକୌଣସି ଅନୁଷ୍ଠାନ ବ୍ୟତୀତ ଅନ୍ୟମାନଙ୍କୁ ପ୍ରତି ଚାରା ଏକ ଟଙ୍କା ଦରରେ ବିକ୍ରି କରାଯିବାର ବ୍ୟବସ୍ଥା ରହିଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ମିଳିଛି ।

## ୱାରେଣ୍ଟ ବଳରେ ଗଞ୍ଜାମ ଲ'କଲେଜ ଅଧ୍ୟକ୍ଷ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବୈଦ୍ୟନାଥପୁର ପୋଲିସ ୱାରେଣ୍ଟ ବଳରେ ଗଞ୍ଜାମ ଲ'କଲେଜ ଅଧ୍ୟକ୍ଷଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ମନୋଜ କୁମାର ଜେନା ସାମନ୍ତ(୫୫)। ତାଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଏସଡ଼ି ଜେଏମ କୋର୍ଟରେ ତାଙ୍କର ଜାମିନ ଆବେଦନ କରାଯାଇଥିଲା। ମାଜିଷ୍ଟ୍ରେଟ ଉକ୍ତ ଅଧ୍ୟକ୍ଷଙ୍କୁ ଜାମିନ ପ୍ରଦାନ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅଧ୍ୟକ୍ଷ ମନୋଜଙ୍କ ନାମରେ ୧୩୭/୨୪ ରେ ଏକ ୱାନସିସି ମାମଲା ହୋଇଥିଲା। ମାମଲାର ବିଚାରଣା ସମୟରେ ସେ କୋର୍ଟରେ ହାଜର ହୋଇନଥିଲେ। ଏଣୁ କୋର୍ଟ ତାଙ୍କ ବିରୋଧରେ ୱାରେଣ୍ଟ ଜାରି କରିଥିଲେ ।

## ୪ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା




ବୁଗୁଡା, (ସବ୍ୟୁ): ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ୪ଟି ବିଦ୍ୟାଳୟର ୪ ଜଣ ଶିକ୍ଷୟିତ୍ରୀ ଜୁନ୍ ମାସର ଅନ୍ତିମ ଦିବସରେ ଅବସର ଗ୍ରହଣ କରିଥିବା ବେଳେ ସେମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ ଉଦ୍ଦେଶ୍ୟରେ ଏକ କାର୍ଯ୍ୟକ୍ରମ ବିଇଓ ଚିନ୍ମୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଅବସରରେ ଅବସରପ୍ରାପ୍ତା ଶିକ୍ଷୟିତ୍ରୀମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ଦଶିପୁର ପ୍ରାଥମିକ ବିଦ୍ୟାଳୟର ଧନ୍ନ୍ତରୀ ଦେବୀ ଓ ଘୋଡାପଡା ଅପଗ୍ରେଡ୍ ହାଇସ୍କୁଲର ମିନା କୁମାରୀ ରଥଙ୍କୁ ଫାଇନାଲ ପେନସନ୍ ଅର୍ଡର ଏବଂ ବି.କରଡ଼ାବାଡ଼ି ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠର ରିତା ବ୍ରହ୍ମା, ବାଲିପଦର ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରମିତା କୁମାରୀ ପଟ୍ଟନାୟକଙ୍କୁ ପ୍ରୋଭିଜନାଲ୍ ଅର୍ଡର ପ୍ରଦାନ କରାଯାଇଥିଲା। ବିଇଓ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏବିଇଓ ଅମିତା କୁମାରୀ ପାଢୀଙ୍କ ସମେତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନୋରଞ୍ଜନ ଦାଶ, ଏସ୍ଓ ପ୍ରିୟଦର୍ଶୀ ଦାଶ ଏବଂ ସିଆରସିମାନେ ଉପସ୍ଥିତ ରହିଥିଲେ ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରଫେସର ବି.ଏନ୍. ଦାସ ସ୍ମାରକୀ ବକ୍ତୃତା ଓ ଛାତ୍ର ସମ୍ମିଳନୀ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ, ଓଡ଼ିଶା ଅର୍ଥନୀତି ସଂଘ ଏବଂ ଅର୍ଥନୀତି ପୂର୍ବତନ ଛାତ୍ର ସଂଘ ସହଯୋଗରେ ଆଜି ଭଞ୍ଜ ବିହାରର ନୂତନ ସମ୍ମିଳନୀ ହଲରେ 'ପ୍ରଥମ ପ୍ରଫେସର ବିବେକାନନ୍ଦ ଦାସ ସ୍ମାରକୀ ବକ୍ତୃତା ଏବଂ ପୂର୍ବତନ ଛାତ୍ର ସମ୍ମିଳନୀ ୨୦୨୫' ଆୟୋଜନ କରିଥିଲା। ଏହି ଦିନିକିଆ କାର୍ଯ୍ୟକ୍ରମରେ ଅଧ୍ୟାପକ, ବିଶିଷ୍ଟ ପୂର୍ବତନ ଛାତ୍ର ଏବଂ ବିଦ୍ୱାନମାନେ ସ୍ୱର୍ଗତ ପ୍ରଫେସର ବିବେକାନନ୍ଦ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ଅର୍ଥନୀତିକ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଏକତ୍ରିତ ହୋଇଥିଲେ। ଉଦଘାଟନୀ ଅଧିବେଶନ ଭଞ୍ଜ ବିହାର କୁଳ ସଙ୍ଗୀତ ସହିତ ଆରମ୍ଭ ହୋଇଥିଲା। ତା'ପରେ ପୁଷ୍ପଗୁଚ୍ଛ ପ୍ରଦାନ ଏବଂ ଆନୁଷ୍ଠାନିକ ଉଦଘାଟନ କରାଯାଇଥିଲା। ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ମୃତ୍ୟୁଞ୍ଜୟ ସ୍ୱାଇଁ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଅତିଥିମାନଙ୍କୁ ପରିଚୟ କରାଇଥିଲେ। ପୂର୍ବତନ ବିଭାଗର ମୁଖ୍ୟ ପ୍ରଫେସର ଭାଗବତ ପାତ୍ରୋ ପ୍ରଫେସର ଦାସଙ୍କ ଶୈକ୍ଷିକ ଅବଦାନ ଏବଂ ମାର୍ଗଦର୍ଶନ ଐତିହ୍ୟର ଏକ ହୃଦୟସ୍ପର୍ଶୀ ସ୍ମୃତିଚାରଣ କରିଥିଲେ। ବିଶିଷ୍ଟ ବକ୍ତାମାନଙ୍କ ମଧ୍ୟରେ ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କେ. ତ୍ରିପାଠି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଗୋକୁଳାନନ୍ଦ ଦାସ ସାମିଲ ଥିଲେ। ପୂର୍ବତନ ଛାତ୍ରମାନେ ମଧ୍ୟ ପ୍ରଫେସର ଦାସଙ୍କ ସ୍ମୃତି ବାଣ୍ଟିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ନୂତନ ଭାବରେ ନାମିତ ପ୍ରଫେସର ବିବେକାନନ୍ଦ ଦାସ ହଲ୍ ଉନ୍ମୋଚନ କରିଥିଲେ। ତାଙ୍କ ସମ୍ମାନାର୍ଥେ ଏକ ସ୍ମାରକୀ ସ୍ମରଣିକା ମଧ୍ୟ ଉନ୍ମୋଚିତ ହୋଇଥିଲା। ହାଇବ୍ରିଡ୍ ମୋଡ୍‌ରେ ଆୟୋଜିତ ଏହି ସ୍ମାରକୀ ବକ୍ତୃତା ଅଧିବେଶନରେ ଭାରତ ସରକାରଙ୍କ ଜାତୀୟ ମାନବାଧିକାର କମିଶନର ପୂର୍ବତନ ସଚିବ ଡକ୍ଟର ଅଶୋକ ସାହୁ ଯୋଗ ଦେଇଥିଲେ। ଡକ୍ଟର ସାହୁ ଭାରତରେ ସଙ୍କଟ ପ୍ରବାସ: ଏକ ବିଶ୍ଳେଷଣ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ବକ୍ତୃତା ପ୍ରଦାନ କରିଥିଲେ, ଯାହା ପ୍ରବାସକୁ ଚାଳିତ କରୁଥିବା ସାମାଜିକ-ଆର୍ଥିକ କାରକ ଏବଂ ନୀତିଗତ ଆବଶ୍ୟକତା ଉପରେ ଆଲୋକପାତ କରିଥିଲା ।

## ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଞ୍ଜାମରୁ ଅପହରଣ, କନ୍ଧମାଳରୁ ନରକଙ୍କାଳ ଉଦ୍ଧାର



ଭଞ୍ଜନଗର, (ସବ୍ୟୁ) ଗଂଜାମରୁ ନିଖୋଜ ନାବାଳିକାର ଖଣ୍ଡବିଖଣ୍ଡିତ କଙ୍କାଳକୁ ସୀମାନ୍ତ କନ୍ଧମାଳ ଜିଲ୍ଲା ଗସମା ଜଙ୍ଗଲରୁ ଉଦ୍ଧାର କରିଛି ପୋଲିସ। ନାବାଳିକା ଜଣକ ଭଂଜନଗର ଥାନା ଅଞ୍ଚଳର ବୋଲି ଜଣା ପଡିଛି । ଏନେଇ ଭଂଜନଗର ଥାନାରେ ୭୩୬/୨୫ ରେ ଏକ ଅପହରଣ ମାମଲା ରୁଜୁ ହୋଇଥିଲା । ଘଟଣା ସ୍ଥଳଟି କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଅନ୍ତର୍ଗତ ଖମଣସାହି ଗାଁ ନିକଟ ଗସମା ଜଙ୍ଗଲରେ ଘଟିଛି । ଏହା ଜଣା ପଡ଼ିବା ପରେ ଉଭୟ ଭଂଜନଗର, ଗାଲେରୀ ଫାଣ୍ଡି ଏବଂ ଚକାପାଦ ଥାନା ପୋଲିସ ପହଞ୍ଚିଥିଲେ। ସଂପୃକ୍ତ ଜଙ୍ଗଲ ଭିତରେ ଇତସ୍ତତଃ ହୋଇ ପଡିରହିଥିବା କଙ୍କାଳ, କିଛି ଲୁଗା, ଚଦର ଓ ଚପଲକୁ ଜବତ କରିଛି ଚକାପାଦ ଥାନା ପୋଲିସ। ତେବେ ପାରିପାର୍ଶ୍ୱିକ ଅବସ୍ଥା ଏବଂ ଘଟଣା ସ୍ଥଳରେ କିଛି ସନ୍ଦେହ ଜନକ ସାମଗ୍ରୀକୁ ଦେଖିବା ପରେ ମୃତ ନାବାଳିକାର ବାପା ଦାବୀ କରିଛନ୍ତି ଏହା ତାଙ୍କ ଝିଅର କଙ୍କାଳ ବୋଲି । ଗତ ପ୍ରାୟ ଏକ ମାସ ଧରି ନିଖୋଜ ଥିଲେ ନାବାଳିକା । ତେବେ ଜଙ୍ଗଲ ଭିତରେ ଗୋଟିଏ ଗଛରେ ଏକ ଚୁନି ସାହାଯ୍ୟରେ ବନ୍ଧା ଯାଇଥିବା ମୁଣ୍ଡଟି ସଂପୂର୍ଣ୍ଣ କଙ୍କାଳ ଶୂନ୍ୟ ରହିଥିବାବେଳେ, କେବଳ ଜଣେ ଝିଅର ଚୁଟି ହିଁ ସେଥିରେ ରହି ଝୁଲୁଥିଲା । ଏଥିରୁ ସନ୍ଦେହ ସୃଷ୍ଟି ହୋଇଛି। ନିଖୋଜ ପରେ ପରେ ନାବାଳିକା ଜଣକୁ ହତ୍ୟା କରି ଜଙ୍ଗଲ ଭିତରେ ଗଛରେ ଝୁଲାଇ ଦିଆ ଯାଇଛି । ଯାହାକି ତାଙ୍କର ପରିବାର ଲୋକେ ଅଭିଯୋଗ କରିଛନ୍ତି । ମୃତ ନାବାଳିକାର ବାପାଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ, ଗାଲେରୀ ଫାଣ୍ଡି ଅନ୍ତର୍ଗତ ଡିମିରିଝୋଲି ଗାଁର ଲାଲକ ମଲିକ ନାମକ ଜଣେ ଯୁବକ ହିଁ ନାବାଳିକାକୁ ଅପହରଣ କରି ନିଜ ଘରେ ରଖିଥିଲା । ପରବର୍ତ୍ତୀ ସମୟରେ ଝିଅ ଘରକୁ ନଫେରିବାରୁ ବାପା ଭଂଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଯଦିଓ ଏହା ହତ୍ୟା ନା' ଆତ୍ମହତ୍ୟା ବୋଲି ପୋଲିସ୍ ପକ୍ଷରୁ ତାହା ସ୍ପଷ୍ଟ କରାଯାଇ ନାହିଁ, ତଥାପି ମୃତ ନାବାଳିକାଙ୍କ ବାପା ହତ୍ୟା କରାଯାଇଥିବା ନେଇ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ତେବେ ଘଟଣାର ଅଭିଯୁକ୍ତ ତଥା ଅପହରଣକାରୀ ଯୁବକକୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଭଂଜନଗର ଏସଡିପିଓ ସୁଜିତ କୁମାର ନାୟକ କହିଛନ୍ତି । ଉଧାର ନରକଙ୍କାଳକୁ ଏଫଏମଟିକୁ ପଠାଇ ଯାଇଥିବା ବେଳେ, ସଂପୃକ୍ତ ରିପୋର୍ଟ ଏବଂ ଚକାପାଦ ଓ ଭଂଜନଗର ଥାନା ପୋଲିସର ତଦନ୍ତ ପରେ ଘଟଣା ସ୍ପଷ୍ଟ ହେବ ବୋଲି କୁହାଯାଇଛି । ଅନ୍ୟ ପକ୍ଷରେ ନାବାଳିକା ଜଣକ ସପ୍ତମ ଶ୍ରେଣୀର ଛାତ୍ରୀ ବୋଲି ତାଙ୍କ ବାପା କହିଛନ୍ତି । ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ଦାବି କରିଛନ୍ତି । ଏବେ ଅପେକ୍ଷା ପୋଲିସର ରିପୋର୍ଟକୁ ଅପେକ୍ଷା ।

## ଭିଜିଲାନ୍ସ ମାମଲା

### ମୟୂରଭଞ୍ଜ ଜିଲ୍ଲା ମତ୍ସ୍ୟ ବିଭାଗ ୨ ଅବସରପ୍ରାପ୍ତ ଅଧିକାରୀଙ୍କୁ ୩ବର୍ଷ ଜେଲ୍

ବାରିପଦା, (ସବ୍ୟୁ) : ଏକ ଭିଜିଲାନ୍ସ ମାମଲାର ବିଚାର କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପୂର୍ଣ୍ଣିମା ଜେନା, ମୟୂରଭଞ୍ଜ ଜିଲ୍ଲା ମତ୍ସ୍ୟ ବିଭାଗର ଅବସରପ୍ରାପ୍ତ ଅଧିକାରୀ ସୁରେନ୍ଦ୍ର ମୋହନ ନାଏକ ଓ ରଘୁନାଥ କରଙ୍କୁ ତିନିବର୍ଷ ଲେଖାଏଁ କାରାଦଣ୍ଡ ଆଦେଶ ସହ ୫୦ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି ଶାନ୍ତନୁ କୁମାର ଦାସ ମାମଲା ପରିଚାଳନା କରିଥିଲେ । ଘଟଣାରୁ ପ୍ରକାଶ ଯେ, ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକର ପୂର୍ବତନ ସହାୟକ ମାଛଚାଷ ଅଧିକାରୀ ସୁରେନ୍ଦ୍ର ମୋହନ ନାଏକ ଓ ଜିଲ୍ଲା ମାଛଚାଷ କାର୍ଯ୍ୟାଳୟର ପୂର୍ବତନ ସହାୟକ ଅଧିକାରୀ ରଘୁନାଥ କର, ବହୁମୁଖୀ ଫାର୍ମ ପଣ୍ଡ ଯୋଜନାର ଜାଲିହାତି କରି ସରକାରୀ ଟଙ୍କା ଆତ୍ମସାତ୍ କରିଥିଲେ । ଏନେଇ ଭିଜିଲାନ୍ସ ବିଭାଗରେ ଏହି ଦୁଇ ଅଧିକାରୀଙ୍କ ବିରୋଧରେ ଦୁର୍ନୀତି କରିଥିବା ନେଇ ଅଭିଯୋଗ ହୋଇଥିଲା । ହିତାଧିକାରୀଙ୍କ ହସ୍ତାକ୍ଷରକୁ ଜାଲିହାତି କରି ଏହି ଦୁଇଅଧିକାରୀ ସରକାରୀ ଟଙ୍କା ହଡପ କରିଥିଲେ । ଏନେଇ ୨୦୧୨ ମସିହା ମାର୍ଚ୍ଚ ୨୧ତାରିଖରେ ଭିଜିଲାନ୍ସ ବିଭାଗରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ସୋମବାର ୧୪ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

### ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ ଜେଲ୍

ବାରିପଦା, (ସବ୍ୟୁ) : ଏକ ହତ୍ୟା ମାମଲାର ବିଚାର ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ପୂର୍ଣ୍ଣିମା ଜେନା ସ୍ତ୍ରୀ ହତ୍ୟାକାରୀ ସ୍ୱାମୀ କାହ୍ନୁ ସିଂ(୩୬)ଙ୍କୁ ଆଜୀବନ କାରାଦଣ୍ଡ ଆଦେଶ ସହ ୧୦ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ । ଘଟଣାରୁ ପ୍ରକାଶ ଯେ, ୨୦୨୨ ମସିହା ଏପ୍ରିଲ୍ ୨୧ତାରିଖରେ ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅନ୍ତର୍ଗତ ପାଣ୍ଡରା ଗ୍ରାମର ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀ କାହ୍ନୁ ସିଂ, ସ୍ତ୍ରୀ ଅଞ୍ଜଳି ସିଂ(୩୨)ଙ୍କୁ ଅତି ନିର୍ମମ ଭାବେ ପିଟିପିଟି ହତ୍ୟା କରିଥିଲେ । ଏନେଇ ଝାରପୋଖରିଆ ଥାନାରେ ୯୧/୨୨ରେ ମାମଲା ରୁଜୁ ହୋଇ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ସୋମବାର ୮ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

# କଣ୍ଟେନର ଧକ୍କାରେ ପୋଲିସ ଭ୍ୟାନ ଚାଳକଙ୍କ ମୃତ

ଠାକୁରଗଡ, (ସବ୍ୟୁ): କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର କିଶୋରନଗର ଥାନା ଫାସୀପାଳ ନିକଟରେ ସୋମବାର ମଧ୍ୟାହ୍ନରେ ଏକ କଣ୍ଟେନର ଧକ୍କାରେ ପୋଲିସ ଭ୍ୟାନର ଚାଳକ ହଣ୍ଡପା ଥାନା ବଡ଼ ଢ଼ଙ୍ଗୀ ଆଣି ଗ୍ରାମର ବିଭୁତି ଭୂଷଣ ପ୍ରଧାନ (୪୫) ଙ୍କର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାକୁ ନେଇ ନାକିଚି ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ଘଟଣାରୁ ଜଣାପଡିଛି ଯେ, ହଣ୍ଡପା ଓ କିଶୋରନଗର ଥାନାରେ ଜାତୀୟରାଜପଥର ପେଟ୍ରୋଲିଂ କରୁଥିବା ପେଟ୍ରୋଲିଂ ଗାଡି (ଓଡି୦୫ବିଡବ୍ଲୁ ୬୬୫୬) ହଣ୍ଡପାରୁ ପେଟ୍ରୋଲିଂ କରି କିଶୋରନଗର ଥାନା ଫାସୀପାଳ ନିକଟରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡି ଗୁଡିକ ଅଟକାଇ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚରେ ପୋଲିସ ଗାଡି ଚଳାଉଥିବା ଡ୍ରାଇଭର ବିଭୁତି ରାସ୍ତାରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡି ଗୁଡିକକୁ ଅଟକାଇ ଯାଞ୍ଚ କରାଯାଉଥିବା ସ୍ଥଳକୁ ସମସ୍ତ କାଗଜପତ୍ର ଆଣିବା ପାଇଁ ଚାଳକ ମାନଙ୍କୁ କହୁଥିଲେ। ହେଲେ ଏହି ସମୟରେ ଅନୁଗୋଳରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ କଣ୍ଟେନର ନମ୍ବର (ଏଚଆର ୫୫ଏଟି ୧୭୨୩) ଦ୍ରୁତଗତିରେ ଆସୁଥିବା ବେଳେ ଯାଞ୍ଚ ନିକଟରେ ଉକ୍ତ କଣ୍ଟେନରକୁ ବିଭୁତି ଅଟକାଇ ଥିଲେ। ହେଲେ ଉକ୍ତ କଣ୍ଟେନରର ଚାଳକ ପୋଲିସ ଯାଞ୍ଚକୁ ଦେଖି ଦ୍ରୁତଗତିରେ ବିଭୁତିଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଏହି ଧକ୍କାରେ ବିଭୁତି ଗୁରୁତର ଆହାତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହି କଣ୍ଟେନରଟି ଧକ୍କା ଦେବା ପରେ ଘଟଣା ସ୍ଥଳରୁ ପଳାଇ ଯାଇଥିଲା । ପରେ ଉକ୍ତ କଣ୍ଟେନରକୁ ରେଢାଖୋଲ ପୋଲିସ ଜବତ କରି କିଶୋରନଗର ପୋଲିସକୁ ହସ୍ତାନ୍ତର କରିଛି। ଏନେଇ କିଶୋରନଗର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ଜିଲ୍ଲାସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ



ବଅଁରପାଳ, (ସବ୍ୟୁ): ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ବଅଁରପାଳ ବ୍ଲକ୍ କାର୍ଯ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ। ଜନଶୁଣାଣି ଶିବିରରେ ସମୁଦାୟ ୨୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୮ଟି ବ୍ୟକ୍ତିଗତ ଓ ୪ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ଗୋଟିଏ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦୟ କୁମାର ମହାପାତ୍ର, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଗୌରି ଶଙ୍କର ବଳ, ବଅଁରପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲ୍ଲିପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମା ଶଙ୍କର ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଉପ- ନିର୍ଦ୍ଦେଶକ ଉଦ୍ୟାନ ଅମ୍ବର ଲୁଗୁନ୍, ଜିଲ୍ଲା ଶିଳ୍ପକେନ୍ଦ୍ର ମହାପ୍ରବନ୍ଧକ ଶିବାଶିଷ କାନୁନଗୋ, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ.ନିରୋଦ ଦାସଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ବ୍ଲକ୍ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

# ବିଜୁଳି ବିଭ୍ରାଟ ନେଇ ବଢୁଛି ଅସନ୍ତୋଷ

ହିନ୍ଦୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ହିନ୍ଦୋଳନ ସେକ୍ସସନରେ ଦୀର୍ଘ ମାସ ହେବ ବାରମ୍ବାର ବିଜୁଳି ବିଭ୍ରାଟ ଯୋଗୁଁ ସମସ୍ତ କ୍ଷେତ୍ରରେ ସେବା ବାଧାପ୍ରାପ୍ତ ହେଉଥିବା ଗ୍ରାହକ ଅତିଷ୍ଠ ହୋଇ ପଡିଲେଣି। ପ୍ରଚଣ୍ଡ ଗ୍ରୀଷ୍ମରେ ବିଭିନ୍ନ ସମୟରେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁଁ ଗ୍ରାହକ (ଉପଭୁକ୍ତା) ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମୟେ ସମୟେ ରାତି ଅଧରୁ ବିଜୁଳି କେଉଁ ଆଡ଼େ ଲୁଚିଛପି ଚାଲି ଯାଉଥିବା ବେଳେ ସକାଳୁ ନଆସିବାରୁ ପାଇପ ଯୋଗେ ଜଳ ଯୋଗାଣ ସମ୍ଭବ ହୋଇପାରୁନାହିଁ। ଏନେଇ ନିକଟରେ ମହକୁମାର ରାସ୍ତା ଉପରେ ବିଭିନ୍ନ ସ୍ଥାନରେ ସାହି ଲୋକମାନେ ଗରା, ବାଲଟି ଧରି ରାସ୍ତା ଅବରୋଧ କରିଥିବା ନଜିରି ରହିଛି। ସେହିଭଳି ବିଦ୍ୟୁତ୍ କାଟ ଯୋଗୁଁ ପାଇପ ଯୋଗେ କମ୍ ସମୟ ପାଇଁ ପାଣି ଆସୁଥିବା ନେଇ ଗ୍ରାହକ ଅସନ୍ତୋଷ ଲାଗି ରହିଛି। ଢେଙ୍କାନାଳ ବିଦ୍ୟୁତ୍ ଡିଭିଜନର ହିନ୍ଦୋଳରୋଡ ସବ୍ଡିଭିଜନ ଅନ୍ତର୍ଗତ ହିନ୍ଦୋଳ ବିଦ୍ୟୁତ୍ ସେକ୍ସସନ ଗ୍ରାହକ ସେବା କ୍ଷେତ୍ରରେ ସବୁଠାରୁ ଅବହେଳିତ, ପଛୁଆ ବୋଲି ସବୁଠାରେ ଚର୍ଚ୍ଚା ହୁଏ। ହିନ୍ଦୋଳ ଉପଖଣ୍ଡର ଖଜୁରିଆକଟା ସେକ୍ସସନ ଏକ୍ଷେତ୍ରରେ ଆଗୁଆ ବୋଲି ଚର୍ଚ୍ଚା ହୁଏ। ସାମାନ୍ୟ ପତ୍ର ହଲିଲେ ଏଠାରେ ବିଜୁଳି କଟି ଯାଏ । ଏହା ସମସ୍ତେ ଜାଣନ୍ତି । କିନ୍ତୁ ଦୀର୍ଘ ମାସ ହେବ ପତ୍ର ନହଲିଲେ ମଧ୍ୟ ବିଜୁଳିର ଯିବା ଆସିବା ନାଟକ ଏଅଞ୍ଚଳର ଲୋକଙ୍କୁ କ୍ଷୁବ୍ଧ କରି ଦେଉଛି। ଗାଁ ଗଣ୍ଡାରେ ହାତୀ ଆତଙ୍କ ଯୋଗୁଁ ସମୟେ ସମୟେ ଘଣ୍ଟା ଘଣ୍ଟା ବିଜୁଳି କାଟ କରାଯାଉଥିବା ଶୁଣିବାକୁ ମିଳୁ ଥିବାବେଳେ ରାତି ଅଧରେ ବିଦ୍ୟୁତ ଚାଲି ଗଲେ ଆଉ ତାର ଦେଖା ମିଳୁ ନାହିଁ। ଉଲ୍ଲେଯୋଗ୍ୟଯେ ହିନ୍ଦୋଳରୋଡ ପାୱାର ଗ୍ରିଡ ଠାରୁ ବେଡା ଛକ ସ୍ଥିତ ପାୱାର ଗ୍ରିଡ ପର୍ଯ୍ୟନ୍ତ ୩୩ କେଭି କରେଣ୍ଟ ଆସିଥାଏ। ସେଠାରୁ ହିନ୍ଦୋଳ ଟାଉନ ଅନ୍ତର୍ଗତ ଚରଣପୁର ସ୍ଥିତ ଗ୍ରିଡ ପର୍ଯ୍ୟନ୍ତ ୧୧ କେଭି ବିଦ୍ୟୁତ ଲାଇନ୍ ଆସିଥାଏ । ସେଠାରୁ ହିନ୍ଦୋଳ ଟାଉନ (ଏନ୍ଏସି) ସମେତ ବ୍ଲକର ତିନୋଟି ପଞ୍ଚାୟତ ସମେତ ଅନୁଗୋଳ ଜିଲ୍ଲାର ମଇଧରପୁର ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ହୋଇଥାଏ। ସେହିଭଳି କଟକ ଜିଲ୍ଲା ନରସିଂହପୁର ବ୍ଲକର ହିନ୍ଦୋଳ ସୀମାନ୍ତବର୍ତ୍ତୀ ଦେବଭୂମୀ ପଞ୍ଚାୟତର ନୂଆଁଗଡ ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ହେଉଛି। ଏଠାରେ ବିଜୁଳି ବିଭ୍ରାଟର ମୁଖ୍ୟ ସମସ୍ୟା ଚରଣପୁର ସ୍ଥିତ ଗ୍ରିଡରେ ଫ୍ରିଡର ବ୍ୟବସ୍ଥାକୁ ନେଇ ଘଟୁଛି। ହିନ୍ଦୋଳ ଟାଉନ ସମେତ ବିଭିନ୍ନ ଦିଗକୁ ଯୋଗାଣ କରାଯାଇଥିବା କରେଣ୍ଟ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ଫ୍ରିଡର ବସୁ ନଥିବାରୁ ସମସ୍ୟା ପୂର୍ବଭଳି ଆଜି ବି ଲାଗି ରହିଛି। ଏଥିସହିତ ଏନ୍ଏସି ଅଞ୍ଚଳର ବିଭିନ୍ନ ସାହି ଗଳିରେ ଛୋଟ ବଡ ସମସ୍ୟା ଲାଗି ରହିଥିବାରୁ ସେ ସବୁର ସ୍ଥାୟୀ ମରାମତି ହେଉନଥିବାରୁ ସାମାନ୍ୟ ବର୍ଷା କି ପବନ ବହିଲେ ବିଦ୍ୟୁତ୍ ଯୋଗାଣ ଠପ୍ ହୋଇ ଯାଉଛି। ଏଠାରେ ଅଘୋଷିତ ବିଦ୍ୟୁତ୍ କାଟ ସ୍ଥାନୀୟ ଅଞ୍ଚଳର ବିଦ୍ୟୁତ୍ ବିଭାଗକୁ ଅତିଷ୍ଠ କରି ଦେଲାଣି। ଗ୍ରାହକ ସେବାକୁ ଅଗ୍ରାଧିକାର ଦେଇ ବିଦ୍ୟୁତ୍ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଟିପିସିଓଡିଏଲ କର୍ମକର୍ତ୍ତା ଏଠାରେ ଉନ୍ନତମାନର ବିଦ୍ୟୁତ୍ସେବା ଯୋଗାଇ ଦେବାକୁ ଗ୍ରାହକ ମହଲରେ ଦୃଢ଼ ଦାବି ହେଉଛି ।

## ବନମାଳିପୁର ପୋଲ ତଳକୁ ଖସିଲା କାର୍, ୨ ଗୁରୁତର

ଠାକୁରଗଡ, (ସବ୍ୟୁ): ନାକିଚି-ଠାକୁରଗଡ ପୂର୍ତ୍ତ ବିଭାଗ ରାସ୍ତାର ଠାକୁରଗଡ଼ ଥାନା ବନମାଳିପୁର ଠାରେ ସୋମବାର ଦିନ ଭୋର ୫ଟାରେ ଏକ କାର ଭାରସ୍ୟାମ ହରାଇ ପୋଲ ତଳକୁ ଖସି ପଡି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ କାରରେ ବସିଥିବା ୨ ଜଣ ଗୁରୁତର ଆହାତ ହୋଇଛନ୍ତି । ସେମାନଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଉଦ୍ଧାର କରି ଚିକିତ୍ସା ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସେମାନଙ୍କର ପରିଚୟ ଜଣା ପଡିନାହିଁ । ପୋଲିସ କହିଛି ଯେ, ଠାକୁରଗଡ଼ରୁ ନାକିଚି ଅଭିମୁଖେ ନମ୍ବର (ଓଡି୦୨ ବି ଏଲ ୫୫୩୬) ଯାଉଥିବା ବେଳେ ଚାଳକ ଭାରସ୍ୟାମ ହରାଇ ପଡ଼ିବାରୁ ପୋଲ ତଳକୁ ଖସି ପଡିଥିଲା। ଏହି ଘଟଣା ସମ୍ପର୍କରେ ଠାକୁରଗଡ ପୋଲିସ ଖବର ପାଇଁ ଉକ୍ତ କାର୍କୁ ଜବତ କରି ଏକ ମାମଲା ରୁଜୁ କରିଛି ।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତାଳଚେର ଗସ୍ତ ନେଇ ବିଜେପିର ପ୍ରସ୍ତୁତି ବୈଠକ

ତାଳଚେର, (ସବ୍ୟୁ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ଆସନ୍ତା ଜୁଲାଇ ୩ ତାରିଖରେ ତାଳଚେର ଗସ୍ତ କାର୍ଯ୍ୟକ୍ରମ ରହିଛି । କେନ୍ଦ୍ରମନ୍ତ୍ରୀ ପିଲାବେଳେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିବା ହାଣ୍ଡିଧୂଆଁ ୟୁପି ସ୍କୁଲର ଉନ୍ନତିକରଣ କାର୍ଯ୍ୟର ଉଦଘାଟନ କାର୍ଯ୍ୟକ୍ରମ ରହିଛି । ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ତଥା ବନ ମହୋତ୍ସବ କାର୍ଯ୍ୟକ୍ରମରେ ଦୁଇଟି ସ୍ଥାନରେ ହାଣ୍ଡିଧୂଆଁ ଓ ହିଙ୍ଗୁଳା ମନ୍ଦିର ନିକଟରେ ୫୦୦୦ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗଦେବେ। ପରେ ମା' ହିଙ୍ଗୁଳା ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ବ୍ୟାପକ ଭାବେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗଦେବେ । ସେଠାରୁ ଛେଣ୍ଡିପଦା ଯାଇ ଗରିବ କଲ୍ୟାଣ ସମାବେଶରେ ଯୋଗଦେବେ । କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ପାଇଁ ବିଜେପି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲୁ ରହିଛି । ଆଜି ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ପୌରହିତ୍ୟରେ ଦେଉଳବେଡା ଡିସିଆଇ କ୍ଲବ ଠାରେ ତାଳଚେର ନିର୍ବାଚନ ମଣ୍ଡଳୀର ସମସ୍ତ ୬ଟି ମଣ୍ଡଳର କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ତାଳଚେରରେ ହାଣ୍ଡିଧୂଆଁ ୟୁପି ସ୍କୁଲ, ବନମୋହତ୍ସବ ଓ ହିଙ୍ଗୁଳା ମନ୍ଦିର କାର୍ଯ୍ୟକ୍ରମ ତିନୋଟି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ କାର୍ଯ୍ୟକର୍ତା ଯୋଗଦେବାକୁ ନିଷ୍ପତ୍ତି ନିଆଯାଇଥିଲା । କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମକୁ କିଭଳି ସଫଳ କରାଯିବ ସେଥିପ୍ରତି କାର୍ଯ୍ୟକର୍ତ୍ତା ମାନେ ସାମୁହିକ ଭାବେ ବିଭିନ୍ନ ମୋର୍ଚ୍ଚାର କାର୍ଯ୍ୟକର୍ତା ମାନେ ଏକତ୍ରିତ ହୋଇ ସ୍ବାଗତରତ୍ନାକର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ବୈଠକରେ ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ମଣ୍ଡଳ ସଭାପତି ଅଜୟ ସାହୁ, ସନ୍ତୋଷ ମହାନ୍ତି, ରାଜେଶ ଦଳେଇ ଓ ମାନସ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ କେନ୍ଦ୍ରମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଉପରେ ବ୍ୟାପକ ଭାବେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ୬ ଟି ମଣ୍ଡଳର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରାଙ୍କ ଅଧକ୍ଷତାରେ ସଡ଼କ ସୁରକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହେଇଯାଇଛି । ବୈଠକରେ ଯୋଗଦେଇ ଶ୍ରୀ ବେହେରା ନାବାଳକ ଗାଡିଚାଳନା ଉପରେ କିପରି ସମ୍ପୂର୍ଣ୍ଣ ଭାବେ ରୋକ ଲଗାଯାଇ ପାରିବ ସେ ଦିଗରେ ଗୁରୁତ୍ୱାରୋପ କରିଥିଲେ । ଏଥିପାଇଁ ପରିବାର ସ୍ତରରୁ ସଚେତନ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ତେଣୁ ଏହି ପ୍ରରିପ୍ରେକ୍ଷୀରେ ସେ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବିସ୍ତାର ଭାବେ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ । ଜିଲ୍ଲାରେ ମେ ମାସରେ କେବଳ ୪୫ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ସେଥିମଧ୍ୟରୁ ୨୧ ଜଣ ପ୍ରାଣ ହରାଇଥିବା ବେଳେ ୩ଜଣ ଆହତ ହେଇଛନ୍ତି। ସୂଚନା ମୁତାବକ ଜିଲ୍ଲାରେ ସର୍ବାଧିକ ସଡ଼କ ଦୁର୍ଘଟଣା ଜାତୀୟ ରାଜପଥରେ ଘଟିଥିବା ବେଳେ ରାଜ୍ୟ ରାଜପଥରେ ୧୬.୪୮ ପ୍ରତିଶତ ଓ ଅନ୍ୟାନ୍ୟ ସଡ଼କରେ ୩୧.୩୧ ପ୍ରତିଶତ ଦୁର୍ଘଟଣା ଘଟିଛି । ସେହିଭଳି ସଦର ଥାନା ଅଞ୍ଚଳରେ ୨୦୨୫ ଜାନୁଆରୀରୁ ମେ' ମାସ ପର୍ଯ୍ୟନ୍ତ ସର୍ବାଧିକ ୩୫ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୧୪ଜଣ ପ୍ରାଣ ହରାଇଛନ୍ତି । ସଡ଼କ ଦୁର୍ଘଟଣା ରୋକିବା ପାଇଁ ଓ ଦିଗରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲାରେ କନିଷ୍ଠ ରକ୍ଷକ କାର୍ଯ୍ୟକ୍ରମ ଚାଲୁରହିଛି । ଏହି କାର୍ଯ୍ୟକ୍ରମ ଜରିଆରେ ଏଯାବତ ୬୦୦ ଜଣ ସମର ଶିକ୍ଷାର୍ଥୀ ବାହିନୀଙ୍କୁ ଏ ସମ୍ବନ୍ଧିୟ ପ୍ରଶିକ୍ଷଣ ପ୍ରଦାନ ଓ ସଚେତନ କରାଯାଇଛି । ଜିଲ୍ଲାରେ ୨୦୨୫ ଜାନୁଆରୀରୁ ମେ ମାସ ପର୍ଯ୍ୟନ୍ତ ୫ ଜଣ ଗୁଡ଼ ସମରିଟାନ୍ସଙ୍କୁ ପୁରସ୍କୃତ କରାଯାଇଛି । ଏହି ବୈଠକରେ ସଡ଼କ ସୁରକ୍ଷା କମିଟିର ସଦସ୍ୟଗଣ ଯୋଗ ଦେଇଥିଲେ ।

## ଡ଼ିଏଭି ପବ୍ଲିକ ସ୍କୁଲର ଅବ୍ୟବସ୍ଥା

ତାଳଚେର, (ସବ୍ୟୁ): କୁନିକୁନି ଛାତ୍ରଛାତ୍ରୀଙ୍କ ସହ ଖେଳଖେଳୁଛି ଜଗନ୍ନାଥ ଡ଼ିଏଭି । ସାରା ଓଡ଼ିଶାରେ ହଇଜା ଚହଳ ପକାଇ ଆସୁଥିବା ବେଳେ ତାଳଚେର ଡ଼ିଏଭି ପବ୍ଲିକ ସ୍କୁଲରେ ଏହାର ସମ୍ପୂର୍ଣ୍ଣ ବ୍ୟତୀକ୍ରମ ଦେଖିବାକୁ ମିଳିଛି । ସୂଚନାମୂତାବକ ଜଗନ୍ନାଥ ଡ଼ିଏଭିରେ ଏଲକେଜି ଠାରୁ ଆରମ୍ଭ କରି ଏକାଦଶ ପର୍ଯ୍ୟନ୍ତ ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶିକ୍ଷାଗ୍ରହଣ କରିଥାନ୍ତି। ମାତ୍ର ସେହି ଅନୁପାତରେ ପାନୀୟଜଳ ବ୍ୟବସ୍ଥା, ପରିଶ୍ରଗାର, ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀ ଆବ୍ୟାକ ଅନୁଯାୟୀ ଆଲୋକିକରଣ ଓ ଫ୍ୟାନ ବ୍ୟବସ୍ଥା ନଥିବାରୁ ଛାତ୍ରଛାତ୍ରୀମାନଙ୍କର ପାଠପଢାରେ ଘୋର ବ୍ୟାହାତ ସୃଷ୍ଟି କରୁଛି । ବିଶେଷ କରି ଛାତ୍ରୀମାନଙ୍କ ପାଇଁ ଆବଶକୀୟ ପରିଶ୍ରା ଗୃହ ଓ ସେଥିରେ ଆବଶ୍ୟକ ଅନୁଯାୟୀ ଜଳ ଯୋଗାଣ ହେଉଥିବାରୁ ଛାତ୍ରୀମାନେ ୟୁରିନ୍ ଇନଫେକସନ୍ ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଭାବକମାନେ ଏହା ଅଭିଯୋଗ କରିଛନ୍ତି । ଫଳରେ ଏଠାରେ ହଇଜା ବ୍ୟାପିବାର ଅଧିକ ଆଶଙ୍କା ଦେଖାଦେଇଛି। ଛାତ୍ରଛାତ୍ରୀଙ୍କ ଠାରୁ ପିବା ପାଇଁ ବିଦ୍ୟାଳୟ ପକ୍ଷରୁ ମାସିକ ୧୨ଶହ ଟଙ୍କାରୁ ୧୫ଶହ ଟଙ୍କା ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚପାଇଁ ନିଆଯାଉଥିବା ବେଳେ କର୍ତ୍ତୃପକ୍ଷ କାହିଁକି ଏଥିପ୍ରତି ଧ୍ୟାନ ଦେଉନାହାନ୍ତି ତାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପୁନଶ୍ଚ ଏମସିଏଲ ପକ୍ଷରୁ କର୍ମଚାରୀଙ୍କ ପୁଅ, ଝିଅ ପାଇଁ ସ୍କୁଲ ବସ୍ ସୁବିଧା ଥିବା ବେଳେ ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ପାଇଁ ସେଭଳି ପଦକ୍ଷେପ ନିଆଯାଉନଥିବାରୁ ସେମାନେ ଗୋଟିଏ ଅଟରେ ବାଧହୋଇ୧୨ରୁ ୧୫ ଠେଲାପେଲା ହୋଇ ଯାଉଛନ୍ତି ବୋଲି ଅଭିଯୋଗ ହେଉଛି । ଯଦି କୌଣସି ଅଘଟଣ ଘଟିଯାଏ ତେବେ ଏଥିପାଇଁ କିଏ ଦାୟୀ ରହିବ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି । ତେଣୁ ଏହାକୁ ବିଚରାକୁ ନିଆଯାଇ ସମ୍ପୃକ୍ତ କର୍ତ୍ତୃପକ୍ଷ ଏହାକୁ ଧ୍ୟାନ ଦେବାକୁ ଅଭିଭାବକ ମହଲରେ ଦାବି ହେଉଛି । ଏସମ୍ପର୍କରେ ଡ଼ିଏଭି କର୍ତ୍ତୃପକ୍ଷଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ ।

## ଇଣ୍ଡିଆ ଗିନିଜ୍ ବୁକ ଅଫ୍ ରେକର୍ଡ଼ରେ ସ୍ଥାନ ପାଇଲେ ତାଳଚେରର କୁନିଝିଅ




ତାଳଚେର/ଅନୁଗୋଳ, (ସବ୍ୟୁ): ତାଳଚେର ବ୍ଲକ ଅନ୍ତର୍ଗତ ଗୋପାଳ ପ୍ରସାଦ ଗ୍ରାମ ପଂଚାୟତ ମଲ୍ଲୀବନ୍ଧ ଗ୍ରାମର ପିତାମ୍ବର ଗଡ଼ନାୟକ ସୁପୁତ୍ରୀ ସ୍ୱପ୍ନାଶ୍ରୀ ଗଡ଼ନାୟକ ୧୧୮ଟି ପିରିଅଡ଼ିକ ଟେବୁଲ ତତ୍ତ୍ୱକୁ ମାତ୍ର ୨୫.୩୧ ସେକେଣ୍ଡରେ ଉଚ୍ଚାରଣ କରି ଇଣ୍ଡିଆ ଗିନିଜ୍ ବୁକଅଫ୍ ରେକର୍ଡ଼ରେ ନିଜର ସ୍ଥାନ ହାସଲ କରିପାରିଛନ୍ତି ବୋଲି ତାଙ୍କ ପରିବାର ସୂତ୍ରରୁ ଜଣାପଡ଼ିଛି । ସେ ମାତ୍ର କମ ବୟସରୁ ନିଜର ଅଧ ବ୍ୟବସାୟ ଓ ପିତାମାତା, ଗୁରୁଜୀ, ଗୁରୁମା'ଙ୍କର ସ୍ନେହ ଓ ଶୁଭେଚ୍ଛା ଯୋଗୁଁ ଆଜି ଏସ୍ଥାନରେ ପଂହଚି ପାରିଛନ୍ତି । ଏହି ଖବର ପ୍ରଚାରିତ ହେବାପରେ ବିଧାୟକ ବ୍ରଜକିଶୋର ପ୍ରଧାନ ତାଙ୍କୁ ଭେଟି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ମାନୀତ କରିଛନ୍ତି । ସେହିପରି ତାଳଚେରର ବିଭିନ୍ନ ପ୍ରାନ୍ତରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । ସେ ଏଥିନେଇ ତାଳଚେରକୁ ଗୌରାବାନ୍ୱିତ କରିଥିବାରୁ ତାଳଚେର ଅଂଚଳରେ ଖୁସିର ମାହୋଲ ଖେଳିଯାଇଛି । ତାଙ୍କର ଏହି ଅପୂର୍ବ ପ୍ରତିଭା ଓ ସାଧନା ପାଇଁ ଅନୁଗୁଳ ଜିଲ୍ଲାପାଳଙ୍କ ଦ୍ୱାରା ପଦକ ପ୍ରଦାନ କରି ସମ୍ମାନିତ କରାଯାଇଛି।

## ପରଜଙ୍ଗ ଅଞ୍ଚଳରେ ଛେଳି ଚୋର ଆତଙ୍କ

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଳରେ କିଛି ଦିନ ହେବ ଚୋରି ଡକାୟତି, ରାହାଜାନୀ ହ୍ରାସ ପାଇଥିବା ବେଳେ ବର୍ତ୍ତମାନ ଅଞ୍ଚଳରେ କିଛି ଦିନ ଧରି ଛେଳି ଚୋର ମାନଙ୍କ ଆତଙ୍କ ଦେଖାଦେଇଛି । ଦୁର୍ବୃତ୍ତ ମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛନ୍ତି। ଅଳ୍ପ କିଛି ଦିନ ତଳେ ଅଞ୍ଚଳର ଗଡଡକାଟେଣି, ଓଡ଼ସିଂହା, ସରାଙ୍ଗ ପ୍ରଭୃତି ଗ୍ରାମ ମାନଙ୍କରେ ଛେଳି ଚୋରି ହୋଇଥିବା ସୂଚନା ମିଳିଥିବା ବେଳେ ପରଜଙ୍ଗ ପଞ୍ଚାୟତ ଅଧିନସ୍ଥ ଡିହଡୋଳ ଗ୍ରାମ ନିକଟରେ ଜଣେ ଛେଳି ମାଂସ କାଟି ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ଛେଳି କୋଠିରୁ ଦୁଇଥର ଛେଳି ଚୋରି ହୋଇଥିବା ସୂଚନା ମିଳିଛି । ସେହିପରି କଳଦା ପଞ୍ଚାୟତ ଅଧିନସ୍ଥ ବ୍ରାହ୍ମଣ ବେଡିଆ ଗ୍ରାମରେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ଛେଳି ଚୋରି ହୋଇଥିବା ଜଣାପଡିଛି । ଉକ୍ତ ଗ୍ରାମର କ୍ଷୀରୋଦ ସାହୁଙ୍କ ପୁଅ ହିମାଂଶୁ ସାହୁ (୩୬ ) ନାମକ ଯୁବକ ଘର ଠାରୁ ପ୍ରାୟ ଶହେ ମିଟର ଦୂରରେ ଦୀର୍ଘ ଦିନ ଧରି ଗୋଟିଏ ଆଜବେଷ୍ଟ ଛପର ଘରେ ଛେଳି ଫାର୍ମ କରିଛନ୍ତି । ଏହି ଫାର୍ମରେ ୧୧୭ ଗୋଟି ଛେଳି ରଖିଥିବା ବେଳେ ଗତ ଶୁକ୍ରବାର ବିଳମ୍ବିତ ରାତିରେ କୌଣସି ଅଜଣା ଦୁର୍ବୃତ୍ତ ମାନେ ଏଥିରୁ ୩୦ ଗୋଟି ଛେଳି ଚୋରି କରିନେଇଥିବା ପରଜଙ୍ଗ ଥାନାରେ ହିମାଂଶୁ ଲିଖିତ ଅଭିଯୋଗ କରିଛନ୍ତି । ତିନି ଦିନ ଧରି ଅଞ୍ଚଳରେ ତୁହାକୁ ତୁହା ବର୍ଷା ଲାଗି ରହିଥିବାରୁ ଗାଁ ମୁଣ୍ଡରେ ହିମାଂଶୁଙ୍କ ଛେଳି ଫାର୍ମ ରହିଥିବାରୁ ଏହି ଫାର୍ମରେ କେହି ନଥିବା ବେଳେ ଦୁର୍ବୃତ୍ତ ମାନେ ଏହାର ସୁଯୋଗ ନେଇ ଏପରି କାରନାମା କରିଛନ୍ତି । ଫାର୍ମରେ ଦିଆଯାଇଥିବା ତାର ଜାଲିକୁ ତାଡ଼ି ଛେଳି ମାନଙ୍କୁ ଚୋରି କରିନେଛନ୍ତି । ଘରୁ ହିମାଂଶୁ ଶନିବାର ସକାଳେ ଛେଳି ଫାର୍ମକୁ ଯାଇ ଏପରି ଦୃଶ୍ୟ ଦେଖି ହତକାବା ହୋପଡ଼ିଥିଲେ । ଲକ୍ଷାଧିକ ଟଙ୍କାର ଛେଳି ଚୋରି ହୋଇଥିବାରୁ ହିମାଂଶୁ ପରଜଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ଅଞ୍ଚଳରେ ଛେଳି ଚୋର ମାନଙ୍କ ଆତଙ୍କ ଖେଳାଇ ଦେଇଥିବା ବେଳେ ପୋଲିସ ଏହାର କୌଣସି ଟେର ପାଇନି ।

# ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହିତାଧିକାରୀ



କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି ହିତାଧିକାରୀ । ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବୀ ଜଣାଇଛନ୍ତି । ସୂଚନା ଅନୁସାରେ କେନ୍ଦ୍ର ସରକାରଙ୍କ ତରଫରୁ ବୃଦ୍ଧ, ବୃଦ୍ଧାମାନଙ୍କୁ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ମାଧ୍ୟମରେ ପ୍ରତି ମାସର ୧୫ ତାରିଖ ଦିନ ଭତ୍ତା ପ୍ରଦାନ କରାଯାଏ । କିନ୍ତୁ କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦରେ ମାସ ସରିଯାଇଥିଲେ ସୁଦ୍ଧା ହିତାଧିକାରୀଙ୍କୁ ମିଳିନି ବାର୍ଦ୍ଧକ୍ୟ ଭତ୍ତା । ଏନେଇ ବହୁ ହିତାଧିକାରୀ ନିଜ ପାସବୁକ୍ ଧରି ବ୍ୟାଙ୍କକୁ ଭତ୍ତା ଟଙ୍କା ଆଣିବାକୁ ଯାଇଥିବା ବେଳେ ଟଙ୍କା ଆସିନଥିବା ନେଇ ଜାଣିବାକୁ ପାଇଥିଲେ। ପରେ ସେମାନେ ନିର୍ବାହୀ ଯନ୍ତ୍ରୀଙ୍କ ନିକଟକୁ ଯାଇ ଭତ୍ତା ପାଇନଥିବା ନେଇ ଅଭିଯୋଗ କରିଥିଲେ । ବିଜ୍ଞାପିତ ଅଞ୍ଚଳ ପରିଷଦର ବହୁ ବୃଦ୍ଧ, ବୃଦ୍ଧା ବର୍ଷାରେ ଅଟୋ ଭଡା କରି ଭତ୍ତା ନପାଇ ନିଜର ଅସନ୍ତୋଷ ପ୍ରକାଶ କରିଥିବା ବେଳେ କେନ୍ଦ୍ରରୁ ଟଙ୍କା ଆସିନଥିବାରୁ ହିତାଧିକାରୀଙ୍କ ପାସବୁକ୍କୁ ଟଙ୍କା ଯାଇନଥିବା କହିଛନ୍ତି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୋତ ସାହୁ ।

## ସଂସ୍କୃତ ବିଭାଗ ଅଧ୍ୟାପକଙ୍କୁ ବିଦାୟ ସମ୍ବର୍ଦ୍ଧନା

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟର ସଂସ୍କୃତ ଭାଷା ବିଭାଗର ବରିଷ୍ଠ ଅଧ୍ୟାପକ ଦୁର୍ଯ୍ୟୋଧନ ଆଚାର୍ଯ୍ୟ ତାଙ୍କ କର୍ମମୟ ଜୀବନରୁ ଅବସର ଗ୍ରହଣ କରିଛନ୍ତି । ଶ୍ରୀ ଆଚାର୍ଯ୍ୟ ୧୯୯୨ ମସିହା ଜୁନ ମାସରେ କର୍ମମୟ ଜୀବନ ଆରମ୍ଭ କରି ୨୫ ମସିହା ଜୁନ ୩୦ ତାରିଖରେ ନିଜର କର୍ମମୟ ଜୀବନରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ମିତାରାଣି ସାହୁଙ୍କ ଅଧ୍ୟକ୍ଷତାରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ, ପ୍ରସନ୍ନ କୁମାର ସାହୁ, ସଂସ୍କୃତ ବିଭାଗ ଅଧ୍ୟାପକ ବିଶିକେଶନ କର୍ଣ୍ଣ, କୁମାର କୌଶିକ ଦେହୁରୀ, କୁଳମଣି ମେହେର ସମେତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ବିଦାୟୀ ଶ୍ରୀ ଆଚାର୍ଯ୍ୟଙ୍କ ଗୁଣଗାନ କରି ବକ୍ତବ୍ୟ ରଖିଥିଲେ । ଦୀର୍ଘ ୩୩ ବର୍ଷ ଧରି ନିଜର କର୍ମମୟ ଜୀବନ ମଧ୍ୟରେ ସେ ଥିଲେ ଅତି ଭଦ୍ର, ନମ୍ର, ଛାତ୍ର ବତ୍ସଳ, କର୍ମ ତତ୍ପର, ମେଳାପୀ ବୋଲି ଅଧ୍ୟକ୍ଷା ସ୍ମିତାରାଣୀ ସାହୁ ନିଜର ଅନୁଭୂତି ଉପରେ ଆଲୋକପାତ କରିଥିଲେ । ପରିଶେଷରେ ବିଦାୟୀ ଶ୍ରୀ ଆଚାର୍ଯ୍ୟଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ, ଉପଢ୍ୌକନ ଓ ମାନପତ୍ର ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ । ଆଖିରେ ଆଖିଏ ଲୁହ, କୋହଭରା ସ୍ୱରରେ ଶ୍ରୀ ଆଚାର୍ଯ୍ୟ ମହାବିଦ୍ୟାଳୟରୁ ଅବସର ନେଇଥିଲେ ।

## ଯୁବତୀଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

କଣିହାଁ, (ସବ୍ୟୁ) : କଣିହାଁ ବ୍ଲକ ଏନଟିପିସି ଥାନା ଅଞ୍ଚଳରେ ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ଅସଦାଚରଣ ହୋଇଥିବା ଅଭିଯୋଗ ହୋଇଛି। ଯୁବତୀଙ୍କ ମାତାଙ୍କ ଅଭିଯୋଗ କ୍ରମେ ପୁଲିସ ଅଭିଯୁକ୍ତ ଏନଟିପିସି ଥାନା ବିଜିଗୋଳ ଗ୍ରାମର ଟଙ୍କଧର ସାହୁ(୫୨) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପିଡିତା ଓ ଅଭିଯୁକ୍ତ ଦୁର ସମ୍ପର୍କୀୟ ଅଜା ନାତୁଣୀ। ଏନେଇ ଏନଟିପିସି ପୁଲିସ ଏକ ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି ।

## ଯୋଗାଣ ଅଧିକାରିଣୀଙ୍କୁ କାରାଦଣ୍ଡାଦେଶ

ଗୋଡ଼ିବନ୍ଧ,(ସବ୍ୟୁ): ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ପୋଲରମୁଣ୍ଡା ଗ୍ରାମର ନିରୋଦ କୁମାର ସାହୁ ନାମକ କଣ୍ଟ୍ରୋଲ ଦୋକାନୀ ଠାରୁ ୨୦୧୪ ମସିହାରେ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଯୋଗାଣ ନିରୀକ୍ଷକ ବବିଲତା ବେହେରା ଧରା ପଡ଼ିଥିଲେ ।ଏହି ମାମଲାରେ ଆଜି ଅନୁଗୁଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବବିଲତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୪ ବର୍ଷ କାରାଦଣ୍ଡ ସହ ୨୫ ହଜାର ଟଙ୍କା ଜୋରିମନା ଦଣ୍ଡ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁସାରେ ୨୯ ଏପ୍ରିଲ ୨୦୧୪ ମସିହାରେ ନିରୋଦ ସାହୁ ଭିଜିଲାନ୍ସ ବିଭାଗରେ ୬୪ ହଜାର ଲିଟର କିରୋସିନି ବିଲ ପାସ ପାଇଁ ଯୋଗାଣ ନିରୀକ୍ଷକ ବବିଲତା ବେହେରା ୪୩ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏଥିପାଇଁ ୩୦ ଏପ୍ରିଲରେ ବବିଲତାଙ୍କୁ ସେ ୪୩ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଲାଞ୍ଚ ଟଙ୍କା ନିଜ ଭେନିଟି ବ୍ୟାଗ୍ରେ ରଖିଥିବା ବେଳେ ଭିଜିଲାନ୍ସ ଚଢାଉ କରି ବବିଲତାଙ୍କୁ ଗିରଫ କରି ତାଙ୍କ ନାମରେ ମାମଲା ରୁଜୁ କରିଥିଲେ । ଏହି ମାମଲା ବିଗତ ୧୧ ବର୍ଷ ଧରି ଚାଲିଥିବା ବେଳେ ଭିଜିଲାନ୍ସ ସ୍ପେଶାଲ ଜଜ ରାଜଲକ୍ଷ୍ମୀ ପଟ୍ଟନାୟକ ୮ ଜଣ ସାକ୍ଷୀ ଓ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ୪ ବର୍ଷ କାରାଦଣ୍ଡାଦେଶ ସହ ୨୫ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ପିପି ଅଶ୍ୱିନ କୁମାର ପରିଚାଳନା କରିଥିଲେ ।

# ନୀଳମାଧବ ବସ୍ ଦୁର୍ଘଟଣାଗ୍ରସ୍ତ : ୩ ଗୁରୁତର

ସୋର, (ସବ୍ୟୁ) : ସୋମବାର ପୂର୍ବାହ୍ନରେ ୧୬ ନମ୍ବର ଜାତୀୟ ରାଜପଥ ସୋର ଥାନା ଛପୋଲିଆ ନିକଟରେ ଏକ ଯାତ୍ରୀବାହୀ ବସ ଦୁର୍ଘଟଣା ହେବା ଫଳରେ ଚାଳକ ସମେତ ତିନି ଜଣ ଗୁରୁତର ଆହତ ହୋଇଛନ୍ତି।ପୂର୍ବାହ୍ନରେ ନୀଳମାଧବ ନାମକ ଏକ ଯାତ୍ରୀବାହୀ ବସ ବାରିପଦାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଛପୋଲିଆ ନିକଟରେ ଆଗରେ ଯାଉଥିବା ଏକ କାରକୁ ଓଭରଟେକ କରି ଏକ ହାଇୱେକୁ ପଛରୁ ଧକ୍କା ଦେଇଥିଲା। ଫଳରେ ଏହାର ଚାଳକ ସମେତ ତିନି ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ଚାଳକ- କରୁଣାକର ଦାସ ଏବଂ ଯାତ୍ରୀ ସୁରେଶ ମାଝୀ। ଦୁର୍ଘଟଣା ସ୍ଥଳକୁ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରି ଥାନାରେ ରଖିବା ସହ ଯାତ୍ରୀମାନଙ୍କୁ ଅନ୍ୟ ବସ୍‌ରେ ଗନ୍ତବ୍ୟ ସ୍ଥଳକୁ ପଠାଇବା ସହିତ ତଦନ୍ତ ଆରମ୍ଭ କରିଛି।

# ମହିଳା ଖାଦ୍ୟ ବିକ୍ରେତାଙ୍କୁ ସମର୍ଥନରେ ହାତ ବଢ଼ାଇଲା ରୋଟାରୀ କ୍ଲବ୍

କେନ୍ଦୁଝର, (ସବ୍ୟୁ) : ସାମୁଦାୟିକ ସେବାର ଏକ ହୃଦୟସ୍ପର୍ଶୀ ନିଦର୍ଶନ ସ୍ୱରୂପ, ରୋଟାରୀ କ୍ଲବ କେନ୍ଦୁଝର ଶାଖାର ସଭାନେତ୍ରୀ ଶ୍ରୀମତୀ ରାଜଲକ୍ଷ୍ମୀ ସ୍ୱାଇଁ ଏବଂ ସଂପାଦକ ଦୀପକ ନାୟକ ଆଜି ପୂର୍ବାହ୍ନ ୭.୩୦ ସମୟରେ କେନ୍ଦୁଝର ସହରର ଥାନା ଛକ ନିକଟରେ ଜଣେ ମହିଳା ଖାଦ୍ୟ ବିକ୍ରେତାଙ୍କୁ ଏକ ମିକ୍ସର ଗ୍ରାଇଣ୍ଡର ବଣ୍ଟନ କରିଥିଲେ ଏହି ଗ୍ରସ୍ତ ସମୟରେ ସେମାନେ ଉପଲବ୍ଧ କରିଥିଲେ କି ମହିଳା ବ୍ୟବସାୟୀ ଙ୍କ ଖାଦ୍ୟ ପ୍ରସ୍ତୁତ ଓ ଏହାର ର ବ୍ୟବସାୟିକ କାର୍ଯ୍ୟ ପାଇଁ ବ୍ୟବହୃତ ଠେଲା ଗାଡିଟିର ଅବସ୍ଥା ଭଲ ନାହିଁ ତେଣୁ ସେଠାରେ ଉପସ୍ଥିତ ଥିବା ରୋଟାରିଆନ ଇଂ.ଦେବବ୍ରତ ସ୍ୱାଇଁ ଓ ଅନ୍ୟମାନେ ବିକ୍ରେତାଙ୍କୁ ଆଶ୍ୱାସନା ଦେଇଥିଲେ ଯେ ତାଙ୍କର ଠେଲାଗାଡିଟି ର ମରାମତି ତିନି ଦିନ ମଧ୍ୟରେ କରାଯିବ, ଯାହା ସ୍ଥାନୀୟ ଉଦ୍ୟୋଗୀଙ୍କୁ ସମର୍ଥନ କରିବା ପାଇଁ କ୍ଲବର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରିଥିଲା।ଏହିପରି ପଦକ୍ଷେପ ଫଳରେ ରୋଟାରୀ କ୍ଲବ ତାର ମୂଳ ଲକ୍ଷ୍ୟ ଅବହେଳିତ ସମ୍ପ୍ରଦାୟକୁ ସଶକ୍ତ କରିବା ଏବଂ ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ପ୍ରୟାସର ଏକ ଅଂଶ। ଅତ୍ୟାବଶ୍ୟକୀୟ ଉପକରଣ ଏବଂ ସମ୍ବଳ ପ୍ରଦାନ କରି ରୋଟାରୀ କ୍ଲବ ମହିଳା ବିକ୍ରେତାଙ୍କ ବ୍ୟବସାୟିକ କାର୍ଯ୍ୟକୁ ବୃଦ୍ଧି କରିବା ଏବଂ ତାଙ୍କ ଆର୍ଥିକ କଲ୍ୟାଣରେ ଯୋଗଦାନ ଦେବା ଲକ୍ଷ୍ୟ ରଖିଛି।କେନ୍ଦୁଝର ରୋଟାରୀ କ୍ଲବର ଏହି କାର୍ଯ୍ୟଗୁଡ଼ିକ ସମାଜରେ ଗୋଟିଏ ଛୋଟ ପଦକ୍ଷେପ ହୋଇପାରେ ଯାହାକି ବିଭିନ୍ନ ସାମାଜିକ ସଂଗଠନ ଏବଂ ବୁଦ୍ଧିଜୀବୀଙ୍କ ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।ଏହି କାର୍ଯ୍ୟକ୍ରମରେ ସଭାନେତ୍ରୀ ଶ୍ରୀମତୀ ରାଜଲକ୍ଷ୍ମୀ ସ୍ୱାଇଁ, ସଂପାଦକ ଶ୍ରୀମାନ ଦୀପକ ନାୟକ,ଇଂ.ଦେବବ୍ରତ ସ୍ୱାଇଁ,ଶ୍ରୀମତୀ ରିତା କପୁର, ଶ୍ରୀମତୀ ଭାରତୀ ରାଠୋର ଏବଂ ଅନ୍ୟ ସମସ୍ତ ରୋଟାରିଆନ ଉପସ୍ଥିତ ଥିଲେ।

## ଇମାମୀ ଗୁଣ୍ଡିଚା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

ବାଲେଶ୍ୱର ,(ସବ୍ୟୁ): ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳ ସ୍ଥିତ ଇମାମୀ ନଗର ଜଗନ୍ନାଥ ମହାପ୍ରଭୁଙ୍କ ରଥ ଉତ୍ସବର ତୃତୀୟ ଦିନରେ ଗୁଣ୍ଡିଚା ମନ୍ଦିରରେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ବେଶ ଭିଡ଼ ଲାଗିଥିବା ଜଣାପଡ଼ିଛି। ଦିବା ୧୦ଟା ୩୦ରୁ ୧୨ ଘଟିକା ପର୍ଯ୍ୟନ୍ତ ତୁଳସୀ ଅଭିଷେକ, ୩ଟା ୩୦ରୁ ୫ ଘଟିକା ପର୍ଯ୍ୟନ୍ତ ବିଭିନ୍ନ ସଂଗଠନ ପକ୍ଷରୁ ହରିନାମ ସଂକୀର୍ତ୍ତନ, ୪ଟା ୩୦ରୁ ୬ ଘଟିକା ପର୍ଯ୍ୟନ୍ତ ଇମାମୀ କଲୋନୀ ଲେଡ଼ିଜ୍‌ଙ୍କ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନ, ସନ୍ଧ୍ୟା ୫ ଘଟିକାରୁ ୬ ଘଟିକା ପର୍ଯ୍ୟନ୍ତ ଓଡ଼ିଶୀ ନୃତ୍ୟ, ୬ ଘଟିକାରୁ ୬ଟା ୩୦ ପର୍ଯ୍ୟନ୍ତ ଏକକ ନୃତ୍ୟ, ୬ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ସୁଦୂର ଋଷିକେଶରୁ ଆସିଥିବା କଳାସଂସ୍ଥାନ ଦ୍ୱାରା ରାଜା ହରିଶ୍ଚନ୍ଦ୍ରଙ୍କ ଉପରେ ଆଧାରିତ ରାସଲୀଳା ଦର୍ଶକଙ୍କୁ ବେଶ ବିମୋହିତ କରିଥିଲା। ରାତ୍ର ୮ଟା ୪୫ ମିନିଟ୍‌ରେ ଶୟନ ଆରତୀ ଅନୁଷ୍ଠିତ ହୋଇଥିଲା। ଇମାମୀ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ସାଙ୍ଗକୁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

## ବାଗୁ ନୋଡାଲ ହାଇସ୍କୁଲ ପାଣି ଘେରରେ

ସୋର, (ସବ୍ୟୁ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁ ନୋଡାଲ ହାଇସ୍କୁଲହତା ଏବେ ପାଣି ଘେରରେ ରହିଥିବା ବେଳେ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ାରେ ଘୋର ଅସୁବିଧା ସୃଷ୍ଟି ହୋଇଛି। ନିକଟସ୍ଥ ପାହା ଏବଂ ରାସ୍ତାରୁ ବର୍ଷାପାଣି ଏହି ସ୍କୁଲ ହତା ଭିତରକୁ ପ୍ରବେଶ କରି ସ୍କୁଲ ଘର ଭିତରେ ଜମାହେବା ଫଳରେ ଏହି ପାଣି ନିଷ୍କାସିତ ହେବାର କୌଣସି ବ୍ୟବସ୍ଥା ନଥିବା କରଣରୁ ଜଳବନ୍ଦୀ ଅବସ୍ଥା ବିଦ୍ୟାଳୟଟି ରହିଛି। ବିଦ୍ୟାଳୟକୁ ଆସୁଥିବା କୁନିକୁନି ପିଲାମାନେ ପାଣିରେ ବୁଡିକି ପାଠ ପଢ଼ୁଥିବା ବେଳେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ତୁରନ୍ତ କରିବା ପାଇଁ ମହୁମୁହାଣ ଗ୍ରାମବାସୀମାନେ ଦାବି କରିବା ସହିତ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଏବଂ ପୂର୍ତ୍ତ ବିଭାଗ ସହକାରୀ ଯାନ୍ତ୍ରୀଙ୍କୁ ଲିଖିତ ନିବେଦନ କରାଯାଇଛି। ମହୁମୁହାଣ ଏବଂ ବାଗୁ ଗ୍ରାମର ଭାଗବତ ମଲ୍ଲିକ, ବିଦ୍ୟାଳୟ କମିଟି ସଭାପତି ମୃତ୍ୟୁଞ୍ଜୟ ଜେନା, ପୁରାତନ ଛାତ୍ର ସଂସଦ ସଭାପତି ଲକ୍ଷ୍ମୀନାରାୟଣ ଜେନା, ଗଜେନ୍ଦ୍ର ପ୍ରସାଦ ନାୟକ, ଦେବେନ୍ଦ୍ର କୁମାର ପ୍ରଧାନ, କୈଳାସ ଚନ୍ଦ୍ର ଜେନା, ଦୀନବନ୍ଧୁ ନାୟକ, ଅଖିଳରାମ ଜେନା ପ୍ରମୁଖ ଏହାର ତୁରନ୍ତ ପ୍ରତିକାର ପାଇଁ ଦାବି କରିଛନ୍ତି।

## ପୋଖରୀରେ ପଡି ଦିବ୍ୟାଙ୍ଗଙ୍କ ମୃତ୍ୟୁ

ସିମୁଳିଆ,(ସବ୍ୟୁ): ଶୌଚ କରିବାକୁ ଯାଇ ଘଟିଥିବା ଅଘଟଣକୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଘଟଣାଟି ବାଲେଶ୍ୱର ଜିଲ୍ଲା। ସିମୁଳିଆ ବ୍ଲକ ମଇତାପୁର ପଂଚାୟତ ଗୋଛାୟତ ସାହିରେ ଘଟି ଯାଇଛି । ଗଜେନ୍ଦ୍ର ସେନାପତିଙ୍କ ଦିବ୍ୟାଙ୍ଗ ପୁଅ କମଳାକାନ୍ତ ସେନାପତି ଗତକାଲି ବିଳମ୍ବିତ ରାତିରେ ପରିବାର ଲୋକେ କହିବା ମୁତାବକ କମଳାକାନ୍ତ ଶୌଚ କରିବାକୁ ଯାଇ ଘର ଆଗରେ ଥିବା ପୋଖରୀରେ ପଡି ଯାଇ ଥିଲେ । ରାତିରେ ସମସ୍ତେ ଶୋଇଥିବା ଅବସ୍ଥାରେ ଏ ଅଘଟଣ ଘଟି ଥିବା ବେଳେ ସକାଳୁ ଖୋଜା ଖୋଜି କରିବାରୁ ଘର ନିକଟରେ ଥିବା ପୋଖରୀରେ କମଳା କାନ୍ତ ପଡି ଯାଇ ଥିବା ଭାବି ଖୋଜା ଖୋଜି କରି ଥିଲେ। ବର୍ଷା ଜଳ ଯୋଗୁଁ ଅଳ୍ପ ପାଣି ଥିବା ପୋଖରୀରେ କମଳା କାନ୍ତ କୁ ମୃତ ଅବସ୍ଥାରେ ଘର ଲୋକ ଉଧାର କରି ଥିଲେ। କମଳା କାନ୍ତ ପକ୍ଷାଘାତ ରୋଗରେ ହାତ ପାଦ ଅକାମି ଥିବା ବେଳେ ଏ ଦୁର୍ଘଟଣା ସମସ୍ତଙ୍କୁ ମର୍ମାହତ କରିଛି।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ରଥରୁ ବାହୁଡ଼ା ସାଂସ୍କୃତିକ କାର୍ଯ୍ୟକ୍ରମ

ବାଲେଶ୍ୱର,(ସବ୍ୟୁ): ପବିତ୍ର ଗୁଣ୍ଡିଚା ଯାତ୍ରା ଉପଲକ୍ଷେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପାଳନ ହେବାକୁ ଥିବା ନବଦିବସୀୟ 'ରଥରୁ ବାହୁଡ଼ା: ସାଂସ୍କୃତିକ କାର୍ଯ୍ୟକ୍ରମ'ମାକଲପୁରସ୍ଥିତ ସ୍ରଷ୍ଟା ନାଟ୍ୟାଳୟରେ ଉଦ୍ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ପୌରପାଳିକାର ପ୍ରାକ୍ତନ ଅଧ୍ୟକ୍ଷ ଆଲୋକ ସାହୁ ଓ ବରିଷ୍ଠ ସମାଜସେବୀ ବସନ୍ତଲତା ପଟ୍ଟନାୟକ ଅତିଥି ଭାବରେ ଯୋଗ ଦେଇ ଏହାକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଭାସ୍କର୍ଯ୍ୟଶିଳ୍ପୀ ସଂଜୟ କୁମାର ରାଉଳଙ୍କଦ୍ୱାରା ନିର୍ମିତ ବ୍ୟାସକବି ଫକୀରମୋହନଙ୍କ ପ୍ରତିମୂର୍ତ୍ତି ଅତିଥିମାନଙ୍କଦ୍ୱାରା ଅନାବରଣ କରାଯାଇଥିଲା। ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ କହିଲେ । ନଅଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ଭଜନ, ଜଣାଣ, ନୃତ୍ୟ ଓ ନାଟକ ପରିବେଷଣ, କବିତା ପାଠ ଅନୁଷ୍ଠିତ ହେବା ସହିତ ଦୁଇଦିନ ପ୍ରବଚନର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ପ୍ରାରମ୍ଭରୁ କୁନି କୁନି ଚିତ୍ରଶିଳ୍ପୀମାନଙ୍କଦ୍ୱାରା ଶ୍ରୀଜଗନ୍ନାଥ ବିଷୟବସ୍ତୁ ଆଧାରିତ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଲ୍ୟାଣୀ ନନ୍ଦ, ପୁଷ୍ପଲତା ଚକ୍ରବର୍ତ୍ତୀ ଓ ଚିନ୍ମୟୀ ପ୍ରିୟଦର୍ଶିନୀ ମିଶ୍ର ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଅତିଥିମାନଙ୍କୁ ମଞ୍ଚଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ସାଂସ୍କୃତିକ ସନ୍ଧ୍ୟା




ବାଲେଶ୍ୱର , (ସବ୍ୟୁ): ପବିତ୍ର ଗୁଣ୍ଡିଚା ଯାତ୍ରା ଉପଲକ୍ଷେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପାଳନ କରାଯାଉଥିବା ନବଦିବସୀୟ 'ରଥରୁ ବାହୁଡ଼ା: ସାଂସ୍କୃତିକ କାର୍ଯ୍ୟକ୍ରମ'ର ଦ୍ୱିତୀୟ ଦିବସରେ ସଂଗଠନ ସଂପାଦକ ତପନ ରାୟଙ୍କ ସଂଯୋଜନାରେ ଏକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱରର ପ୍ରବୀଣ କଣ୍ଠଶିଳ୍ପୀ ସୁରେଶ ଜେନା, ବସନ୍ତ କୁମାର ଦାସ ଓ କଲ୍ୟାଣୀ ନନ୍ଦ ଭାବପୂର୍ଣ୍ଣ ଭଜନ ପରିବେଷଣ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅନୁଷ୍ଠାନର ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ କଣ୍ଠଶିଳ୍ପୀମାନଙ୍କର ପରିଚୟ ପ୍ରଦାନ କରିବା ସହିତ ପ୍ରତିକୂଳ ପାଗରେ ମଧ୍ୟ ସେମାନଙ୍କର ଉପସ୍ଥିତି ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ତୃତୀୟ ଦିବସରେ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ନୃତ୍ୟ ପରିବେଷଣ କରାଯାଇଥିଲା। 'ନୃତ୍ୟାୟନ'ର ନୃତ୍ୟଗୁରୁ ପ୍ରଦୀପ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯିବା ସଂଗେସଂଗେ ସମସ୍ତ ନୃତ୍ୟଶିଳ୍ପୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁଗ୍ମସଂପାଦକ ଜୁମରନାଥ ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅନ୍ୟତମ ଯୁଗ୍ମସଂପାଦକ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଅନେକ ସାହିତ୍ୟିକ ଓ ସଂସ୍କୃତି ପ୍ରେମୀ ଉପସ୍ଥିତ ଥିଲେ।

# ବନ୍ୟାବିପନ୍ନଙ୍କୁ ଉଦ୍ଧାର ପାଇଁ ବାଲେଶ୍ୱରରେ ପହଁଚିଛି ବେଲଜିଆନ ମିନୋଲାଇଜ ବ୍ରିଡ଼ର ଶ୍ୱାନ ରାଣୀ



ବାଲେଶ୍ୱର,(ସବ୍ୟୁ): ଉତ୍ତର ଓଡିଶାରେ ବନ୍ୟା ପରିସ୍ଥିତି ଜଟିଳ ହେଉଥିବା ବେଳେ ଓଡିଶା ଅଗ୍ନି ସେବା ଶମ ଓ ଜରୁରୀ ବିଭାଗ ପକ୍ଷରୁ ମୁଣ୍ଡଳୀର ଟ୍ରେନିଂ ସେଣ୍ଟରରୁ ଜିଲ୍ଲାକୁ ଆସିଛି ରାଣୀ । ରାଣୀ ଏକ ଶ୍ୱାନ। ମାଈ କୁକୁର ବୋଲି ଜାଣନ୍ତୁ। ୟୁରୋପୀୟ ରାଷ୍ଟ୍ର ବେଲଜିୟମ ର ବ୍ରିଡ଼ ବେଲଜିଆନ ମିନୋଲାଇଜ ବର୍ଗ ର ଏହି ଶ୍ୱାନକୁ କଟକ ର ମୁଣ୍ଡଳୀ ରେ ଥିବା ଟ୍ରେନିଂ ସେଣ୍ଟର ରେ ଆଠ ମାସ ଟ୍ରେନିଂ ଦିଆଯାଇଛି। ଭୂମିକମ୍ପ ହେଉ କିମ୍ବା କୌଣସି ବନ୍ୟାପ୍ରଭାବିତ ଅଞ୍ଚଳ ରେ କୋଠା ଘର ଭୁଶୁଡି ପଡିଲେ ଅଥବା ଆତଙ୍କବାଦୀ ଙ୍କ ଗ୍ରେନେଡ୍ ମାଡ଼ ରେ କୋଠା ଘର ଭୁଶୁଡି ପଡ଼ିଥିଲେ ଏହି ପ୍ରକାର ର ଶ୍ୱାନ ଭଙ୍ଗା ଘରେ ଚାପି ହୋଇ ରହିଯାଇଥିବା ଲୋକଙ୍କୁ ଠାବ କରିବାରେ ସାହାଯ୍ୟ କରିଥାଏ। ଅଟକି ରହିଥିବା ଲୋକଙ୍କ ବ୍ୟବହୃତ ପୋଷାକ କୁ ଶୁଙ୍ଘାଇ ଦେଲେ ଏହି ଶ୍ୱାନ ଚାପି ହୋଇ ରହିଥିବା ଲୋକଙ୍କ ପାଖକୁ ଯିବା ପାଇଁ ତାର ଟ୍ରେନର କୁ ଇସାରା ଦେଇଥାଏ। ଅଗ୍ନି ସେବା ଶମ ବିଭାଗ, ସେନା ବାହିନୀ, ସି ଆର ପି ଏଫ, ବି ଏସ ଏଫ, ସୀମା ସଡ଼କ ନିର୍ମାଣ ସଂଗଠନ ଓ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା ରେ ଏହି ବ୍ରିଡ଼ର କୁକୁର ଙ୍କ ଚାହିଦା ରହିଛି। ବେଲଜିଆନ ର ଏହି ବ୍ରିଡ଼ ର ଶ୍ୱାନ ଙ୍କ ଘ୍ରାଣ ଶକ୍ତି ଅତି ତୀକ୍ଷଣ। ଉପଯୁକ୍ତ ପ୍ରଶିକ୍ଷଣ ମିଳିଲେ ଏହି ବ୍ରିଡ଼ର ଶ୍ୱାନ ଚାଳିଶ ଫୁଟ ଉଚ୍ଚତା ରେ ଥିବା ବସ୍ତୁ କୁ ମଧ୍ୟ ଡିଆଁ ମାରି ଆଣିପାରେ। କଟକର ମୁଣ୍ଡଳୀ ଠାରେ ଥିବା ଏନ ଡି ଆର ଏଫ ର ପ୍ରଶିକ୍ଷଣ ଶିବିର ରେ କାର୍ଯ୍ୟରତ ସର୍ଚ୍ଚ ଆଣ୍ଡ ରେସକ୍ୟୁ ଟିମର ଟ୍ରେନର ରାକେଶ ସାହୁ ଏହି ରାଣୀ ନାମ୍ନୀ ଶ୍ୱାନକୁ ପ୍ରଶିକ୍ଷଣ ଦେଇଛନ୍ତି।

# ଝରକା ଭାଙ୍ଗି ସୁନା ଗହଣା ଓ ନଗଦ ଟଙ୍କା ଚୋରି

କରଞ୍ଜିଆ,(ସବ୍ୟୁ): ଶୁକ୍ରବାର ଝରକା ଭାଙ୍ଗି କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ୱାର୍ଡ ନମ୍ବର ୧ କରଞ୍ଜିଆ ଗୋଲେଇ ନିକଟସ୍ଥ ଦେଓ କେନାଲ ବନ୍ଧ କଡ଼ରେ ଭଡ଼ାରେ ରହୁଥିବା ଯଶିପୁର ବ୍ଲକ ଗୁଡୁଗୁଡିଆ ଠାରେ କାର୍ଯ୍ୟରତ ଥିବା ଫାର୍ମାସିଷ୍ଟ ଦେବାଶିଷ ସାହୁଙ୍କ ଭଡାଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ଚୋରି ହୋଇଥିବା କରଞ୍ଜିଆ ଥାନାରେ ଏତଲା ହୋଇଛି। ଦେବାଶିଷ ଘରେ ନଥିବା ବେଳେ ତାଙ୍କ ୨ ପିଲା ଓ ସ୍ତ୍ରୀ ସଙ୍ଗିତା ସାହୁ ରାତିରେ ଶୋଇଥିବା ବେଳେ ଅନ୍ୟ ଘର ଝରକା ଭାଙ୍ଗି ଚୋରି ହୋଇଥିଲା। ଚୋରି ହୋଇଥିବା ଜିନିଷ ଗୁଡ଼ିକ ମଧ୍ୟରେ ଗୋଟିଏ ସୁନା ଲକେଟ, କାନଫୁଲ, ମଙ୍ଗଳସୂତ୍ର ଓ ଘରେ ଥିବା ୧ଲକ୍ଷ ୩୦ ହଜାର ନଗଦ ଟଙ୍କା ରହିଛି। ସ୍ତ୍ରୀଙ୍କ ଠାରୁ ଖବର ପାଇ ଦେବାଶିଷ କରଞ୍ଜିଆ ଥାନାରେ ଲିଖିତ ଏତଲା ଦେଇଥିଲେ। ଏତଲାକୁ ଆଧାର କରି କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ଶରତ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ ମତେ ସ ଇନ୍ସପେକ୍ଟର ସୁଧାଂଶୁ ସେଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି। କରଞ୍ଜିଆ ଥାନାରେ ୨୨୪/୨୫ ନମ୍ବର କେଶ ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

## ଉଛୁଳୁଛି ବୈତରଣୀ ଓ ସାଳନ୍ଦୀ ନଦୀ

ଆରଡି,(ସବ୍ୟୁ): ଗତ ୩ଦିନ ଧରି ଲଗାଣ ବର୍ଷା ପ୍ରଭାବରେ ତଳମୁଣ୍ଡରେ ଅର୍ଥାତ ଆରଡିର ତଳିଆ ଅଂଚଳରେ ଉଛୁଳିବାରେ ଲାଗିଛି ବୈତରଣୀ ଓ ସାଳନ୍ଦୀ ନଦୀ। ନଦୀ ଉଛୁଳି ଥିଲେ ମଧ୍ୟ ବନ୍ୟା ଆଶଙ୍କା ନାହିଁ,ହେଲେ ତଳିଆ ଜମି ସବୁ ଜଳାର୍ଣ୍ଣବ ହୋଇଛି। ଅନ୍ୟପଟେ ମୌସୁମୀ ଓ ଲଘୁଚାପ ପ୍ରଭାବରେ ପୂର୍ବାଳି ପବନ ଯୋଗୁ ସମୁଦ୍ର ଅଶାନ୍ତ ହୋଇପଡିଥିବାରୁ ଧାମାରା ମୁହାଣ ନିକଟରୁ ଉଠୁଛି ଉଚ୍ଚ ଜୁଆର। ଯାହାଫଳରେ ଉଭୟ ବର୍ଷା ଓ ଜୁଆରପାଣିରେ ଫୁଲିବାରେ ଲାଗିଛି ବୈତରଣୀ ଓ ସାଳନ୍ଦୀ ନଦୀ। ଏପରିକି ଉପରମୁଣ୍ଡରେ ସାଳନ୍ଦୀ ନଦୀରେ ଭର୍ତ୍ତି ହୋଇ ରହିଥିବା ମଇଁଶିଆ ଦଳ ଭାସି ଆସିବାରୁ ଆରଡି ତିନିତର ନଦୀଘାଟରେ ଜମାଟ ବାନ୍ଧିବାରୁ ଯାତ୍ରୀ ପରିବହନ ବାଧାପ୍ରାପ୍ତ ହୋଇଥିଲା। ଦଳ ଏପରି ଭର୍ତ୍ତି ହୋଇଥିଲା ମଟର ଚାଳିତ ବୋଟ ଯାଆଆସ କରିପାରିନଥିଲା। ଫଳରେ ନଦୀର ଉଭୟ ପାର୍ଶ୍ୱରେ ଅଟକି ରହିଥିଲେ ଶହଶହ ଯାତ୍ରୀ। ବିଶେଷକରି ସୋମବାର ଥିବାରୁ ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଆସିଥିବା ବହୁ ଶ୍ରଦ୍ଧାଳୁଭକ୍ତ ମଧ୍ୟ ତିନିତର ଘାଟ ନିକଟରେ ଦୀର୍ଘ ଘଣ୍ଟା ଧରି ଅଟକି ରହିଥିଲେ।

## ବ୍ଲକ୍‌ରେ ଯୁଗ୍ମ ଜନଶୁଣାଣି ଶିବିର

ତିହିଡି,(ସବ୍ୟୁ) : ସୋମବାର ଦିନ ତିହିଡି ବ୍ଲକରେ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ବଳିତ ମୋଟ ୧୩୦ଟି ଅଭିଯୋଗ ଆଗତ ହୋଇଥିଲା । ସାହାପୁର ପଞ୍ଚାୟତର ସାହାପୁର ଗାଁର ମହାକୁଡ ସାହି ଓ ପତିସାହି ଗାଁ ରାସ୍ତାରୁ ଜଳ ନିଷ୍କାସନ ହୋଇ ନପାରିବା ନେଇ ସେଠାକାର ଲୋକେ ଅଭିଯୋଗ କରିଥିବା ବେଳେ ପୁରାତନ ଖାଙ୍କି ନାଳ ସଂସ୍କାର ନେଇ ମିର୍ଜାପୁର ମୌଜାର ଚାଷୀ ମାନେ ଅଭିଯୋଗ କରିଥିଲେ । ସେହିପରି ତିହିଡି ତହସିଲରେ ଚାଲିଥିବା ବିଭିନ୍ନ ଅନିୟମିତତା ନେଇ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟପକ୍ଷେ ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଅତ୍ୟଧିକ ବସ ଭଡା ଆଦାୟ କରାଯାଉଥିବା ଓ ବସରେ ରେଟ ଚାଟ୍ ଲଗା ଯାଉ ନଥିବା ନେଇ ମଧ ଅଭିଯୋଗ ଆଗତ ହୋଇଥିଲା । ଜମିଜମା ସମସ୍ୟା ନେଇ ତିହିଡି ତହସିଲରୁ ନ୍ୟାୟ ନ ମିଳିବା, ଭିନ୍ନକ୍ଷମଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରା ନଯିବା, ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରା ନଯିବା ଓ ରାସନ କାର୍ଡ ଓ ବାର୍ଦ୍ଧକ୍ୟ ଭତ୍ତା ନ ମିଳିବା ନେଇ ବି ଭିନ୍ନ ଭିନ୍ନ ଅଭିଯୋଗ ଆଗତ ହୋଇଥିଲା । ସେହିପରି ବିଭିନ୍ନ ଅଞ୍ଚଳରେ ରାସ୍ତାଘାଟର ଦୁରାବସ୍ଥା ନେଇ ବି ଅଭିଯୋଗ ଆଗତ ହୋଇଥିଲା । ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଏସପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଧୀର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ବିଡିଓ ନିରଞ୍ଜନ ବାରିକ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଓ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ପ୍ରମୁଖ ଉପସ୍ଥିତ ରହି ଜନଶୁଣାଣି କରିଥିଲେ । ସାଳନ୍ଦୀ ଜଳସେଚନ ବିଭାଗ ବ୍ୟତୀତ ଅନ୍ୟ ସବୁ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ନରେନ୍ଦ୍ରପୁର ପଞ୍ଚାୟତର ପ୍ରଶାନ୍ତ ପଣ୍ଡାଙ୍କୁ ବସ ପାସ୍ ଓ ବାହାବଳପୁର ପଞ୍ଚାୟତର ବେଣୁଧର ଦାସଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା।

## ରୋଗରୁ ମୁକ୍ତି ପାଇ ମନ୍ଦିରକୁ ଦାନ କଲେ ଉପେନ୍ଦ୍ର

ସିମୁଳିଆ,(ସବ୍ୟୁ) : ଦୋରାରୋଗ୍ୟ ରୋଗରୁ ମୁକ୍ତି ମିଳିବା ପରେ ମାନସିକ ଲାଗି ଜଗନ୍ନାଥ ମନ୍ଦିରକୁ ଦାନ ଅର୍ପଣ କଲେ ଉପେନ୍ଦ୍ର। ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକ ଜାମ୍ବୁଝାଡ଼ି ପଞ୍ଚାୟତର କୁପୁରା ଗ୍ରାମର ଉପେନ୍ଦ୍ର ସେଠୀ, ଦୁରାରୋଗ୍ୟ ପୀଡିତ ଥାଇ ଦୀର୍ଘ ତିନି ବର୍ଷ ଧରି ଭୁବନେଶ୍ୱର ଏକ ପ୍ରାଇଭେଟ କ୍ଲିନିକ ରେ ଚିକିତ୍ସିତ ହୋଇ ଆରୋଗ୍ୟ ଲାଭ କରିଥିଲେ । ଉପେନ୍ଦ୍ର ଆରୋଗ୍ୟ ଲାଭ କଲେ ଜଗନ୍ନାଥ ମନ୍ଦିରକୁ ଦାନ କରିବାକୁ ମାନସିକ ରଖିଥିଲେ । ସେ ତାଙ୍କ କଥା ରଖି ପବିତ୍ର ରଥଯାତ୍ରା ଅବସରରେ ବଣା ଠାରେ ଜଗନ୍ନାଥ ମନ୍ଦିରକୁ ୨୫ହଜାର ଦାନ କରିଥିଲେ । ମନ୍ଦିର ପ୍ରାଶାସନ ପକ୍ଷରୁ କୋଷାଧ୍ୟକ୍ଷ ସୁରେଶ କୁମାର ଗିରି ଓ ଉପସଭାପତି ସୁବାଷ ଚନ୍ଦ୍ର ମିଶ୍ର ଏହି ଦାନକୁ ଗ୍ରହଣ କରିଥିଲେ।

## ଲଗାଣ ବର୍ଷାରେ ଘରେ ପଶିଲା ପାଣି

# ରାସ୍ତା ଅବରୋଧ କଲେ ଗ୍ରାମବାସୀ

ସୋର, (ସବ୍ୟୁ) : କେନାଲ କାମରେ ଅହେତୁକ ବିଳମ୍ବ ଓ ଜଳନିଷ୍କାସନର ବ୍ୟବସ୍ଥା ନଥିବାରୁ ଲୋକଙ୍କ ଘରେ ପାଣି ପଶିବା ସହିତ ରବି ଫସଲ ନଷ୍ଟ ହୋଇଥିବା ପ୍ରତିବାଦରେ ସୋର ଔପଦା ମୁଖ୍ୟ ରାସ୍ତା ଦିଗୀଭଅାଁରା ନିକଟରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ।ଲୋକମାନେ ଲଗାଣ ବର୍ଷା ସତ୍ତ୍ୱେ ବି ରାସ୍ତା ବନ୍ଦ କରିବାରୁ ଯାତାୟତରେ ବାଧା ସୃଷ୍ଟି ହୋଇଥିଲା । ସୂଚନା ଅନୁସାରେ ଏହି ସାଳନ୍ଦୀ କେନାଲର କାମ ଦୀର୍ଘ ବର୍ଷଧରି ଚାଲିଥିବା ବେଳେ ଶେଷ ହେବାର ନା ଧରୁନି। ଯେଉଁ ସ୍ଥାନରେ ଠିକାସଂସ୍ଥା ପକ୍ଷରୁ କାମ କରାଯାଇଛି ସେଠାରେ ଜଳନିଷ୍କାସନର ବ୍ୟବସ୍ଥା କରାଯାଇନାହିଁ। ଫଳରେ ବର୍ଷାଦିନ ଆସିବା ପୂର୍ବରୁ ଲଗାଣ ବର୍ଷାରେ ଲୋକଙ୍କ ଘରେ ପାଣି ପଶିଲାଣି। ଗତକାଲି ରାତିରୁ ହୋଇଥିବା ଲଗାଣ ବର୍ଷା କାରଣରୁ ବର୍ଷା ଜଳ ନିଷ୍କାସନ ହୋଇନପାରି ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତର ଦିଗି ଭଅାଁରା,ଦିଗି, ଗୋପୀନାଥପୁର ଆଦି ଗାଁର ଅନେକ ଲୋକଙ୍କ ଘରେ ପାଣି ପଶିବା ସହିତ କିଛି ଲୋକେ କରିଥିବା ରବିଚାଷ ନଷ୍ଟ ହୋଇଛି। ପୂର୍ବରୁ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଜଳନିଷ୍କାସନର ବ୍ୟବସ୍ଥା କଥା କୁହାଯାଇଥିଲେ ମଧ୍ୟ କେହି ତାଙ୍କ କଥାକୁ କର୍ଣ୍ଣପାତ କରୁନାହାନ୍ତି। ଫଳରେ ଲୋକେ ଆଜି ଏହି ରାସ୍ତା ବନ୍ଦ କରିବା ସହିତ ଧାରଣାରେ ବସି ରହିଥିଲେ।ଖବର ପାଇ ସୋର ଭାରପ୍ରାପ୍ତ ତହସିଲଦାର ଦୈତାରୀ ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ସହିତ ପାଣି ନିଷ୍କାସନ ବ୍ୟବସ୍ଥା କରିବା ପରେ ଲୋକେ ଧାରଣାରୁ ଉଠିଥିଲେ।

## ଭୂସ୍ଖଳନ : ଭଙ୍ଗିଲା କାଳିକାପ୍ରସାଦ –ଗୁଡୁଗୁଡିଆ ରାସ୍ତା

# ତିନି ପଞ୍ଚାୟତ ବିଚ୍ଛିନ୍ନ, ମନ୍ତ୍ରୀଙ୍କ ସ୍ଥାନ ପରିଦର୍ଶନ



ପାଞ୍ଚପୀଢ, (ସବ୍ୟୁ) : ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ପ୍ରବଳରୁ ପ୍ରବଳତର ବର୍ଷା ହେବାରୁ ଗତକାଲି ରାତିରେ ଭୂସ୍ଖଳନ ହୋଇ କାଳିକାପ୍ରସାଦ –ଗୁଡୁଗୁଡିଆ ଗାର୍ଡୱେଲ ଭାଙ୍ଗି ରାସ୍ତା ଧୋଇ ହୋଇଯାଇଥିବା ଖବର ବିଭାଗ ସୂତ୍ରରୁ ଜଣାପଡ଼ିଛି। ଏହା ଦ୍ୱାରା ୩ ପଞ୍ଚାୟତ ବରେହିପାଣି, ଗୁଡୁଗୁଡିଆ ଓ ଅସ୍ତକୁମାରର ୩୦–୪୦ ଗାଁ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ତେବେ ଆଜି ସକାଳୁ ଘଟଣାସ୍ଥଳରେ ବନ୍ୟପ୍ରାଣୀ ବନଖଣ୍ଡ ବିଭାଗ ପହଞ୍ଚି ଯଥାଶୀଘ୍ର ରାସ୍ତା ମରାମତି କରିବା ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି। ତେବେ ବର୍ତ୍ତମାନ ଏହି ରାସ୍ତାରେ କେବଳ ୨ ଚକିଆ ଯାନ ଚଳାଚଳ କରି ପାରିବ ଏବଂ ୪ ଚକିଆ ଯାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଓ ଶ୍ରମ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଏହା ବିଧାନସଭା ମଣ୍ଡଳୀ ଓ ଏହା ମଧ୍ୟରେ ତାଙ୍କ ନିଜ ଗୃହ ଥିବାରୁ ସେ ଓ ଶିମିଳିପାଳ ଉତ୍ତର ବନ୍ୟପ୍ରାଣୀ ବନଖଣ୍ଡ ସହକାରୀ ନିର୍ଦ୍ଦେଶକ ପ୍ରଶାନ୍ତ ପଟେଲ ଘଟଣାସ୍ଥଳରେ ପହଞ୍ଚି ସ୍ଥାନର ପରିଦର୍ଶନ ଓ ନିରୀକ୍ଷଣ କରିଥିଲେ। ଯଥାଶୀଘ୍ର ଏହାକୁ ମରାମତି କରିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ।

## ଲଗାଣ ବର୍ଷା ଜନଜୀବନ ପ୍ରଭାବିତ

କେନ୍ଦୁଝର, (ସବ୍ୟୁ) : ଲଘୁଚାପ ପ୍ରଭାବରେ ଗତଶନିବାର ଠାରୁ କେନ୍ଦୁଝର ଜିଲ୍ଲାରେ ଲଗାଣ ବର୍ଷା ଜାରୀ ରହିଛି । ଲଗାଣ ବର୍ଷା ଫଳରେ ଜନଜୀବନ ପ୍ରଭାବିତ ହୋଇଛି । କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି । ସୋମବାର ଦିନ ଦିନ ତମାମ ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଝିପିଝିପି ଲାଗି ରହିଛି । ଲଗାଣ ବର୍ଷା ଯୋଗୁଁ କୁହୁଡିଆ ପାଗ ପାଇଁ ଗାଡିମୋଟର ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଥିଲା । ସୂଚନା ଅନୁସାରେ, କେନ୍ଦୁଝର ସଦର ବ୍ଲକ ଅଂଚଳରେ ୧୫.୨ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ବାଂଶପାଳ ବ୍ଲକ ଅଂଚଳରେ ୩୮.୨ ମିମି,ତେଲକୋଇ ବ୍ଲକ ଅଂଚଳରେ ୩୮.୪ ମିମି,ପାଟଣା ବ୍ଲକ ଅଂଚଳରେ ୨୩.୬ ମିମି,ସାହାରପଡା ବ୍ଲକ ଅଂଚଳରେ ୩୮.୫ ମିମି,ଘଟଗାଁ ବ୍ଲକ ଅଂଚଳରେ ୧୬.୪ ମିମି,ହରିଚନ୍ଦନପୁର ବ୍ଲକ ଅଂଚଳରେ ୧୮.୬ ମିମି ବର୍ଷା ରେକର୍ଡ ହୋଇଛି । ସେହିପରି ଆନନ୍ଦପୁର ବ୍ଲକ ଅଂଚଳରେ ୩୧.୮ ମିମି,ଘସିପୁରା ବ୍ଲକ ଅଂଚଳରେ ୩୫.୨ ମିମି,ହାଟଡିହି ବ୍ଲକ ଅଂଚଳରେ ୧୦୫.୨ ମିମି,ଚମ୍ପୁଆ ବ୍ଲକ ଅଂଚଳରେ ୩୫.୧ ମିମି,ଯୋଡା ବ୍ଲକ ଅଂଚଳରେ ୫.୬ ମିଲିମିଟର ବର୍ଷା ରେକର୍ଡ ହୋଇଥିବାବେଳେ ଝୁମ୍ପୁରା ବ୍ଲକ ଅଂଚଳରେ ୨୨.୨ ମିଲିମିଟର ବର୍ଷା ହୋଇଥିବା ଜଣାପଡିଛି ।

## ଓଷ୍ଟାର ନୂତନ କର୍ମକର୍ତ୍ତା ନିର୍ବାଚନ

# ମନ୍ମଥ ସଭାପତି, ରଞ୍ଜନ ସମ୍ପାଦକ

କେନ୍ଦୁଝର,(ସବ୍ୟୁ): : ୩୦୦୬ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ କର୍ମଚାରୀ ସଂଘ (ଓଷ୍ଟା) ର ୨୬ତମ ସାମ୍ବିଧାନିକ ସମ୍ମିଳନୀ ରବିବାର ଦିନ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଓଷ୍ଟା କେନ୍ଦୁଝର ଜିଲ୍ଲା ସଭାପତି ରଘୁନାଥ ବେହେରା ସଭାପତିତ୍ୱ କରିଥିବାବେଳେ ସଂପାଦକ ପ୍ରଶାନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ କର୍ମଚାରୀ ସଂଘ (ଓଷ୍ଟା) ର ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷକମାନଙ୍କ ପ୍ରମୁଖ ସମସ୍ୟା କେତେ ଦୂର ସମାଧାନ କରାଯାଇଛି ଏବଂ ଆଗାମୀ ଦିନରେ କ'ଣ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଓଷ୍ଟା ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ସାଂପ୍ରତିକ ଶିକ୍ଷକମାନଙ୍କ ସମସ୍ୟା,ଓଷ୍ଟାର ଲକ୍ଷ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋଚନା କରିଥିଲେ । ଦ୍ୱିତୀୟାର୍ଦ୍ଧରେ ଓଷ୍ଟା କେନ୍ଦୁଝର ଶାଖାର ନୂତନ କର୍ମକର୍ତ୍ତା ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ମୋଟ ୪୯୬ ଜଣ ଭୋଟରଙ୍କ ମଧ୍ୟରୁ ୪୫୩ ଜଣ ଭୋଟ ଦେଇଥିଲେ । ଆଗାମୀ ୩ବର୍ଷ ପାଇଁ ଓଷ୍ଟା କେନ୍ଦୁଝରର ନିମ୍ନୋକ୍ତ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରାଯାଇଥିଲା । ସଭାପତି ଭାବେ ମନ୍ମଥନାଥ ମହାନ୍ତ,କାର୍ଯ୍ୟକାରୀ ସଭାପତି ଭାବେ ସୁଧାକର ପଣ୍ଡା,ଉପସଭାପତି ଭାବେ ବୈକୁଣ୍ଠ ମହାନ୍ତ,ମନୋଜ କୁମାର ପଣ୍ଡା,ପୁଷ୍ପାଞ୍ଜଳୀ ମିଶ୍ର,ସଂପାଦକ ଭାବେ ରଞ୍ଜନ କୁମାର ଘଡେଇ,ଯୁଗ୍ମ ସଂପାଦକ ଭାବେ ଅନିରୁଦ୍ଧ ସେଠୀ,ଅଜ୍ଞାନ କୁମାର ଚାନ୍ଦ,ଲାବଣ୍ୟବତୀ ମହାନ୍ତ,କାର୍ଯ୍ୟକାରୀ ସମିତି ସଭ୍ୟ ଭାବେ ହେମନ୍ତ କୁମାର ମହାନ୍ତ,ଦିଲ୍ଲୀପ କୁମାର ମହାନ୍ତ,ଧନୁର୍ଜୟ ମହାନ୍ତ,ସୁବ୍ରତ କୁମାର ଲେଙ୍କା ନିର୍ବାଚିତ ହୋଇଛନ୍ତି । ରାଜ୍ୟ କର୍ମକର୍ତ୍ତମାନେ ସମସ୍ତ ନୂତନ ନିର୍ବାଚିତ ସଦସ୍ୟମାନଙ୍କୁ ପଦ ଓ ଗୋପନିୟତାର ଶପଥ ପାଠ କରାଇଥିଲେ । ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ କର୍ମଚାରୀ ସଂଘ (ଓଷ୍ଟା)ର ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର,ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ,କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର,କାର୍ଯ୍ୟକାରୀ ସଭାପତି ନିଳମଣୀ ପୁରୋହିତ,ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ,ରାଜ୍ୟ ସହ ସମ୍ପାଦକ ମୃତ୍ୟୁଞ୍ଜୟ ପଲେଇ,ରାଜ୍ୟ ଉପଦେଷ୍ଟା ଭିକାରୀ ଚରଣ ସାହୁ ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ ।

# ସବ୍ୟସାଚୀ ପଟ୍ଟନାୟକଙ୍କୁ ଏଫଏମ୍ ବିଶ୍ୱବିଦ୍ୟାଳୟର ବିଦାୟକାଳୀନ ସମ୍ବର୍ଦ୍ଧନା




ବାଲେଶ୍ୱର,(ସବ୍ୟୁ): ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟ ତରଫରୁ ସ୍ନାତକୋତ୍ତର କମ୍ପ୍ୟୁଟର ସାଇନ୍ସ ବିଭାଗର ବିଶିଷ୍ଟ ଶିକ୍ଷକ ଏବଂ ଗବେଷକ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଅଧ୍ୟାପକ ଜୀବନର ବହୁବର୍ଷର ସୃଜନଶୀଳ ସେବା ପରେ ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଅବସର ଗ୍ରହଣ କରିଛନ୍ତି।ଏହି ଶିକ୍ଷା, ଗବେଷଣା ଓ ମାନବିକତାର ଏକ ଅଦ୍ୱିତୀୟ ଅଧ୍ୟାୟର ଅବସରକୁ ସମ୍ମାନ ଜଣାଇ ଶ୍ରଦ୍ଧାର ସହ ଆୟୋଜିତ ବିଦାୟକାଳୀନ ସଭାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କୁଳସଚିବ କୁକୁମୀନା ଦାସ,ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ବିତ୍ତ ନିୟନ୍ତ୍ରକ କରନ ସୋରେନ, ପରୀକ୍ଷା ନିୟନ୍ତ୍ରକ ରଞ୍ଜନ କୁମାର ରାୟଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ-ଅଧ୍ୟାପିକାବୃନ୍ଦ, ଅଣଶିକ୍ଷକ କର୍ମଚାରୀଗଣ, ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସଭାରେ କୁଳପତି ପ୍ରଫେସର ତ୍ରିପାଠୀ ନିଜ ଅଭିଭାଷଣରେ ପ୍ରଫେସର ପଟ୍ଟନାୟକଙ୍କ ଶିକ୍ଷାନୁଷ୍ଠାନୀୟ ଏବଂ ପ୍ରଶାସନିକ ଅବଦାନକୁ ସ୍ମରଣ କରି ଧନ୍ୟବାଦ ଜଣାଇଥିଲେ। ସଭାରେ ବିଭିନ୍ନ ବକ୍ତାମାନେ ପ୍ରଫେସର ପଟ୍ଟନାୟକଙ୍କ ଶିକ୍ଷା ଜୀବନ, ଗବେଷଣା କ୍ଷେତ୍ରରେ ତାଙ୍କ ଅବଦାନ, ପ୍ରକାଶିତ ଗବେଷଣା ପ୍ରବନ୍ଧ, ଦିଗଦର୍ଶୀ ନେତୃତ୍ୱ ଓ ମାନବ ମୂଲ୍ୟର ଅନୁଷ୍ଠାନ ବିଷୟରେ ପରିପ୍ରକାଶ କରିଥିଲେ।ପ୍ରଫେସର ପଟ୍ଟନାୟକ ନିଜ ଅନ୍ତିମ ଭାଷଣରେ କହିଥିଲେ, ଏହି ବିଶ୍ୱବିଦ୍ୟାଳୟ ମୋ ଦ୍ୱିତୀୟ ଘର ଥିଲା। ଏଠାରୁ ଯାହା ମୁଁ ଶିଖିଛି, ଯାହା ମୁଁ ଦେଇପାରିଛି, ସେଥିରେ ଏଠିର ସମସ୍ତଙ୍କ ଅବଦାନ ଅମୂଲ୍ୟ ଏଠାରେ ମୁଁ ଏକ ଏକାତ୍ମତା ଓ ସମର୍ପଣର ଭାବ ଅନୁଭବ କରିଛି, ଯାହା ଆମ ସାମୂହିକ ସଫଳତାର ଆଧାର।ସଭାର ଶେଷରେ ପ୍ରଫେସର ପଟ୍ଟନାୟକଙ୍କୁ, କୁଳପତି ପ୍ରଫେସର ତ୍ରିପାଠୀଙ୍କ ଦ୍ୱାରା ସ୍ମୃତିଚିହ୍ନ ଓ ଉପହାର ପ୍ରଦାନ କରାଯାଇଥିଲା।

# ଦେବଭୂମି ଗବସାହି ଜଗନ୍ନାଥ ମନ୍ଦିରରେ ରଥଯାତ୍ରା

ଭଦ୍ରକ,(ସବ୍ୟୁ): ଭଦ୍ରକ ଦେବଭୂମୀ ଗବସାହିସ୍ଥିତ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଳନ କରାଯାଇଛି। ସକାଳର ନୀତିକାନ୍ତି ଯଥା ଦ୍ୱାର ଫିଟା, ମଙ୍ଗଳଆଳତୀ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ରଥ ସଂସ୍କାର ଓ ଧ୍ୱଜା ରୋପଣ, ବଡ ସିଂହାର ବେଶ ଇତ୍ୟାଦି ସମାପନ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଘଂଟା, ମୃଦଙ୍ଗ, କର୍ତ୍ତାଳ, ହରିବୋଲ ହୁଳହୁଳିରେ ଆଧାତ୍ମିକ ପରିବେଶରେ ରଥାରୂଢ଼ କରାଯାଇଥିଲା। ଏହି ରଥଯାତ୍ରାର ପରମ୍ପରା ମୁତାବକ ଭଦ୍ରକ ଜିଲ୍ଲାପାଳ ଶ୍ରୀଯୁକ୍ତ ଦିଲ୍ଲୀପ ରାଉତରାଏ ଯୋଗଦେଇ ପୂଜାଅର୍ଚ୍ଚନା ପୂର୍ବକ ରଥରେ ବିଦ୍ୟମାନ ଦିଅଁଙ୍କୁ ଆଳତୀ କରି ଛେରା ପହଁରା କରିଥିଲେ। ଦେବଭୂମୀ ଗବସାହିରୁ ଦିଅଁମାନେ ରଥାରୁଢ଼ ହୋଇ ମୋଟେଲ ଛକ ସାଳନ୍ଦୀ ହସ୍‌ପିଟାଲ ପରିସରରେ ଥିବା ମାଉସୀ ମନ୍ଦିରକୁ ଯାତ୍ରା କରିଥିଲେ। ପଥ ମଧ୍ୟରେ ଥିବା ଶ୍ରୀଯୁକ୍ତ ଗୟାଧର ପଣ୍ଡାଙ୍କ ବାସଭବନ ନିକଟରେ ମନ୍ଦିରର ପୂଜକ କାଳିଆ ନନା ମାଉସୀ ଘର ପୋଡ଼ପିଠା ଲାଗି କରିଥିଲେ। ସାଳନ୍ଦୀ ହସ୍‌ପିଟାଲସ୍ଥିତ ମାଉସୀ ମନ୍ଦିର ନିକଟରେ କାନିକା ଭୋଗ ଲାଗିହେବା ପରେ, ଦିଅଁମାନଙ୍କୁ ମନ୍ଦିରକୁ ପହଣ୍ଡି କରାଯାଇଥିଲା। ଏଠାରେ ୯ଦିନ ପୂଜା ପାଇବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜଗନ୍ନାଥ ମନ୍ଦିର ଗବସାହି ରଥଯାତ୍ରା କମିଟିର ସଭାପତି ଡାକ୍ତର ପ୍ରଭାସ କୁମାର ମହାନ୍ତି, ସଂପାଦକ ନେପାଳ ଚନ୍ଦ୍ର ଦାସଙ୍କ ସମେତ କମିଟିର କର୍ମକର୍ତ୍ତା ସର୍ବଶ୍ରୀ ଆନନ୍ଦ ଚନ୍ଦ୍ର ଦାସ, ବଂଶୀଧର ବେହୁରା, ପରମାନନ୍ଦ ସାହୁ, ଗୟାଧର ପଣ୍ଡା, ତ୍ରିଲୋଚନ ଦାସ, ଅଶ୍ୱିନୀ କୁମାର ଦାସ, ମୁକ୍ତିକାନ୍ତ ମଲ୍ଲିକ, ପ୍ରଶାନ୍ତ କୁମାର ଦାସ (ସାନ୍ଟୁ), ସୁଧିରଂଜନ ନାୟକ, ଭାଗୀରଥି ମହାରଣା, ଗୋପାଳ ଚନ୍ଦ୍ର ଦାସ, ଜୟପାଳ ଦାସ, ଅଶ୍ୱିନୀ କୁମାର ସାହୁ, ଜ୍ଞାନ ପାଣି, ସୁକାନ୍ତି ଗୋସ୍ୱାମୀଙ୍କ ସମତେ ବହୁଭକ୍ତ ପ୍ରମୁଖ ଏହି ଉତ୍ସବରେ ସକ୍ରିୟ ସହଯୋଗ କରିଥିଲେ। ପ୍ରାୟ ୩ ହଜାର ଲୋକଙ୍କ ସମାଗମରେ ଏହି ରଥଯାତ୍ରା ପାଳିତ ହୋଇଥିଲା।

(ଶ୍ରୀମଦ୍ଭଗବଦ୍ ଗୀତା ୧୭/୦୫)

–ଶ୍ରଦ୍ଧାତ୍ରୟ ବିଭାଗ ଯୋଗ–

(ଶ୍ରୀଭଗବାନୁବାଚ )

**ଅଶାସ୍ତ୍ରବିହିତଂ ଘୋରଂ ତପ୍ୟନ୍ତେ ଯେ ତପୋ ଜନାଃ ।**
**ଦମ୍ଭାହଂକାରସଂଯୁକ୍ତାଃ କାମରାଗବଳାନ୍ୱିତାଃ ।।୫।।**

ଯେଉଁସବୁ ଅବିବେକୀ ମନୁଷ୍ୟ ଦମ୍ଭ ଓ ଅହଂକାର ପରବଶ ହୋଇ ଏବଂ କାମନା, ଆସକ୍ତି ଓ ଆଗ୍ରହଯୁକ୍ତ ହୋଇ (ବଅଥା ଉପବାସାଦିଦ୍ୱାରା) ଦେହସ୍ଥ ପୃଥିବ୍ୟାଦି ଭୂତଗଣଙ୍କୁ ଏବଂ ଶରୀର ମଧ୍ୟରେ ଅନ୍ତର୍ଯ୍ୟାମୀରୂପରେ ଅବସ୍ଥିତ ମୋତେ (ମୋର ଆଦେଶ ଲଂଘନ ପୂର୍ବକ) ପୀଡ଼ା ଦେଇ ଅଶାସ୍ତ୍ରବିହିତ ଉତ୍କଟ ତପସ୍ୟା କରନ୍ତି, ସେମାନଙ୍କୁ ତୁମେ ଅତି କ୍ରୂରପ୍ରକୃତିର ବୋଲି ଜାଣିବ ।

# ଦଳାଚକଟାରେ ମୃତାହତ, କାହିଁକି ଏପରି ହେଲା ?

**ସମ୍ପାଦକୀୟ**

ଅତୀତରେ ରଥଯାତ୍ରାବେଳେ ଦଳାଚକଟା ହୋଇଛି । ଅନେକ ଶ୍ରଦ୍ଧାଳୁ ପ୍ରାଣ ମଧ୍ୟ ହରାଇଛନ୍ତି । କିନ୍ତୁ ଏଥର କାହିଁକି ଏପରି ହେଲା ? ଶରଧାବାଲିରେ ରଥାରୂଢ଼ ଜିଉମାନଙ୍କ ପହଡ଼ ଫିଟାଇବାବେଳେ ପ୍ରାୟ ଭୋରରୁ ଏପରି ଦଳାଚକଟା ଆରମ୍ଭ ହୋଇ ତିନି ଜଣ ପ୍ରାଣ ହରାଇଲେ ଏବଂ ଆହୁରି କେତେ ଜଣ ଆହତ ହୋଇ ଏବେ ଚିକିତ୍ସାଧୀନ ଅଛନ୍ତି ପୁରୀ ଡାକ୍ତରଖାନାରେ । ଅତ୍ୟନ୍ତ ଦୁଃଖଦାୟକ ଘଟଣା ଘଟିଗଲା । ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ପରେ ଓ ପ୍ରଧାନମନ୍ତ୍ରୀ ଆସି ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିବାର ସାତଦିନ ପରେ ଏପରି ଘଟଣା ଘଟିବା ଉଚିତ ନ ଥିଲା । ଏଥିପାଇଁ ଆମ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ନିଜେ କ୍ଷମା ମାଗିଛନ୍ତି । ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଘୋଷଣା ମଧ୍ୟ କରିଛନ୍ତି । ଏହା ତାଙ୍କର ମହତପଣିଆ ହୋଇପାରେ । ମାତ୍ର ପ୍ରଶାସନିକ ଦୋଷ ତୃଟି ପ୍ରତି ରାଜ୍ୟ ସରକାର ସମ୍ଭବତଃ ସଜାଗ ରହି ପାରି ନ ଥିଲେ । ଫଳରେ କେତେଜଣ ଦଳାଚକଟାରେ ଆହତ ହୋଇଛନ୍ତି, ସେ ବିଷୟରେ କୌଣସି ସ୍ପଷ୍ଟ ସୂଚନା ଠିକ୍ ସମୟରେ ମିଳିପାରିଲା ନାହିଁ । ଯେଉଁ ପରିସ୍ଥିତିରେ ଏପରି ଅଘଟଣ ଘଟିଲା, ତାହାକୁ ପ୍ରସାଶନ ବା ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ବା କର୍ମଚାରୀମାନେ ଯେ ସମ୍ଭାଳି ପାରିଲେ ନାହିଁ, ଏ କଥା ଆମକୁ ସ୍ୱୀକାର କରିବାକୁ ହେବ । ସତରେ କି ଦୟନୀୟ ଅବସ୍ଥା ସୃଷ୍ଟି ହୋଇନଥିଲା ? ପ୍ରାୟ ଘଣ୍ଟାଏ କାଳ ଲୋକେ ପ୍ରାଣ ବିକଳରେ ଏପଟସେପଟ ଦୌଡ଼ିଲେ । ଅଣନିଃଶ୍ୱାସୀ ବି ହେଲେ ଆଉ ଦଳାଚକଟାରେ ପ୍ରାଣ ହରାଇଲେ । ଏହା ତ ରଥଯାତ୍ରା ପରଦିନର ଘଟଣା । ରଥଯାତ୍ରା ଦିନ ମଧ୍ୟ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ହୋଇ ପାରି ନଥିଲା । ରାଜ୍ୟ ସରକାର ସାମ୍ବାଦିକମାନଙ୍କୁ କର୍ଡ଼ନ ପାସ୍ ଦେଇ ଛାଡ଼ିବା ପରେ ମଧ୍ୟ ପୁଲିସ ରାଜ୍ୟସ୍ତରୀୟ ସାମ୍ବାଦିକମାନଙ୍କୁ କର୍ଡ଼ନ ଭିତରକୁ ଛାଡ଼ି ନ ଥିଲା ବରଂ ଠେଲାପେଲା କରିଥିଲା । ଏପରି ଘଟଣା ପୂର୍ବରୁ କେବେ ଘଟି ନ ଥିଲା ।

ଦୁଃଖ ଲାଗେ, ରଥଯାତ୍ରା ସମୟରେ ଟ୍ରାଫିକ କଟକଣା କରାଯାଇ ସମ୍ବାଦପତ୍ର ପୃଷ୍ଠାରେ ପୁରା ଗୋଟିଏ ପୃଷ୍ଠାର ଯେଉଁ ବିଜ୍ଞାପନ ରାଜ୍ୟ ସରକାର ପ୍ରକାଶ କଲେ, ତାହାକୁ କେହି ବୁଝିପାରିଲେ ନାହିଁ । କିନ୍ତୁ ମାଳତିପାଟପୁର ଠାରୁ ଟ୍ରାଫିକ୍ ଜାମ୍ ଯୋଗୁଁ ଗାଡ଼ି ଆଉ ଆଗେଇ ପାରିଲା ନାହିଁ । ଅନେକ ଲୋକ ଅଗତ୍ୟା ବସ୍‌ରୁ ଓହ୍ଲାଇ ପ୍ରାୟ ଦଶ କିଲୋମିଟର ବା ଅଧିକ ରାସ୍ତା ଚାଲି ଚାଲି ଯାଇଛନ୍ତି । ପୁରୀ ଗୋଟିଏ ଛୋଟ ସହର । ବମ୍ବେ ପରି ମହାନଗର ନୁହେଁ କି ବମ୍ବେର ଚଉପାଟୀ ବା ମାଡ୍ରାସର ମେରିନା ବିଚ୍ ପରି ସମୁଦ୍ର କୂଳ ଅତି ବଡ଼ ନୁହେଁ । ରଥଯାତ୍ରା ଦିନ ଅସମ୍ଭବ ଭିଡ଼ ହୋଇଥିବାରୁ ଲୋକମାନଙ୍କୁ ସମୁଦ୍ରକୂଳକୁ ଯିବାକୁ ମଧ୍ୟ ଛଡ଼ାଗଲା ନାହିଁ । ଅବଶ୍ୟ ବିପଦ ଏଡାଇବାକୁ ରାଜ୍ୟ ସରକାର ତାହା ସମ୍ଭବତଃ କରିଥିବେ । ମାତ୍ର କିଛି ଲୋକଙ୍କ ପାଇଁ ସମୁଦ୍ର କୂଳ ହିଁ ଆକର୍ଷଣୀୟ ସ୍ଥାନ । ସେମାନଙ୍କୁ ସମୁଦ୍ର କୂଳକୁ ଛଡା ଯାଇଥିଲେ ପୁରୀ ରଥଯାତ୍ରା ଭିଡ଼ ସାମାନ୍ୟ ହ୍ରାସ ପାଇଥା'ନ୍ତା ।

ବଡ଼ କଥା ହେଉଛି, ଶ୍ରୀମନ୍ଦିରର ପରିଚାଳନା କମିଟି ଗଠିତ ହୋଇନଥିଲା । ପରିଚାଳନା କମିଟି ରହିଥିଲେ, ସେମାନେ ରଥଯାତ୍ରା ସମୟରେ ବିଭିନ୍ନ ଦାୟିତ୍ୱ ନିଜ ନିଜ ଭିତରେ ବାଣ୍ଟି ନେଇ ରଥଯାତ୍ରାକୁ ଶୃଙ୍ଖଳିତ କରିବାକୁ ଉଦ୍ୟମ କରିଥା'ନ୍ତେ । ପୁରୀ ରାଜା ଯିଏ କି ମନ୍ଦିର ପରିଚାଳନା କମିଟିର ପୂର୍ବତନ ଅଧ୍ୟକ୍ଷ, ତାଙ୍କୁ ବିଭିନ୍ନ ସମୟରେ ପରାମର୍ଶ ମଧ୍ୟ କରାଯାଇ ପାରିଥା'ନ୍ତା । ଅନେକ ଅଭିଜ୍ଞ ଓ ଜାଣିବା ଶୁଣିବା ଲୋକଙ୍କୁ ରଥଯାତ୍ରା ସମୟରେ ମଧ୍ୟ ସାହାଯ୍ୟ କରିବାକୁ ଡକାଯାଇ ପାରିଥାନ୍ତା ।

ସେ ଯାହାହେଉ, ପୁରୀ ଜିଲ୍ଲାପାଳ ଓ ଏସ୍.ପିଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବଦଳି କରି ଜଣେ ଡି.ଏସ୍.ପି. ପାହ୍ୟାର ଅଫିସରଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି । ଏହା ଏକ ସମୟୋଚିତ ପଦକ୍ଷେପ ନିଶ୍ଚୟ । ରାଜ୍ୟର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗଙ୍କୁ ମଧ୍ୟ ଏହି ଘଟଣାର ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଯେଉଁ ମୁଖ୍ୟମନ୍ତ୍ରୀ ପ୍ରଥମ କ୍ୟାବିନେଟ ବୈଠକରେ ଶ୍ରୀମନ୍ଦିରର ଚାରିଦ୍ୱାର ଫିଟାଇବା ପାଇଁ ରାତିରେ ନିଷ୍ପତ୍ତି ନେଇ, ତହିଁ ପରଦିନ ସକାଳେ ଯାଇ ସିଂହଦ୍ୱାର ଫିଟାଇଥିଲେ । ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଜରିଆରେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ପ୍ରସାର ପାଇଁ ମଧ୍ୟ ପ୍ରତିଶୃତି ଦେଇଥିଲେ, ସେହି ମୁଖ୍ୟମନ୍ତ୍ରୀ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ବାହୁଡା ଯାତ୍ରା ଓ ସୁନାବେଶ ଉତ୍ସବମାନଙ୍କରେ ସୁରକ୍ଷା ପାଇଁ ଦୃଢ଼ ପଦକ୍ଷେପ ନେବେ ବୋଲି ଓଡ଼ିଶାର ଜନସାଧାରଣ ତାଙ୍କ ଉପରେ ଭରସା ରଖିଛନ୍ତି ।

## ଜୀବନର ସମାପ୍ତି

**ତୁମକୁ ସମସ୍ତେ ଛାଡ଼ି ଚାଲିଗଲା ପରେ ଶେଷକୁ ଯିଏ ହିଁ କେବଳ ତୁମର ହୋଇ ରହିବ, ସେ ହେଲା ମୁଁ (ଈଶ୍ୱର)**

*ସଂଗ୍ରାହକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ଦଶାବତାର କ୍ଷେତ୍ର ଓ ଯାତ୍ରା

**ବୈଷ୍ଣବ ଚରଣ ଦାଶ**



ଶ୍ରୀମଦ୍ଭଗବଦ୍ ଗୀତାରେ ଭଗବାନ୍ ବାରମ୍ବାର ଅବତାର ନେଉଥିବା କଥା ଉଲ୍ଲେଖ ରହିଛି– 'ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।' ବିଭିନ୍ନ ସମୟରେ ପୃଥିବୀକୁ ରକ୍ଷା କରିବା ପାଇଁ ଭଗବାନ ବିଷ୍ଣୁ ଅନେକ ଅବତାର ନେଇଥିଲେ । ତନ୍ମଧ୍ୟରୁ ବହୁ ଶାସ୍ତ୍ରରେ ଦଶ ଅବତାର କଥା ବର୍ଣ୍ଣିତ ହୋଇଛି । ସେଗୁଡିକ ହେଲା– ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ, ବୁଦ୍ଧଦେବ, କଳ୍କୀ । ଦଶାବତାର ସମ୍ପର୍କରେ ବହୁ ଶାସ୍ତ୍ରରେ ଉଲ୍ଲେଖ ରହିଅଛି । ଋକ୍‌ବେଦରେ 'ତ୍ରିଣି ପଦା ବିଚକ୍ରମେ ବିଷ୍ଣୁର୍ଗୋପା ଅଦାଭ୍ୟଃ' ବାକ୍ୟଦ୍ୱାରା ବିଷ୍ଣୁଙ୍କ ବାମନ ଅବତାର କଥା ଜଣାଯାଇଛି । ଐତେରୀୟ ବ୍ରାହ୍ମଣ ଓ ତୈତିରୀୟ ସଂହିତାରେ ବାମନ ଅବତାରଙ୍କ ବୃତ୍ତାନ୍ତ ବର୍ଣ୍ଣିତ ହୋଇଛି । କେତେକ ବ୍ରାହ୍ମଣ ଓ ଆରଣ୍ୟକରେ ବରାହ, ମତ୍ସ୍ୟ, କୂର୍ମ, ନୃସିଂହ ଅବତାରଙ୍କ ବର୍ଣ୍ଣନା ଦେଖିବାକୁ ମିଳେ । ଶତପଥ ବ୍ରାହ୍ମଣରେ ମତ୍ସ୍ୟ ଓ କୂର୍ମ ଅବତାରଙ୍କ ବର୍ଣ୍ଣନା ରହିଛି । ମହାଭାରତରେ ମଧ୍ୟ ଦଶାବତାର ବର୍ଣ୍ଣନା ଦେଖିବାକୁ ମିଳେ । ମହାଭାରତରେ କଳ୍କୀ ଅବତାରର ଉଲ୍ଲେଖ ଥିଲେ ମଧ୍ୟ ବୁଦ୍ଧଙ୍କୁ ବିଷ୍ଣୁଙ୍କ ଅବତାର ଭାବେ ଗ୍ରହଣ କରାଯାଇନାହିଁ ।

ମହାକବି ଶ୍ରୀହର୍ଷକୃତ 'ନୈଷଧୀୟ ଚରିତମ୍' ମହାକାବ୍ୟରେ ନଳରାଜା ୪୦ଟି ଶ୍ଳୋକରେ ଦଶାବତାରଙ୍କ ସ୍ତୁତି କରିଛନ୍ତି । ୧୪ଶ ଶତାବ୍ଦୀରେ ଲିଖିତ ସ୍କନ୍ଦ ପୁରାଣ ଅନ୍ତର୍ଗତ ଉତ୍କଳଖଣ୍ଡରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ପୌରାଣିକ ଗୌରବ ଓ ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି, ଯେଉଁଥିରେ ଏହାକୁ ଦଶାବତାର କ୍ଷେତ୍ର ଭାବେ ବର୍ଣ୍ଣନା କରାଯାଇଛି ।

''ଏତଦ୍ରହସ୍ୟ ପରମଂ ପୁତ୍ର ତେ କଥିତଂ ମୟା' । ଦଶାବତାରକ୍ଷେତ୍ରସ୍ୟ ମାହାତ୍ମ୍ୟଞ୍ଚ ସୁଗୋପିତମ୍ ।'

ଉତ୍କଳର ଜୟଦେବଙ୍କ ଗୀତଗୋବିନ୍ଦ କାବ୍ୟରେ ମଧ୍ୟ ଦଶାବତାରର ବିସ୍ତୃତ ବର୍ଣ୍ଣନା କରାଯାଇଛି । ଲଳିତ ଛନ୍ଦ, ସୁମଧୁର ପଦାବଳୀର ପ୍ରୟୋଗରେ ଜୟଦେବ ଅବତାରମାନଙ୍କ ବିଷୟରେ ଲେଖିଯାଇଛନ୍ତି । 'ସିଦ୍ଧାନ୍ତ ଦର୍ପଣ'ରେ ମଧ୍ୟ ଦଶାବତାର ସ୍ତୋତ୍ର ରଚିତ ହୋଇଚି । ଶଙ୍କରାଚାର୍ଯ୍ୟ ମଧ୍ୟ ଦଶାବତାରକୁ ନେଇ ସ୍ତୋତ୍ର ଲେଖି ଯାଇଛନ୍ତି । ଦୀନକୃଷ୍ଣ ଦାସ ତାଙ୍କ 'ରସକଲ୍ଲୋଳ' କାବ୍ୟରେ କହିଛନ୍ତି– ଶ୍ରୀଜଗନ୍ନାଥ ହେଉଛନ୍ତି 'ଅବତାରୀ' । ସେ ଦଶ ଅବତାରଙ୍କର ଜନକ । କାରଣ ମତ୍ସ୍ୟ, କଚ୍ଛପ, ବରାହ ଓ ନୃସିଂହ ଆଦି ଦଶ ଅବତାର ତାଙ୍କଠାରୁ ଜାତ ହୁଅନ୍ତି । କବି କହିଛନ୍ତି–

'କଚ୍ଛପ ମତ୍ସ୍ୟାଦି ଅବତାର ଯେତେକ
କରିବାକୁ ଜାତ ଜଗନ୍ନାଥ ଜନକ ।''

ଏହା ଶ୍ରୀଜଗନ୍ନାଥଙ୍କର ଗୋଟିଏ ଲୀଳା । ଅଚ୍ୟୁତାନନ୍ଦ ଦାସ ମଧ୍ୟ ଏ ସଂପର୍କରେ ଲେଖିଛନ୍ତି– 'ଅବତାର ଦଶ ଏହି ଦାରୁରୂପ ଏହି ଦାରୁରେ ସେ ଲୀନ / ଈଶ୍ୱର ସାକ୍ଷାତେ ଲୀଳାର ନିମନ୍ତେ ବିଜେ ରତ୍ନସିଂହାସନ ' । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମଧ୍ୟ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ରେ କହିଛନ୍ତି– ଶ୍ରୀଜଗନ୍ନାଥ ହିଁ 'ଦଶ ଅବତାର ଲୀଳା' ରଚନା କରନ୍ତି ଏବଂ ସେହି ଲୀଳା ମାଧ୍ୟମରେ ବିଭିନ୍ନ ଯୁଗର କଥା ଦେଖାନ୍ତି ।

'ଦଶ ଅବତାର ଲୀଳା ଯାତ୍ରା ବିରଚିନ
ଜନଙ୍କୁ ଦେଖାନ୍ତି ଯୁଗାନ୍ତର କଥାମାନ ।'
(୧/୨୩)

ଦଶ ଅବତାରର ସୃଷ୍ଟି ବିଷୟରେ ଏପରି କୁହାଯାଏ ।

***ମତ୍ସ୍ୟ ଅବତାର:*** ଏହି ଅବତାରରେ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ନେଇଥିଲେ । ଏହା ଭଗବାନଙ୍କର ପ୍ରଥମ ଅବତାର ଅଟେ । ମାନ୍ୟତା ରହିଛି ଯେ, ଥରେ ଜଣେ ରାକ୍ଷସ ବେଦକୁ ଚୋରି କରି ସମୁଦ୍ରରେ ଲୁଚି ରହିଥିଲା । ସେତେବେଳେ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଗ୍ରହଣ କରି ବେଦକୁ ରକ୍ଷା କରିଥିଲେ ଓ ତାର ପୁନଃ ସ୍ଥାପନ କରିଥିଲେ ।

***କଚ୍ଛପ ଅବତାର:*** ହିନ୍ଦୁ ଧର୍ମ ଗ୍ରନ୍ଥ ଅନୁଯାୟୀ ଏହା ଭଗବାନ ବିଷ୍ଣୁଙ୍କର ଦ୍ୱିତୀୟ ଅବତାର ଅଟେ । ଏହି ରୂପରେ ଭଗବାନ ବିଷ୍ଣୁ ସମୁଦ୍ର ମନ୍ଥନ ବେଳେ ମନ୍ଦର ପର୍ବତକୁ ନିଜ ପିଠି ଉପରେ ରଖିଥିଲେ ।

***ବରାହ ଅବତାର:*** ହିନ୍ଦୁ ଧର୍ମ ଗ୍ରନ୍ଥ ଅନୁଯାୟୀ ଏହା ଭଗବାନ ବିଷ୍ଣୁଙ୍କର ତୃତୀୟ ଅବତାର ଅଟେ । ଭଗବାନ ବିଷ୍ଣୁ ଏହି ଅବତାରରେ ଅସୁର ରୂପ ଧାରଣ କରି ରାକ୍ଷସ ହିରଣ୍ୟାକ୍ଷକୁ ବଧ କରିଥିଲେ । ଏହାସହ ସମୁଦ୍ର ଗର୍ଭରୁ ଭୂଦେବୀଙ୍କୁ ଉଦ୍ଧାର କରିଥିଲେ ।

***ନୃସିଂହ ଅବତାର:*** ନୃସିଂହ ଅବତାର ଭଗବାନ ବିଷ୍ଣୁଙ୍କର ଚତୁର୍ଥ ଅବତାର ଅଟେ । ଏହି ଅବତାରରେ ବିଷ୍ଣୁ ଶରୀରର ଅଧା ସିଂହ ଓ ଅଧା ମନୁଷ୍ୟ ରୂପେ ପ୍ରକଟ ହୋଇଥିଲେ । ସେ ନିଜ ଭକ୍ତ ପ୍ରହ୍ଲାଦଙ୍କୁ ହିରଣ୍ୟକଶ୍ୟପ ଠାରୁ ରକ୍ଷା କରିବା ପାଇଁ ଏପରି ଅବତାର ଗ୍ରହଣ କରିଥିଲେ ।

***ବାମନ ଅବତାର:*** ବାମନ ଅବତାର ଭଗବାନ ବିଷ୍ଣୁଙ୍କର ପଞ୍ଚମ ଅବତାର । ଭଗବାନ ବିଷ୍ଣୁ ବ୍ରାହ୍ମଣ ବାଳକର ରୂପ ଧାରଣ କରି ପୃଥିବୀ ଆସି ରାଜା ବଳୀଙ୍କୁ ଦାନ ସ୍ୱରୂପ ତିନି ପାଦ ଜାଗା ମାଗିଥିଲେ । ଏହି ତିନି ପାଦ ଜାଗାରେ ସେ ସମସ୍ତ ପୃଥିବୀ ନେଇଥିଲେ । ଏହାସହ ରାଜା ବଳୀର ଅଂହକାର ଭାଙ୍ଗିଥିଲେ ।

***ପର୍ଶୁରାମ ଅବତାର:*** ଏହା ଭଗବାନ ବିଷ୍ଣୁଙ୍କର ଷଷ୍ଠ ଅବତାର ଅଟେ । ଏହି ଅବତାରରେ ଭଗବାନ ବିଷ୍ଣୁ ଜମଦଗ୍ନି ଓ ରେଣୁକାଙ୍କ ପୁତ୍ର ଥିଲେ । ତେଣୁ ପର୍ଶୁରାମଙ୍କୁ ଜମଦଗ୍ନ୍ୟ କୁହାଯାଏ । ସେ ପ୍ରଭୁ ଶିବଙ୍କର ପରମ ଭକ୍ତ ଥିଲେ । ଶିବ ତାଙ୍କ ଭକ୍ତିରେ ପ୍ରସନ୍ନ ହୋଇ ତାଙ୍କୁ ପର୍ଶୁ ଦେଇଥିଲେ । ତାଙ୍କ ନାମ ରାମ ଥିଲା ପର୍ଶୁ ଓ ଶିବଙ୍କ ଦ୍ୱାରା ପର୍ଶୁ ପାଇଥିବାରୁ ତାଙ୍କୁ ପର୍ଶୁରାମ କୁହାଯାଇଥାଏ । କୁହାଯାଇଛି ଯେ, ପର୍ଶୁରାମ ଅନେକ ଥର କ୍ଷତ୍ରିୟମାନଙ୍କର ବିନାଶ କରିଥିଲେ ।

***ଶ୍ରୀରାମ ଅବତାର :*** ଭଗବାନ ବିଷ୍ଣୁଙ୍କୁ ଦଶଟି ଅବତାର ମଧ୍ୟରୁ ଶ୍ରୀରାମ ଅବତାର ଅନ୍ୟତମ । ସେ ଅଯୋଧ୍ୟାର ରାଜା ଦଶରଥ ଓ କୌଶଲ୍ୟାଙ୍କର ପୁତ୍ର ଥିଲେ । ରାବଣର ବଧ ନିମନ୍ତେ ବିଷ୍ଣୁ ଏହି ଅବତାର ନେଇଥିଲେ ।

***ବଳରାମ ଅବତାର:*** ଭଗବାନ ବଳରାମ ହେଉଛନ୍ତି ବିଷ୍ଣୁଙ୍କ ଅବତାର । ଭାଗବତରେ ଶ୍ରୀକୃଷ୍ଣ ଓ ବଳରାମଙ୍କ ଲୀଳା ବିଷୟରେ ବର୍ଣ୍ଣନା କରାଯାଇଛି । ବଳରାମଙ୍କ ମାତା ରୋହିଣୀ ଓ ପିତା ନନ୍ଦ ଥିଲେ । ଶିଶୁପାଳ ଓ ଦନ୍ତବକ୍ତ୍ରଙ୍କୁ ନିଧନ କରିବା ପାଇଁ ଭଗବାନ ଏହି ଅବତାର ଧାରଣ କରିଥିଲେ ।

***ବୁଦ୍ଧ ଅବତାର :*** ଏହା ଭଗବାନ ବିଷ୍ଣୁଙ୍କର ନବମ ଅବତାର ଅଟେ । ଏହି ଅବତାରରେ ସେ ବୌଦ୍ଧ ଧର୍ମର ରଚନା କରିଥିଲେ । ସଂସାରରେ ଚାରୋଟି ବଡ ଧର୍ମରୁ ବୌଦ୍ଧ ଧର୍ମ ଅନ୍ୟତମ ଅଟେ । ଅହିଂସା ଓ ନ୍ୟାୟର ଅବତାର ଭାବେ ବୁଦ୍ଧ ଅବତାର ।

***କଳ୍କୀ ଅବତାର :*** ଭଗବାନ ବିଷ୍ଣୁଙ୍କର ଏହା ଦଶମ ଅବତାର ଅଟେ । ପୁରାଣ ଅନୁସାରେ, କଳ୍କୀ ଅବତାର କଳିଯୁଗରେ ଶେଷ ହେବ । ଏହାପରେ ପୃଥିବୀରୁ ସମସ୍ତ ପାପ ଓ ଖରାପ କର୍ମ ନାଶ ହୋଇଯିବ । ପୁରୁଷୋତ୍ତମ କ୍ଷେତ୍ରକୁ ଦଶାବତାର କ୍ଷେତ୍ର ଓ ରଥଯାତ୍ରାକୁ ଦଶାବତାର ଯାତ୍ରା କୁହାଯାଏ ।

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ କାହିଁକି 'ଦଶାବତାର ଯାତ୍ରା' କୁହାଯାଏ, ତାହାର ଏକ ସୂତ୍ର ମିଳେ 'ସ୍କନ୍ଦପୁରାଣ'ରୁ । ଏହାର ୫୮ ଅଧ୍ୟାୟରେ ଶ୍ରୀସ୍କନ୍ଦ ଶ୍ରୀମହାଦେବଙ୍କ କଥୋପକଥନ ପ୍ରସଙ୍ଗରେ ଏହା ସୂଚିତ ହୋଇଛି । ସେହି ଅଧ୍ୟାୟରେ ଶ୍ରୀସ୍କନ୍ଦ କହିଛନ୍ତି– ହେ ପିତା ! କେଉଁଥିପାଇଁ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଦଶାବତାର କ୍ଷେତ୍ର, ମୋତେ ତାହା ବୁଝାଇ କୁହନ୍ତୁ । ପୁତ୍ରର ପ୍ରଶ୍ନର ଉତ୍ତରରେ ଶ୍ରୀମହାଦେବ କହିଛନ୍ତି– ଅବ୍ୟକ୍ତରୂପୀ ସର୍ବନିୟନ୍ତା ଭଗବାନ ବିଷ୍ଣୁ ଲୋକପାଳନ ନିମନ୍ତେ ଯୁଗେ ଯୁଗେ ନାନା ରୂପରେ ଅବତାର ଗ୍ରହଣ କରନ୍ତି ।

ଶ୍ରୀକ୍ଷେତ୍ର ବା ଶ୍ରୀପୁରୁଷୋତ୍ତମ କ୍ଷେତ୍ର କିପରି ଦଶାବତାର କ୍ଷେତ୍ର– ତାହା ଏହି ପ୍ରସଙ୍ଗରେ ବର୍ଣ୍ଣିତ ହୋଇଛି । ଶ୍ରୀମହାଦେବ ଶ୍ରୀସ୍କନ୍ଦଙ୍କୁ କହିଛନ୍ତି– ଏହି କ୍ଷେତ୍ର ହିଁ ସୃଷ୍ଟି, ସ୍ଥିତି ଓ ସଂହାରର ମୂଳ କ୍ଷେତ୍ର । ଭଗବାନ୍ ଏହି ସ୍ଥାନରେ ଅବତୀର୍ଣ୍ଣ ହୋଇ ଲୀଳାବିସ୍ତାର ନିମନ୍ତେ ଅନ୍ୟତ୍ର ଯାଇଥାଆନ୍ତି ଛ ପୃଥିବୀରେ ନିଜର ଅବତାର କୃତ୍ୟ ସଂପାଦନ କରି ପୁନର୍ବାର ସେ ଏହି କ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ କରି ଏଠାରେ ନିବାସ କରିଥାଆନ୍ତି ଛ ଏଣୁ ମତ୍ସ୍ୟାଦି ଅବତାରଙ୍କୁ ଦର୍ଶନ କଲେ ଯେଉଁ ଫଳ ହୁଏ, ମନୁଷ୍ୟ କେବଳ ଶ୍ରୀପୁରୁଷୋତ୍ତମଙ୍କୁ ଦର୍ଶନ କଲେ ସେହି ଫଳ ଲାଭ କରେ । ଏଣୁ ଏହି ଶ୍ରୀପୁରୁଷୋତ୍ତମ କ୍ଷେତ୍ର ବା ଦଶାବତାର କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ହେଉଛି 'ଦଶାବତାର ଯାତ୍ରା' ।

ଅନ୍ୟ ଗୋଟିଏ ମତ ହେଉଛି– ଚାରି ଦାରୁ ବିଗ୍ରହ ଓ ତିନି ଧାତୁ ବିଗ୍ରହଙ୍କ ସହିତ, ତିନି ରଥରେ ତିନି 'ଧ୍ୱଜ ଦେବତା' ମଧ୍ୟ ଯାତ୍ରା କରିଥାଆନ୍ତି ଛ ଏହି ତିନି ଧ୍ୱଜଦେବତା ହେଉଛନ୍ତି– ଶ୍ରୀବଳଭଦ୍ରଙ୍କ 'ତାଳଧ୍ୱଜ'ରଥର ଧ୍ୱଜ ଦେବତା 'ଶ୍ରୀନୃସିଂହ', ଶ୍ରୀଜଗନ୍ନାଥଙ୍କ 'ନନ୍ଦିଘୋଷ'ରଥର ଧ୍ୱଜଦେବତା 'ଶ୍ରୀହନୁମାନ' ଓ ଦେବୀ ସୁଭଦ୍ରାଙ୍କ 'ପଦ୍ମଧ୍ୱଜ' ରଥର ଧ୍ୱଜଦେବୀ 'ଶ୍ରୀଭୁବନେଶ୍ୱରୀ' । ଏଣୁ ଚାରି ଦାରୁ ବିଗ୍ରହ, ତିନି ଧାତୁ ବିଗ୍ରହ ଓ ତିନି ଧ୍ୱଜଦେବତାଙ୍କୁ ମିଶାଇ ଏହି 'ଦଶାବତାର' ହିଁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି ଛ ତେଣୁ ଏହାକୁ ଦଶାବତାର ଯାତ୍ରା କୁହାଯାଏଛ

ପ୍ରଚଳିତ ବିଶ୍ୱାସମତେ ପୂର୍ବୋକ୍ତ ଦଶ ଅବତାର ଛଡ଼ା ବିଷ୍ଣୁ ଅନ୍ୟାନ୍ୟ ଅନେକ ଅବତାର ଧରି ଥିଲେ ଛ (ଭାଗବତରେ ବର୍ଣ୍ଣିତ ବିଷ୍ଣୁଙ୍କର ଚବିଶଟି ଅବତାର ହେଲା: ବରାହ, ହରି, କପିଳ, ଦତ୍ତାତ୍ରେୟ, ଚତୁଃସନକ, କଚ୍ଛପ, ନୃସିଂହ, ବାମନ, ହିଂସା, ମନୁ, ଧନ୍ୱନ୍ତରୀ, ପର୍ଶୁରାମ, ରାମ, କୃଷ୍ଣ, ବଳରାମ, ବ୍ୟାସ, ବୁଦ୍ଧ, କଳ୍କୀ, ଧୃବ ପାଇଁ ଓ ଗଜ ଉଦ୍ଧାରଣ ପାଇଁ ଦୁଇ ଅବତାର । ଶ୍ରୀଜଗନ୍ନାଥ ନିଜେ ଅବତାରୀ । ତାଙ୍କରି ସମସ୍ତ ନୀତି, ଯାତ୍ରା ଆଦିରେ ଅନେକ ରହସ୍ୟମୟ ତଥ୍ୟ ଲୁଚି ରହିଛି, ଯାହାକୁ ପାଇବା କଷ୍ଟକର ବ୍ୟାପାର ।


**ବୀରଧନଞ୍ଜୟ ପୁର**
**ବୁଗୁଡ଼ା ଗଞ୍ଜାମ**
**ମୋ–୯୭୭୬୫୩୪୯୩୦**

# ଜଳଚରଙ୍କ ପାଇଁ ବିପଦ ପ୍ରଦୂଷିତ ନଦୀ ଜଳ



**ସତ୍ୟ ସୁନ୍ଦର ଭଞ୍ଜ**

ଏବେ ଜଳଚର ଜୀବଙ୍କ ପ୍ରତି ବିପଦ ଦେଖାଦେଇଛି । ମାଛ ଓ ଜଳଚର ପକ୍ଷୀ ଶୀକାର ପାଇଁ ମହାନଦୀ ସମେତ ଛୋଟ ନଦୀ ଓ ଜଳାଶୟରେ ବେଆଇନ ଡିନାମାଇଟ୍ ବିସ୍ଫୋରଣ କରାଯାଉଛି । ପାଣି ଭିତରେ ବିସ୍ଫୋରଣ ପରେ ଥରି ଉଠୁଛି ନଦୀ ଗର୍ଭ । ଅସ୍ଥିର ହେଉଛି ଜଳରାଶି । ସମ୍ବଲପୁର, ସୋନପୁର, ବୌଦ୍ଧ , ନୟାଗଡ଼ ଓ ଆଖପାଖ ଅଞ୍ଚଳରେ ମହାନଦୀରୁ ମାଛ ମାରିବା ପାଇଁ ପ୍ରତିଦିନ ଏଭଳି ହେଉଛି ଶହ ଶହ ବିସ୍ଫୋରଣ । ସହଜରେ ଅଧିକ ମାଛ ମାରିବାକୁ ବେଆଇନ ଡିନାମାଇଟ ବିସ୍ଫୋରଣର ପନ୍ଥା ଆପଣାଇ ନେଉଛନ୍ତି କିଛି ଦୁର୍ବୃତ୍ତ । ଅନ୍ୟ ପକ୍ଷରେ ଡିନାମାଇଟ୍ ବିସ୍ଫୋରଣ ଯୋଗୁ ପ୍ରଦୂଷିତ ହେଉଛି ପାଣି । ଏହାର ପ୍ରଭାବରେ ମାଛ ସହ ବିଭିନ୍ନ ଜଳଚର ଜୀବ ଲୋପ ପାଇବାକୁ ବସିଲେଣି । ପ୍ରଦୂଷଣ ସହ ମତ୍ସ୍ୟଜୀବୀଙ୍କ ଜୀବିକା ମଧ୍ୟ ପ୍ରଭାବିତ ହେଉଛି । ନଈରେ ମାଛ ଯାଆଁଳ ଛଡ଼ା ଯାଉଥିଲେ ବି ବିସ୍ଫୋରଣ କାରଣରୁ ସାନ ବଡ଼ ସବୁ ମାଛ ମରି ମାଛ ବଂଶ କମିଯାଉଛି । ପରିବେଶ ପାଇଁ ଉପକାରୀ ଜଳଚର ଜୀବଙ୍କ ଅକାଳ ମୃତ୍ୟୁ ହେଉଛି । ଜୀବିକା ହରାଇ ମତ୍ସ୍ୟଜୀବୀ ଭିନ୍ନ ପନ୍ଥା ଆପଣାଇବାକୁ ବାଧ୍ୟ ହେଉଛନ୍ତି । ସେପଟେ ମାଛ ମାରିବା ପାଇଁ ସ୍ୱତନ୍ତ୍ର ନିୟମ ନଥିବା କହି ମତ୍ସ୍ୟ ଅଧିକାରୀ ହାତ ଟେକି ଦେଉଛନ୍ତି । ନଦୀରେ ବିସ୍ଫୋରଣ ନକରିବା ପାଇଁ ସରକାର ଦୃଷ୍ଟି ଦେବା ଆବଶ୍ୟକ ବୋଲି ପରିବେଶବିତ୍‌ମାନେ ପରାମର୍ଶ ଦେଉଛନ୍ତି ।



ତେବେ ପ୍ରଶ୍ନ ଉଠୁଛି, ମତ୍ସ୍ୟଜୀବୀ କେଉଁଠୁ ଆଣୁଛନ୍ତି ବିସ୍ଫୋରକ । ମତ୍ସ୍ୟଜୀବୀଙ୍କୁ ବେଆଇନ ଭାବେ ବାରୁଦ ବିକିବା ଅପରାଧ ନୁହେଁ କି ବୋଲି ପ୍ରଶ୍ନ ଉଠିଛି । ଡ଼ିନାମାଇଟ ପ୍ରୟୋଗ କରି ମାଛ ମାରୁଥିବା ଖଳ ଲୋକଙ୍କ ପ୍ରତି ସକରାର କଠୋର ମନୋଭାବ ଆପଣେଇଲେ ଯାଇ ଜଳଚର ଜୀବ ବଞ୍ଚି ପାରିବେ ବୋଲି ମତ ପ୍ରକାଶ ପାଉଛି । ଏହାର କୌଣସି ସମାଧାନ ହେଉନଥିବା ବେଳେ ମାଛ ମାରି ଜୀବନ ଜୀବିକା ନିର୍ବାହ କରୁଥିବା ମତ୍ସଜୀବୀ ଶ୍ରେଣୀର ଦୈନିକ ଚଳନୀରେ ପ୍ରଭାବ ପଡୁଛି । ଅନ୍ୟ ପକ୍ଷରେ ବିଭିନ୍ନ ନଦୀ କୂଳରେ ଛୋଟ ବଡ଼ ଶିଳ୍ପ ସଂସ୍ଥା ଗଢ଼ି ଉଠିଛି । ଏହି ସମସ୍ତ ଶିଳ୍ପସଂସ୍ଥା ସେହି ଶିଳ୍ପରୁ ବାହାରୁଥିବା ବର୍ଯ୍ୟବସ୍ତୁ ଓ ବିଷାକ୍ତ ପାଣି ନଦୀ ଭିତରକୁ ଛାଡ଼ି ଦେଉଛନ୍ତି । ଫଳରେ ହୀରାକୁଦ ନଦୀବନ୍ଧ ତଳମୁଣ୍ଡରୁ ପାରାଦୀପ ପର୍ଯ୍ୟନ୍ତ ନଦୀର ଉଭୟ ପାର୍ଶ୍ୱରେ ଥିବା ଶିଳ୍ପସଂସ୍ଥାର ବର୍ଯ୍ୟବସ୍ତୁରେ ମହାନଦୀ ଜଳ ସମ୍ପୂର୍ଣ୍ଣ ପ୍ରଦୂଷିତ । ଗୋଟିଏ ପକ୍ଷରେ ଖଳ ଲୋକଙ୍କ ନଦୀରେ ଡ଼ିନାମାଇଟ ପ୍ରୟୋଗ କରି ମାଛ ମାରିବା ଓ ଅନ୍ୟ ପଟେ ଶିଳ୍ପସଂସ୍ଥାର ନିର୍ଗତ ବର୍ଯ୍ୟବସ୍ତୁରେ ମାଛ ସମେତ ଜଳଚର ଜୀବ ପ୍ରତି ବିପଦ ଘନିଭୂତ ହୋଇଛି । ଫଳରେ ବିରଳ ପ୍ରଜାତିର ପକ୍ଷୀ, ଜଳଚର ପକ୍ଷୀ ମୃତ୍ୟୁ ମୁଖରେ ପଡୁଛନ୍ତି । ଏହି ବର୍ଯ୍ୟବସ୍ତୁ ପ୍ରଭାବରେ ମାଛ ବିଭିନ୍ନ ରୋଗର ଶୀକାର ହେଉଛନ୍ତି । କୀଟନାଶକ ଦ୍ୱାରା ମୃତ୍ୟୁମୁଖରେ ପଡୁଥିବା ମାଛ ଖାଇଲେ ମଣିଷ ମଧ୍ୟ ବିଭିନ୍ନ ରୋଗର ଶୀକାର ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଗ୍ରାମାଞ୍ଚଳରେ କୃଷି ବିଶେଷ କରି ଧାନ ଚାଷ କରୁଥିବା ଚାଷୀମାନେ ଧାନର ଉତ୍ପାଦନ ବୃଦ୍ଧି ପାଇଁ ଜମିରେ ଅଧିକ ପରିମାଣରେ କୀଟନାଶକ ପ୍ରୟୋଗ କରୁଛନ୍ତି । ଫଳରେ ଏହାର ନକାରାତ୍ମକ ପ୍ରଭାବ ଉଭୟ କୃଷି ଓ ପାଣି ଉପରେ ପଡୁଛି । ମୃତ୍ତିକା ତାର ଅସ୍ତିତ୍ୱ ହରାଉଥିବା ବେଳେ ମାଛ ପ୍ରତି ମଧ୍ୟ ବିପଦ ଦେଖାଦେଇଥାଏ । କାରଣ ଯେଉଁ ସମୟରେ ଧାନରେ କୀଟ ଲାଗିଥାଏ, ସେହି ସମୟରେ ଚାଷୀ କୀଟ ପାଇଁ ରାସାୟନିକ ସାର ପ୍ରୟୋଗ କରିଥାଏ । ଆଉ ସେହି ସମୟରେ ମାଛର ଅଣ୍ଡାଦେବାର ସମୟ ହୋଇଥାଏ । ଏଥିପ୍ରତି ଚାଷୀକୁ ବେଶ ସଚେତନ କରିବାର ଆବଶ୍ୟକତା ରହିଛି । ବିଭିନ୍ନ କାରଣରୁ ଅନେକ ସମୟରେ ମାଛ ଓ ଜଳଚର ଜୀବ ଆବଶ୍ୟକ ଠାରୁ କମ ଅମ୍ଳଜାନ ପାଉଥିବା ମଧ୍ୟ କୁହାଯାଉଛି । ସରକାର ମତ୍ସଜୀବୀଙ୍କ ପାଇଁ ଅନେକ ଯୋଜନା କରୁଥିବାବେଳେ ତାହା ବାସ୍ତବରେ କାର୍ଯ୍ୟକାରୀ ହେଉନାହିଁ । ବିଶେଷ କରି ମତ୍ସଜୀବୀଙ୍କ ଜୀବିକାର କେନ୍ଦ୍ରସ୍ଥଳୀ ହେଉଛି ନଦୀ । ଏହି ନଦୀ ଯଦି ସୁରକ୍ଷିତ ନ ରହିବ ତାହେଲେ ସେମାନଙ୍କ ଜୀବିକା କିପରି ସୁରକ୍ଷିତ ରହିବ ବୋଲି ଗବେଷକଙ୍କ ମଧ୍ୟରେ ମତ ପ୍ରକାଶ ପାଉଛି । ଠିକ୍ ସେହିପରି ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ନୀଳାମ୍ବୁ ଚିଲିକାର ରୂପ ମଧ୍ୟ ବଦଳି ଯାଇଛି । ନଦୀନାଳରେ ଆସୁଥିବା ପଟୁମାଟି ଯୋଗୁଁ ଚିଲିକା ସଂକୁଚିତ ହୋଇଛି । ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ରାସାୟନିକ ପଦାର୍ଥରେ ଏହାର ଜଳ ପ୍ରଦୂଷିତ ହୋଇଛି । ପର୍ଯ୍ୟଟକଙ୍କ ବର୍ଜ୍ୟବସ୍ତୁ ଓ ଚିଙ୍ଗୁଡ଼ି ଘେରି ଜାଲ ଯୋଗୁଁ ପ୍ଲାଷ୍ଟିକ ପ୍ରଦୂଷଣର ମାତ୍ରା ବଢ଼ିଛି । ନଦୀ ଓ ନାଳ ପାଣି ମିଶୁଥିବାରୁ ଚିଲିକା ପାଣିର ଲବଣ ମାତ୍ରା କମିଛି । ଚିଲିକାରେ ଥିବା ବିଭିନ୍ନ ପ୍ରଜାତିର ମାଛ ଲୋପ ପାଉଥିବା ବେଳେ ପ୍ରାକୃତିକ ଭାବେ ବହୁଳ ମାତ୍ରାରେ ମିଳୁଥିବା କଙ୍କଡ଼ା ଆଗ ଭଳି ମିଳୁନାହିଁ । ପରିବେଶ ପରିବର୍ତ୍ତନ ଯୋଗୁଁ ୨ ଲକ୍ଷ ମତ୍ସ୍ୟଜୀବୀଙ୍କ ଭାତହାଣ୍ଡି କୁହାଯାଉଥିବା ଚିଲିକା ଆଜି ସଙ୍କଟରେ ।

*ଠିକ୍ ସେହିପରି ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ନୀଳାମ୍ବୁ ଚିଲିକାର ରୂପ ମଧ୍ୟ ବଦଳି ଯାଇଛି। ନଦୀନାଳରେ ଆସୁଥିବା ପଟୁମାଟି ଯୋଗୁଁ ଚିଲିକା ସଂକୁଚିତ ହୋଇଛି। ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ରାସାୟନିକ ପଦାର୍ଥରେ ଏହାର ଜଳ ପ୍ରଦୂଷିତ ହୋଇଛି। ପର୍ଯ୍ୟଟକଙ୍କ ବର୍ଜ୍ୟବସ୍ତୁ ଓ ଚିଙ୍ଗୁଡ଼ି ଘେରି ଜାଲ ଯୋଗୁଁ ପ୍ଲାଷ୍ଟିକ ପ୍ରଦୂଷଣର ମାତ୍ରା ବଢ଼ିଛି । ନଦୀ ଓ ନାଳ ପାଣି ମିଶୁଥିବାରୁ ଚିଲିକା ପାଣିର ଲବଣ ମାତ୍ରା କମିଛି। ଚିଲିକାରେ ଥିବା ବିଭିନ୍ନ ପ୍ରଜାତିର ମାଛ ଲୋପ ପାଉଥିବା ବେଳେ ପ୍ରାକୃତିକ ଭାବେ ବହୁଳ ମାତ୍ରାରେ ମିଳୁଥିବା କଙ୍କଡ଼ା ଆଗ ଭଳି ମିଳୁନାହିଁ। ପରିବେଶ ପରିବର୍ତ୍ତନ ଯୋଗୁଁ ୨ ଲକ୍ଷ ମତ୍ସ୍ୟଜୀବୀଙ୍କ ଭାତହାଣ୍ଡି କୁହାଯାଉଥିବା ଚିଲିକା ଆଜି ସଙ୍କଟରେ।*

ହେଲେ ଏସବୁ ସମସ୍ୟାର ସମାଧାନ ବାଟ ଆମ ପାଖରେ ରହିଛି । ବିଶେଷ କରି ହୀରାକୁଦ ନଦୀବନ୍ଧରେ ରହୁଥିବା ବିରଳ ପ୍ରଜାତିର ମାଛ ଓ ପକ୍ଷୀ କ୍ଷତିଗ୍ରସ୍ତ ହେଉଛନ୍ତି । ବୈଜ୍ଞାନିକ ଓ ବିଶେଷଜ୍ଞଙ୍କ ମତରେ ହୀରାକୁଦ ଉପର ମୁଣ୍ଡରୁ ବର୍ଷା ଜଳ ସହ ମାଟି ଜଳଭଣ୍ଡାରରେ ପ୍ରବେଶ କରୁଥିବା ଓ ନିୟମିତ ଏହି ମାଟି କଢ଼ା ଯାଉନଥିବାରୁ ଜଳଭଣ୍ଡାର ପାଇଁ ବିପଦ । ଏହା ସହିତ ଉପର ମୁଣ୍ଡରେ ମାଛ ମାରିବା ପାଇଁ ରାସାୟନିକ ପଦାର୍ଥ ଓ ଡ଼ିନାମାଇଟର ପ୍ରୟୋଗ ଜଳଚର ଜୀବଙ୍କ ପ୍ରତି ବିପଦ ଦେଖାଦେଇଛି । ଏଥିପ୍ରତି ସରକାର ବିଶେଷ ଧ୍ୟାନ ଦେବାର ସମୟ ଆସିଛି ।

ପୂର୍ବରୁ ଚିଲିକାର କ୍ଷେତ୍ରଫଳ ୧୧୬୫ ବର୍ଗ କିଲୋମିଟର ରହିଥିବା ଏବେ ଏହା ସଙ୍କୁଚିତ ହୋଇ ୯୦୦ ବର୍ଗ କିଲୋମିଟର ଭିତରେ ରହିଥିବା କୁହାଯାଉଛି । ଜଳବାୟୁ ପରିବର୍ତ୍ତନ ସହ ଚିଲିକାର ବି ପରିବର୍ତ୍ତନ ହୋଇଛି। ବଙ୍ଗୋସାଗରରେ ସୃଷ୍ଟି ହେଉଥିବା ବାତ୍ୟା ଚିଲିକାରେ ଲ୍ୟାଣ୍ଡଫଲ୍ କରିବା ପରେ ଏହା ଉପରେ ବେଶ ପ୍ରଭାବ ପଡ଼ିଛି । ଉଭୟ ସମୁଦ୍ରର ଲୁଣି ପାଣି ଓ ନଦୀନାଳର ମଧୁର ପାଣି ମିଶି ଚିଲିକା ପାଣିର ଲବଣତା ନିୟନ୍ତ୍ରଣ ହେଉଥିଲା। ଲବଣତା ନିୟନ୍ତ୍ରଣ ଯୋଗୁଁ ଚିଲିକାରେ ୩ଶହରୁ ଅଧିକ ପ୍ରଜାତିର ମାଛ ମିଳୁଥିଲା। ଏହା ଉପରେ ନିର୍ଭର କରି ୨ଲକ୍ଷ ମତ୍ସ୍ୟଜୀବୀ ଓ ଅଣ ମତ୍ସ୍ୟଜୀବୀ ପରିବାର ଜୀବିକା ନିର୍ବାହ କରୁଥିଲେ । ହେଲେ ଚିଲିକା ସଙ୍କୁଚିତ ହେବା ଫଳରେ ୨ଲକ୍ଷ ମତ୍ସ୍ୟଜୀବୀଙ୍କ ଜୀବିକା ସଙ୍କଟରେ ପଡ଼ିଲାଣି । ତଥାପି ଚଳିତବର୍ଷ ଚିଲିକାକୁ ୨୮ ଲକ୍ଷ ବିଦେଶାଗତ ପକ୍ଷୀ ଆସିଥିବା ବେଳେ ୧୫୯ ଡଲଫିନ୍ ଅଛନ୍ତି । ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ସଙ୍କଟରେ ଚିଲିକା ଥିବା ପରିବେଶବିତମାନେ କ୍ଷୋଭ ପ୍ରକାଶ କରୁଛନ୍ତି ।

**ସମୟ ସହ–ସମ୍ପାଦକ**
**ମୋ–୯୪୩୭୧୫୦୬୩୨**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪ ଲକ୍ଷ...

ଧୀରେ ଧୀରେ କମୁଥିବାର କେନ୍ଦ୍ରୀୟ ଜଳ ଆୟୋଗ ସୂଚନା ଦେଇଛନ୍ତି । ସପ୍ତାହ ପରେ ସୁବର୍ଣ୍ଣରେଖା ରେ ପୁଣି ଏକ ବନ୍ୟା ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ଜନଜୀବନକୁ ଦୁର୍ବିସହ କରିଥିବାବେଳେ ଉତ୍ତର ବାଲେଶ୍ୱରର ୪ ବ୍ଲକର ଶତାଧିକ ଗାଁର ଲକ୍ଷାଧିକ ଲୋକେ ଜଳବନ୍ଦୀ ହୋଇଛନ୍ତି । ଭୋଗରାଇ ବ୍ଲକର ୧ ୬, ବାଲିଆପାଳବ୍ଲକର ୧ ୦,ଜଳେଶ୍ୱର ବ୍ଲକ ୧ ୨, ବସ୍ତା ବ୍ଲକର ୬ ପଞ୍ଚାୟତ ସହିତ ମୟୁରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ଓ ସାରସକଣା ପଞ୍ଚାୟତ ସୁବର୍ଣ୍ଣରେଖା ବନ୍ୟାରେ ଲୋକେ ପ୍ରଭାବିତ ହୋଇଛନ୍ତି । ଭୋଗରାଇବ୍ଲକର ମନୁନଗର, କୁହ୍ଲା, କୁମ୍ଭୀରଗ ମାଟିଖଣା, ନାନକାର, ଖଳାବାଡିଆ, ରସଲପୁର, ସନ୍ତୋଷପୁର, ଗବଗାଁଚିରକୁଳା, ନୀଳପୁରା ପ୍ରଭୃତି ଗାଁ ଗୁଡିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବାବେଳେ ବାଲିଆପାଳ ବ୍ଲକର ବଡାପାଳ, କୁଦମାନସିଂ, ବିଷ୍ଣୁପୁର, କୁହ୍ଲା ଚଢ଼, ପ୍ରଭୃତି ଗାଁ ଗୁଡିକ ଜଳବନ୍ଦୀ ହୋଇଛନ୍ତି । ଗୋଟିଏ ଗାଁରୁ ଅନ୍ୟ ଗାଁ କୁ ଯିବାପାଇଁ ଡ଼ଙ୍ଗା ଏକମାତ୍ର ସାହା ପାଲଟିଛି । ବନ୍ୟାଞ୍ଚଳର ମୁଖ୍ୟ ରାସ୍ତା ଗୁଡିକ ବୁଡ଼ିଯାଇ କେଉଁଠି ଅକାତକାତ ପାଣିର ସ୍ରୋତ ଛୁଟୁଛି । ଭୋଗରାଇ ଓ ବାଲିଆପାଳ ବ୍ଲକରେ ତଳିଆ ଅଞ୍ଚଳରେ ବନ୍ୟାପାଣି ର ଲହଡି ଭାଙ୍ଗୁଥିବାରୁ ଲୋକେ ଭୟଭୀତ ହୋଇଛନ୍ତି । ଆର ଡି ସି ବି ପରମେଶ୍ୱର, ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଏ ଡ଼ି ଏମ (ସାଧାରଣ ) ସୁଧାକର ନାୟକ, ଏ ଡ଼ି ଏମ (ରାଜସ୍ୱ ) ହେମନ୍ତ ସିଂ, ୪ ବ୍ଲକର ବିଡ଼ିଓ, ତହସିଲଦାର, ପଞ୍ଚାୟତ ସମିତି ଅଧକ୍ଷ,ସେଚ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଳିକ,ଏସପି ରାଜପ୍ରସାଦ ସହ ବହୁ ବରିଷ୍ଠ ଅଧିକାରୀମାନେ ସୋମବାର ପୂର୍ବାହ୍ନରେ ବନ୍ୟାଞ୍ଚଳ ଅନୁଧ୍ୟାନକରି ବନଭାସି ଲୋକଙ୍କ ସହିତ ସମସ୍ୟା ପଚାରି ବୁଝିଛନ୍ତି। ବନ୍ୟାରେ କେହି ଭୟଭୀତ ନହୋଇ ସୁରକ୍ଷା ସ୍ଥାନକୁ ଚାଲିଯିବାକୁ ଜିଲାପାଳ ପରାମର୍ଶ ଦେଇଥିବାବେଳେ ଯୁଦ୍ଧ କାଳୀନ ଭିତ୍ତିରେ ଶୁଖିଲାଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ବିଦ୍ୟୁତ ସେବା ଓ ଗୋଖାଦ୍ୟର ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ପ୍ରକାଶ କରିଛନ୍ତି ।

## ବନ୍ୟା...

ସ୍ଥାନାନ୍ତର କରାଯାଇଛି । ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଚିକିତ୍ସା ସହାୟତା ଏବଂ ଅନ୍ୟାନ୍ୟ ମୌଳିକ ସୁବିଧାର ବ୍ୟବସ୍ଥା ସହିତ ଅସ୍ଥାୟୀ ଆଶ୍ରୟସ୍ଥଳ ପ୍ରତିଷ୍ଠା କରାଯାଇଛି । ଶିଶୁ, ମହିଳା ଏବଂ ବୃଦ୍ଧଙ୍କ ଭଳି ଦୁର୍ବଳ ଗୋଷ୍ଠୀମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି ।

ସୁବର୍ଣ୍ଣରେଖା ଓ ବୁଢାବଳଙ୍ଗ ଭଳି ପ୍ରମୁଖ ନଦୀର ଜଳସ୍ତର ଉପରେ କଡ଼ା ନଜର ରଖାଯାଇଛି । ସମ୍ବେଦନଶୀଳ ଅଞ୍ଚଳ ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଝାଡ଼ଖଣ୍ଡ ଏବଂ ପଡ଼ୋଶୀ ଅଞ୍ଚଳରୁ ପାଣି ଆସିବାର ଆଶା କରାଯାଉଛି । ଆବଶ୍ୟକୀୟ ସତର୍କତା ଗ୍ରହଣ କରାଯାଇଛି । ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ୍ ଫୋର୍ସ (ଓଡ୍ରାଫ) ଏବଂ ଅଗ୍ନିଶମ ସେବା ସମେତ ଉଦ୍ଧାର ଏବଂ ରିଲିଫ୍ ଦଳ ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି ।

କେନ୍ଦୁଝର, ବାଲେଶ୍ୱର ଏବଂ ମୟୂରଭଞ୍ଜର ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଓଡ୍ରାଫ୍ ଦଳଗୁଡ଼ିକୁ ନିୟୋଜିତ କରାଯାଇଛି । ବାଲେଶ୍ୱର ଜିଲ୍ଲାକୁ ଦୁଇଟି ଅତିରିକ୍ତ ଓଡ୍ରାଫ୍ ଦଳ ପଠାଯାଇଛି । ଜଳବନ୍ଦୀ ଗ୍ରାମଗୁଡ଼ିକରେ ଅଗ୍ନିଶମ ସେବା କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ୟକ୍ତିଗତ ଭାବରେ ପରିସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ପ୍ରତି ଘଣ୍ଟାରେ ଅପଡେଟ୍ ଗ୍ରହଣ କରୁଛନ୍ତି ।

ଜିଲ୍ଲାପାଳ ଓ ସ୍ଥାନୀୟ ପ୍ରଶାସନ ସହିତ ନିରନ୍ତର ଯୋଗାଯୋଗରେ ଅଛୁ । ଆବଶ୍ୟକ ହେଲେ ଅତିରିକ୍ତ ଏନଡିଆରଏଫ ଦଳ ନିୟୋଜିତ କରାଯିବ । ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁଛ ଆମେ ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଅନୁରୋଧ କରୁଛୁ । ଏହି ସଙ୍କଟ ସମୟରେ ରାଜ୍ୟ ସରକାର ସମସ୍ତ ପ୍ରକାରର ସହାୟତା ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ । ଏହି ବୈଠକରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂହଙ୍କ ଉପସ୍ଥିତ ଥିଲେ ।

## ଅନୁଗର୍ଗଙ୍କ...

ପୁରୀ ଜିଲ୍ଲାପାଳ ଓ ଏସପିଙ୍କୁ ଜବାବ ତଲବ କରିଛନ୍ତି କମିଶନ । ଆହତଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବାକି ରଥଯାତ୍ରା ସଠିକ୍ ଢଙ୍ଗରେ ସମାପନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଦୁଇ...

ଆଜି ପୂର୍ବାହ୍ନ ପ୍ରାୟ ୧୨ଟା ସମୟରେ ଡିଭିଏଫ୍ ଯବାନ ଏବଂ ନକ୍ସଲମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏହି ଗୁଳି ବିନିମୟରେ ମଙ୍କୁ ଏବଂ ଚନ୍ଦନଙ୍କ ମୃତ୍ୟୁ ଘଟିଥିଲା । ପୋଲିସ ଉଭୟଙ୍କ ମୃତ ଦେହ ଜବତ କରିବା ସହ ସମ୍ପୃକ୍ତ ଅଞ୍ଚଳରେ ଅପେରସନ ଜୋରଦାର କରିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଏହି ସଫଳତା ପାଇଁ କନ୍ଧମାଳ ଜିଲ୍ଲା ଏସପି ହରିଶ ବି. ସି. ଏବଂ ଡିଭିଏଫ୍ ଟିମକୁ ଶୁଭେଚ୍ଛା ଜଣାଇଛନ୍ତି ।

## ବିଏମସି...

ସାଂସଦ ଅପରାଜିତା ଷଡଙ୍ଗୀ ମଧ୍ୟ ନିନ୍ଦା କରିଛନ୍ତି । ସୋମବାର ପୂର୍ବାହ୍ନରେ ଅତିରିକ୍ତ କମିଶନର ରତ୍ନାକର ସାହୁ ଅଫିସ୍‌ରେ ଜନଶୁଣାଣି କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ୪/୫ଜଣ ପହଞ୍ଚିଥିଲେ । ତାଙ୍କ ସହ କର୍ପୋରେଟର ଜୀବନ ରାଉତ ମଧ୍ୟ ଥିଲେ । ଜୀବନ ଅତିରିକ୍ତ କମିଶନରଙ୍କୁ ପଚାରିଥିଲେ ଯେ, ଆପଣ ଜଗନ୍ନାଥ ପ୍ରଧାନ (ଜଗାଭାଇ)ଙ୍କୁ କିଛି କହିଛନ୍ତି କି ? ସେ ଉତ୍ତର ଦେବା ପୂର୍ବରୁ ଜୀବନଙ୍କ ସହ ଥିବା ଯୁବକମାନେ ତାଙ୍କୁ ନିସ୍ତୁକ ମାଡ ମାରିଥିଲେ । ଏପରିକି ତାଙ୍କ ଗୋଡକୁ ଧରି ଘୋଷାରି ଘୋଷାରି ନେବା ସହ ମୁହଁକୁ ଗୋଇଠା ମାରୁଥିବା ସିସିଟିଭି ଫୁଟେଜରୁ ଜଣାପଡିଛି । ଘଟଣା ସମୟରେ ମେୟର ସୁଲୋଚନା ଦାସ ତାଙ୍କ ଅଫିସ୍‌ରେ କାର୍ଯ୍ୟରେ ବ୍ୟସ୍ତ ଥିଲେ । ବାହାରେ ପାଟିତୁଣ୍ଡ ଶୁଭିବାରୁ ସେ ଅଫିସ୍ ବାହାରକୁ ଆସି ଦେଖିଥିଲେ ଯେ, ଅତିରିକ୍ତ କମିଶନରଙ୍କୁ ଘୋଷାଡି ଘୋଷାଡି ନେଉଛନ୍ତି । ମେୟର ଓ କେତେକ ମହିଳା ବିଜେଡି କର୍ପୋରେଟର ଆକ୍ରମଣକାରୀ ଯୁବକମାନଙ୍କୁ ପ୍ରତିବାଦରୁ କରିବାରୁ ସେମାନେ ତାଙ୍କୁ ଦୁର୍ବ୍ୟବହାର କରି ପେଲାଠେଲା କରିଥିବା କହିଛନ୍ତି । ଅତିରିକ୍ତ କମିଶନର ତାଙ୍କ ଏତଲାରେ କହିଛନ୍ତି ଯେ, ଆକ୍ରମଣକାରୀମାନେ ଜଗା ପ୍ରଧାନଙ୍କୁ ଭୁଲ୍ ମାଗିବାକୁ କହିବା ସହ ମୋତେ ମରଣାନ୍ତକ ଆକ୍ରମଣ କରିଛନ୍ତି । ଆକ୍ରମଣକାରୀମାନେ ଯେଉଁଭଳି ମୋତେ ଆକ୍ରମଣ କଲେ ତାହା ଜୀବନରୁ ମାରିଦେବା ଉଦ୍ଦେଶ୍ୟ ଥିଲା । ସେମାନେ ବାରମ୍ବାର ଜଗନ୍ନାଥ ପ୍ରଧାନଙ୍କ କଥା କହୁଥିଲେ ବୋଲି ରତ୍ନାକର ସାହୁ କହିଛନ୍ତି । ଜଗନ୍ନାଥ ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି ଯେ, ଯେଉଁ ଆକ୍ରମଣ ହୋଇଛି, ତାହା ଠିକ୍ ନୁହେଁ, ହେଲେ ଅଫିସ୍ ଭିତରେ ଆକ୍ରମଣ କରାଯାଇଛି । ଆକ୍ରମଣକାରୀଙ୍କ ମଧ୍ୟରୁ ମୁଁ ୨/୩ଜଣଙ୍କୁ ଜାଣିଛି ଓ ପୋଲିସ ସହ ସେମାନଙ୍କୁ ଗିରଫ କରିବା ପାଇଁ । ଏହି ଆକ୍ରମଣରେ ମୋର କୌଣସି ସମ୍ପୃକ୍ତି ନାହିଁ । କାର୍ଯ୍ୟରତ ଅଫିସରଙ୍କୁ ଅଫିସ୍ ଭିତରେ ଆକ୍ରମଣ ଘଟଣାକୁ ସବୁ ମହଲରୁ ନିନ୍ଦା ହେଉଛି ।

ପୋଲିସ ୩ଜଣଙ୍କୁ ଗିରଫ କରିବା ସହ ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରୁଛି । ଗିରଫ ୩ଜଣଙ୍କୁ ୩୦୩/୧୩୨/୧୨୧ (୧)/୧୨୧ (୨)/୧୦୯/୩୫୧(୨)/୬୨/୧୪୦(୨)/୩୦୪/୫୪/୬୧(୨)/୧୮ ୯(୨)/୧ ୯୦/୩(୫) ବିଏନ୍‌ଏସ୍ ଦଫାରେ କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି । ପୋଲିସ କହିବାନୁଯାୟୀ ଏତଲା ଅନୁଯାୟୀ ତଦନ୍ତ ସଠିକ୍ ଭାବେ କରାଯିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ ଦଫା ଲାଗୁ କରାଯାଉଛି ।

## ମୃତିକା...

ଭିଜିଲାନ୍ସ କହିଛି । ସେହି ଫାର୍ମ ହାଉସ୍‌ର ମୂଲ୍ୟ ୧କୋଟି ଟଙ୍କା ହେବ ବୋଲି ଭିଜିଲାନ୍ସ ଆକଳନ କରିଛି । ନବରଙ୍ଗପୁରରେ ଥିବା ୬ଏକର ଫାର୍ମ ହାଉସ୍‌ର ମୂଲ୍ୟ ୩୪ଲକ୍ଷ ଟଙ୍କା ହେବ ବୋଲି ଚଢାଉ କରିଥିବା ଟିମ୍ ଆକଳନ କରିଛି । ଭବାନୀପାଟଣା ସହର ନିକଟରେ ୧୧ଏକର ଜମି ଠାବ କରାଯାଇଛି । ୫୮ ଲକ୍ଷ ବ୍ୟାଙ୍କ ଜମା ସହ ଅନ୍ୟ ଜମା ବିଷୟରେ ତଦନ୍ତ ଶେଷ ହେଲେ ଜଣାପଡିବ ବୋଲି ଭିଜିଲାନ୍ସ କହିଛି । ଗୋଟିଏ କାର୍, ଗହଣା ପ୍ରଭୃତି ଠାବ ହୋଇଥିବା ବେଳେ ତଦନ୍ତ ଜାରି ରହିଥିବାରୁ ଆହୁରି ଅଧିକ ସ୍ଥାବର ଅସ୍ଥାବର ସମ୍ପତ୍ତି ଭିଜିଲାନ୍ସ କହିଛି । ଠାବ ହୋଇଥିବା ଗହଣାର ଓଜନ ୩୧୨ ଗ୍ରାମ୍ । ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗ୍‌କୁ ଭିଜିଲାନ୍ସ ନିଜ ହେପାଜତକୁ ନେଇ ପଚରାଉଚରା କରୁଛି । ଠାବ ହୋଇଥିବା ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ କେତେହେବ ଟେକ୍ନିକାଲ ଟିମ୍ ଆକଳନ କରିବା ପରେ ଜଣାପଡିବ ବୋଲି ଭିଜିଲାନ୍ସ କହିଛି ।

## ଜୁଲାଇରେ...

ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲକୁ ଆଜି ପାଇଁ ଛୁଟି ଘୋଷଣା କରିଛନ୍ତି ମୟୂରଭଞ୍ଜ ଜିଲ୍ଲାପାଳ । ଏହାବ୍ୟତୀତ ଜିଲ୍ଲାରେ ୩ ଦିନ ବନ୍ଦ ରହିବ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ।

ସୂଚନାଯୋଗ୍ୟ, ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ଲଘୁଚାପ କ୍ଷେତ୍ର ଯୋଗୁଁ ୪ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି । ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ବାଲେଶ୍ୱରକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ଲଘୁଚାପ ଜନିତ ଲଗାଣ ବର୍ଷା କାରଣରୁ ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା ଆଶଙ୍କା ବୃଦ୍ଧି ପାଇଛି । ୩ ପ୍ରମୁଖ ନଦୀ ସୁବର୍ଣ୍ଣରେଖା, ବୁଢାବଳଙ୍ଗ ଓ ଜଳକା ଫୁଲୁଥିବା ବେଳେ ରାଜଘାଟରେ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି ସୁବର୍ଣ୍ଣରେଖା ।

# ମିର୍ଦ୍ଧା ଟପୋ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ

ଭୁବନେଶ୍ୱର (ସବ୍ୟୁ) : ବରିଷ୍ଠ ଓଏଏସ୍ ଅଫିସର ମିର୍ଦ୍ଧା ଟପୋଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ସେ ପୂର୍ବରୁ କେନ୍ଦୁଝର ଜିଲ୍ଲାର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ଶ୍ରୀ ଟପୋ ଆଜି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ସେ ମଧ୍ୟ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନିର୍ବାଚନମଣ୍ଡଳୀରେ ବିଡିଓ ସହ ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଛନ୍ତି। ପୂର୍ବରୁ ଚଳିତ ବର୍ଷ ଜାନୁଆରୀରେ କେନ୍ଦୁଝରର ଅତିରିକ୍ତ ଜିଲ୍ଲାପାଳ ଓଏଏସ୍ ଆଲୋକ କୁମାର ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଓ ମାର୍ଚ୍ଚ ମାସରେ କେନ୍ଦୁଝର ବାଂଶପାଳ ତହସିଲଦାର କୌସିକ୍ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଓଏସଡି ଭାବେ ବଦଳି କରାଯାଇଥିଲା ।

# ନୀଳାଚଳ ପରିବାର , ଆୟୁଷ୍ମାନ ଫାଉଣ୍ଡେସନର ଭକ୍ତଙ୍କୁ ଜଳ ବଣ୍ଟନ

ଖଇରା,(ସବ୍ୟୁ): ରିଆନା ଗୁରୁଗ୍ରାମସ୍ଥିତ ସେକଫର୧୮ ସ୍ଥିତ ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଭକ୍ତଙ୍କର ପ୍ରବଳ ଭୀଡ ଓ ଗୁଳୁଗୁଳିକୁ ଦୃଷ୍ଟିରେ ଦିଲ୍ଲୀର ୨ଓଡିଆ ସାମାଜିକ ସଙ୍ଗଠନ ନିଳାଚଳ ପରିବାର ଓ ଆୟୁଷ୍ମାନ ଫାଉଣ୍ଡେସନ ତରଫରୁ ଘୋଳ ଦହି ସର୍ବତ ଓ ପାନୀୟ ଜଳ ବୋତଲ ବଣ୍ଟନ କରାଯାଇଥିଲା। ସଙ୍ଗଠନର ସଦସ୍ୟମାନେ ମଧ୍ୟାହ୍ନ ୧୨ ଟାରୁ ସଂଧ୍ୟା ୮ଟା ପର୍ଯ୍ୟନ୍ତ ଏହି ସେବା ପ୍ରଦାନ କରିଥିଲେ। ନିଳାଚଳ ପରିବାରର ସଭାପତି ବିପ୍ଳବ କୁମାର ପଣ୍ଡା,ସମ୍ପାଦକ ଜୟଦେବ ପତି,ଉପସଭାପତି ବିଶ୍ୱରଞ୍ଜନ ସାହୁ ଓ କୋଷାଧକ୍ଷ ବିଜୟ ରାଉତ ତଥା ଆୟୁଷ୍ମାନ ଫାଉଣ୍ଡେସନର ସତ୍ୟଶିବ ନାୟକ,ଶରତ କୁମାର,ବିକାଶ ସ୍ୱାଇଁ,ସୁଶାନ୍ତ ମଲ୍ଲିକ,ନନ୍ଦ କିଶୋର ସାମନ୍ତ,ପ୍ରଶାନ୍ତ ପଣ୍ଡା,ରାଜକିଶୋର ପଣ୍ଡା,ନିର୍ମାଲ୍ୟ ଦାସ,ରାଜକିଶୋର ପଣ୍ଡା,ନିର୍ମାଲ୍ୟ ଦାସ,ସତ୍ୟଶିବ ପାତ୍ର,ଉତ୍କଳକେଶରୀ ପଣ୍ଡା,ରବିନ୍ଦ୍ର ସ୍ୱାଇଁ,ବାପି ନାୟକ ପ୍ରମୁଖଙ୍କ ସହଯୋଗରେ ଏହି ମହତ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା।

### ଦ.ପୂ. ରେଳପଥ-ଟେଣ୍ଡର

**ଟେଣ୍ଡର ନୋଟିସ ନଂ. ସିକେପି-ସାଉଥ-୨୫-୨୬-୦୪ ।** ଡିଭିଜନାଲ ରେଳବାଇ ମ୍ୟାନେଜର (ଇଞ୍ଜିନିୟରିଂ) ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓପନ ଟେଣ୍ଡର ଲାଗି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । **କାର୍ଯ୍ୟର ନାମ :** ସିନିୟର ଡିଇଏନ (ସାଉଥ) / ଚକ୍ରଧରପୁର (୪ର୍ଥ କଲ) ଙ୍କ ଅଧୀନରେ ଥିବା ରାଜଖରସୁଆଁ, ପାଦପାହାଡ଼, ପାଦପାହାଡ-ଜାରୋଲି, ପାଦପାହାଡ, ବଲାଣିଖାଦାନ ସେକ୍ସନରେ ୨୫.୬୩୭ କି.ମି ପାଇଁ ନୂଆ ୬୦ କେଜି ୯୦ ୟୁଟିଏସ୍ / ଆର ୨୬୦ ରେଲ୍ (ଏଲଡବ୍ଲୁଆର) ସହିତ ପିଏସସି-୧୪ ସ୍ଲିପର ଉପରେ ବିଛାଯାଇଥିବା ୬୦ କେଜି ୯୦ ୟୁଟିଏସ୍ ରେଲ୍ ଆଦିର ଟିଏଫଆର ସହିତ ଥ୍ରୋ ରେଲ ନବୀକରଣ (ପ୍ରାଥମିକ) ର ବଳକା କାର୍ଯ୍ୟ । **ଟେଣ୍ଡର ମୂଲ୍ୟ :** ଟ. ୨,୨୧,୩୯,୬୩୭.୧୫ । **ଇଏମ୍‌ଡି :** ଟ. ୨,୬୦,୭୦୦/- । **ଟେଣ୍ଡର ଫର୍ମ ମୂଲ୍ୟ :** ୦ । **ଖୋଲା ତାରିଖ :** ୨୧.୦୭.୨୦୨୫ । ଟେଣ୍ଡର ୱେବସାଇଟ **http://www.ireps.gov.in** ରେ ଦେଖିବାକୁ ମିଳିପାରିବ । ଟେଣ୍ଡର ଦାତା / ବିଡରଙ୍କର କ୍ଲାସ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ ପୋର୍ଟାଲରେ ଅଧିନରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରୟୋଜନୀୟ କାଗଜପତ୍ର ଅପଲୋଡ୍ ହୋଇଥିବା ଆବଶ୍ୟକ । **ସୂଚନା :** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଇସ୍ୟୁ କରାଯିବ । (ଅଥରିଟୀ-ରେଳବାଇ ବୋର୍ଡର ପତ୍ରାଙ୍କ ନଂ. ୨୦୨୦/ ସିଇ-ଆଇ/ସିଟି/୩ଇ/ଜିସିସି/ପଲିସି ତାରିଖ : ୧୬.୦୭.୨୦୨୦)

(PR-332)

**GOVERNMENT OF ODISHA**
**OFFICE OF THE EXECUTIVE ENGINEER RURAL WORKS (ELECTRICAL) DIVISION, SAMBALPUR**
**At-Sakhipada, DIST : SAMBALPUR, Pin-768001**
**Email - eerwiectricaldivn.sambalpur@gmail.com**

**1st Corrigendum to EE/RWELECT/SBP/05/2025-26**

**No. 1927 Dated. 30.06.2025**

**Office Order**

**O-365 :** This is to certify that Bid Identification No. EE/RWELECT/SBP/05/ 2025-26 is hereby cancelled due to technical error.

**Sd/- Executive Engineer**
**R.W. Electrical Division, Sambalpur**

**OIPR : 34175/11/0009/2526**

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**
**"e" Procurement Notice for Road Work**

By E_Mail/e-Despatch
E_MailID :serw balasore&vahoo.in
Ph-No-06782/260318
Balia,Balasore

**O-364**

**Identification No.- Online Tender- Road N.C.B. No. 14 for 2025-26**
**Letter No. 2176 Date. 25.06.2025**

1. Name of the work : SDMF Road
2. Total No. of Work : 06 Nos. of work.
3. Estimated Cost : As per annexure
4. Eligible Class of Contractor : As per annexure.
5. Period of Completion : As per annexure.

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle,Balasore | NCB No.-14 of 2025-26 | 03.07.2025 at 11.00 A.M | 17.07.2025 Up to 5.00 P.M. | 16.07.2025 Up to 5.00 P.M. | 18.07.2025 at 11.00 A.M. | Will be intimated later |

• Further details can be seen from the website : **www.tendersodisha.gov.in**

**OIPR : 25105/11/0060/2526**

**Sd/- Chief Construction Engineer, R.W. Circle, Balasore**

**OFFICE OF THE CHIEF CONSTRUCTIN ENGINEER**
**RURAL WORKS CIRCLE, BARIPADA**

By E-Mail-Despatch
E_Mail ID : serwcbaripada@gmail.com
Ph-No-06792-261343/261344
Gangraj,Baripada

**Office Order No.2697/ Dt. 26.6.25**

**O-357**

**1st Corrigendum to National Competitive Bidding e-Procurement Notice**
**No. 26220/ Bridge works, dt. 18.06.2025 (NCB No.378).**

| Procurement Officer | Bid Identification No. | Availability of tender On-line for bidding | | | | Last date & Time of seeking Tender Clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|---|---|
| | | From | | To | | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| Chief Construction Engineer Rural Works Circle, Baripada | Bridge Online N.C.B. No-378 | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to |
| | | 21.06.2025 at 11.00 am | 11.07.2025 At 11.00 am | 05.07.2025 up to 5.00 pm | 25.07.2025 up to 5.00 pm | 04.07.2025 up to 5.00 pm | 24.07.2025 up to 5.00 pm | 07.07.2025 up to 11.00 am | 28.07.2025 up to 11.00 am | Will be intimated later | Will be intimated later |

**The Tender Call Notice vide NCB No. 378 is being amended to the above extent through this 1st corrigendum. All other terms and conditions are remain unchanged.**

**Sd/- Chief Construction Engineer,**
**R.W. Circle, Baripada**

**OIPR : 25130/11/0036/2526**

OFFICE OF THE SUPERINTENDING ENGINEER, : RWS&S DIVISION, BHUBANESWAR.
E-Mail: eebbsrrwss@gmail.com

**QUOTATION CALL NOTICE No. 12 of 2025-26**

**O-360 :** Superintending Engineer, RWS&S Division, Bhubaneswar on behalf of the Governor of Odisha invites sealed quotations from interested reputed Travel Agencies / Tour Operators / individuals for providing One No. of vehicle (Tiago/ Bolt/ celerio/ Equivalent etc) having seating capacity 5 Nos. including Driver which shall confirm to the Terms and Conditions (Appendix-A) for official use in O/o Engineer-in-Chief, RWS&S (0), Bhubaneswar on monthly rent basis as per the following details.

| Sl. No. | Nature of work | Hiring of Vehicle for Office use of the Superintending Engineer, RWS&S Division, Bhubaneswar |
|---|---|---|
| 1. | No. of works | 01 (One) |
| 2, | Time of Deployment | Three Years |
| 3. | Cost of bidding document | Rs. 1000/- |
| 4. | Class of Contractors eligible | Reputed Travel Agencies / Tour Operators / Private individuals |
| 5. | Availability of bids in the office Superintending Engineer, RWS&S Division, Bhubaneswar | From dt. 05.07.2025 (11.00 AM) to dt. 15.07.2025 (1.00 PM) |
| 6. | Last date and time of submission of Quotation papers in the Quotation box kept in the Office of the Superintending Engineer, RWS&S Division, Bhubaneswar. | Dt. 15.07.2025 (4.00 P.M.) |
| 7. | Date & Time of opening of bids | On dt. 16.07.2025 11.00 AM) in the Office of the Superintending Engineer, RWS&S Division, BBSR |

Subseqent corrigendum if any any shall display in the Office Notice Board.

**Sd/- Executive Engineer,**
**RWS&S Division, Bhubaneswar**

**OIPR : 25011/11/0023/2526**

**OFFICE OF THE SUPERINTENDING ENGINEER: RWSS DIVISION:BERHAMPUR**
**Near JaradaBunglow, Pin - 760004, Ph. 0680-2296344**
**eerwss bam@nic.in rwssbam@gmail.com**
**Government of Odisha "e" Procurement Notice**
**NATIONAL COMPETITIVE BIDDING**
**Bid Identification No. EERWSSBAM- 06/2025-26**

**O-349 :** The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites bids in Single Cover & Double cover system according to the norm of "e" Procurement system in online mode for Supply, drawing, design, construction, testing and commissioning and maintenance of different PWS Schemes in Ganjam District from the eligible contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District. |
| 2 | No of Work (Tender) | 04 Nos. |
| 3 | Estimated cost (Approximate) | From Rs 11.63 Lakhs to Rs 53.72 Lakhs |
| 4 | Period of completion | From 120 to 180 days |
| 5 | Date & Time of availability of bid document in the Portal. | From 02 -07-2025 atl 1.00 hrs to 13-07-2025 upto 17.00 hrs |
| 6 | Last date & time for seeking clarification | 11-07-2025 up to 17.00 hrs |
| 7 | Dt. of opening of Bid | 14-07-2025 at 11.00 hrs |
| 8 | Last date / Time for receipt of bids in the Portal | 13-07-2025 upto 17.00 hrs |
| 9 | Name & address of the Officer inviting tender. | Superintending Engineer, RWSS Division, Near Jarada Bunglow, Berhampur-760004, Dist. Ganjam. Odisha. |

Further details can be seen from the e-procurement portal **https://tendersorissa.gov.in**

**Sd/- Superintending Engineer**
**RWS&S Division, Berhampur**

**OIPR : 25035/11/0021/2526**

# ସମ୍ଭାବନା ସାହିତ୍ୟ ସଂସଦର ସାହିତ୍ୟ ଆସର

ଭଦ୍ରକ,(ସବ୍ୟୁ): ସମ୍ଭାବନା ସାହିତ୍ୟସଂସଦ ମାସିକ ସାହିତ୍ୟ ଆସର ରବିବାର ଦିନ ଭାଗବତ କଲ୍ୟାଣ ମଣ୍ଡପ ଠାରେ ପାଳନ କରି ସାରିଛି । ଏହି ଆସରକୁ ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଗାଳ୍ପିକ ତଥା ପୂର୍ବତନ ଅଧକ୍ଷ୍ୟ ପବିତ୍ର ପାଣିଗ୍ରାହୀ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲା ବେଳେ ଅତିଥିଭାବେ ଯୋଗ ଦେଇଥିଲେ ଶିଶୁ ସାହିତିଯକ ଇଂ.ଅଭୟ ସୁତାର । ସମୀକ୍ଷକ ଭାବେ ଯୋଗଦେଇଥିଲେ ପାଳିଆବିନ୍ଧା କଲେଜର ଅଧ୍ୟାପକ ଡ଼.ବିଶ୍ୱରଂଜନ ଦାସ । ସମ୍ଭାବନାର ନୂଆ ସ୍ୱର ଭାବେ ଦୁଇ ନୂତନ ବିସ୍ମରଣ ସୁଶ୍ରୀ ବିଲାସିନୀ ମହୁରୀ ଓ ସସ୍ମିତା ସାହୁ ନୂଆନୂଆ କବିତାକୁ ଭଲ ପାଉଥିବା ନୂତନ କବୟିତ୍ରୀଦ୍ୱୟ ସେମାନଙ୍କ ସ୍ୱରଚିତ କବିତା ପଠା କରିଥିଲେ । ସମ୍ଭାବନାର କାଯ୍ୟକାରୀ ସମ୍ପାଦକ ଯୁବ କବି ଓ ଗୀତିକାର ଅରୂପାନନ୍ଦନାୟକ ସ୍ୱାଗତ ଭାଷଣ,ସମ୍ପାଦକ ରୁତୁରାଜ ଅକ୍ଷୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପୂଜ୍ୟାପୂଜା ସଂସଦର ଯୁବ ସମ୍ପାଦକ ରୂପକ ବିହାରୀ ରାୟ ସମ୍ଭାବନାର ଏହି ଆସରକୁ ପୂର୍ଣ୍ଣ ସହଯୋଗ କରିଥିଲେ ।

### AFFIDAVIT

By virtue of an affidavit sworn before NOTARY PUBLIC SALIPUR on Dated 24th June 2025, I Mr. SAIKH FARZAN BUX S/O SAIKH KARIM BUX, Resident of Village : AT-KANPUR, POST-KOOD, DIST-CUTTACK, ODISHA, 754221, State : Odisha, I have changed my minor daughters name from "SAFIA PARWIN" to "SADIYAH PARWEEN". Henceforth, She shall be known as "SADIYAH PARWEEN" for all purposes.

**SAIKH FARZAN BUX**

### AFFIDAVIT

By virtue of an affidavit sworn before NOTARY PUBLIC SALIPUR on Dated 24th June 2025, I Mrs. MANI MURMU, W/O BUDHAN MURMU, Resident of Village : AT-GOPINATHPUR, POST-BHAIRPUR, DIST-CUTTACK, 754200, State : Odisha, I have changed my name from "PARBATI MAJHI" to "MANI MURMU". Henceforth, She shall be known as "MANI MURMU" for all purposes.

**MANI MURMU**

### ଦ.ପୂ. ରେଳପଥ-ଟେଣ୍ଡର

ସିନିୟର ଡିଭିଜନାଲ ଇଲେକଟ୍ରିକାଲ ଇଞ୍ଜିନିୟର (ଟିଆରଡି), ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିମ୍ନମତେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫ୍‌ର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । **କ୍ର.ନଂ. , ଟେଣ୍ଡର ନୋଟିସ ନଂ ଓ କାର୍ଯ୍ୟର ନାମ** ନିମ୍ନରେ ଦିଆଯାଇଛି : **୧. ସିକେପି-ଡି-୬୪୪-ଟିଆରଇଇ-ଟାଟା** । ଏଡିଇଇ/ଟିଆରଡି/ଟାଟାଙ୍କ ଅଧୀନସ୍ଥ ଓଏଚ୍‌ଇରେ ଏକ ବର୍ଷ ପାଇଁ ପଡିଥିବା ଓଏଚ୍‌ଇ/ ସମ୍ବେଦନଶୀଳ ଅଞ୍ଚଳରୁ ଯଥେଷ୍ଟ କ୍ଲିୟରାନ୍ସ ବଜାଇ ରଖିବା ପାଇଁ ଗଛ ଡାଳ ଗୁଡିକୁ କଟେଇ କରିବା । **ଟେଣ୍ଡର ମୂଲ୍ୟ :** ଟ. ୧୩,୮୬,୬୩୦/- । **ଇଏମ୍‌ଡି :** ଟ. ୨୭,୭୦୦/- । **୨. ସିକେପି-ଡି-୬୪୪-ଟ୍ରି-ବିଏନ୍‌ଡିଏମ୍** । ବର୍ଷକ ପାଇଁ ଏଡିଇଇ/ଟିଆରଡି/ବିଏମଡିଏମଙ୍କ କ୍ଷମତାରେ ଥିବା ଓଏଚଇ ଉପରେ ପକାଇବାକୁ ଓଏଚଇ / ସମ୍ବେଦନଶୀଳ ଇଲାକାରୁ ଯଥେଷ୍ଟ କ୍ଲିୟରାନ୍ସ ବଜାଇ ରଖିବାକୁ ଗଛ ଡାଳଗୁଡିକୁ କଟେଇ କରିବା । **ଟେଣ୍ଡର ମୂଲ୍ୟ :** ଟ. ୧୨,୫୪,୫୭୦/- । **ଇଏମ୍‌ଡି :** ଟ. ୨୫,୧୦୦/- । **୩. ବର୍ଷକ ପାଇଁ ଏଡିଇଇ/ଟିଆରଡି/ଡିପିଏସ୍‌ଙ୍କ** କ୍ଷମତା ଅଧୀନରେ ଥିବା ଓଏଚଇ ଉପରେ ପକାଇବାକୁ ଓଏଚଇ/ ସମ୍ବେଦନଶୀଳ ଇଲାକାରୁ ଯଥେଷ୍ଟ କ୍ଲିୟରାନ୍ସ ବଜାଇ ରଖିବାରେ ଗଛ ଡାଳଗୁଡିକୁ କଟେଇ କରିବା । **ଟେଣ୍ଡର ମୂଲ୍ୟ :** ଟ. ୬,୬୦,୩୦୦/- । **ଇଏମଡି :** ଟ. ୧୩,୨୦୦/- । **ସମାପ୍ତି ସମୟ :** ପ୍ରତ୍ୟେକଟି ପାଇଁ ୧୨ ମାସ । ଇ-ଟେଣ୍ଡର ଖୋଲା ସ୍ଥାନ ସିନିୟର ଡିଭିଜନାଲ ଇଲେକ୍‌ଟ୍ରିକାଲ ଇଞ୍ଜିନିୟର / ଟିଆରଡି/ଦକ୍ଷିଣ ପୂର୍ବ ରେଳପଥ । **ଟେଣ୍ଡର ବନ୍ଦ ତାରିଖ ଓ ସମୟ :** ପ୍ରତ୍ୟେକଟି ପାଇଁ ୨୩.୦୭.୨୦୨୫ ରିଖ ୧୫.୦୦ ଘଟିକା । ଟେଣ୍ଡର ଖୋଲା ତାରିଖ ଓ ସମୟ : ପ୍ରତ୍ୟେକଟି ପାଇଁ ୨୩.୦୭.୨୦୨୫ ରିଖ ୧୫.୩୦ ଘଟିକା । ୱେବସାଇଟ **http://www.ireps.gov.in** ରେ ଇ-ଟେଣ୍ଡର ଦେଖିପାରିବେ । ଟେଣ୍ଡର ଦାତା / ବିଡରଙ୍କର କ୍ଲାସ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ ପୋର୍ଟାଲରେ ଅଧିନରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରୟୋଜନୀୟ କାଗଜପତ୍ର ଅପଲୋଡ୍ ହୋଇଥିବା ଆବଶ୍ୟକ ।

(PR-330)

**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER**
**(TESTING & CALIBRATION, STANDARD TESTING LABORATORY)-CUM-ELECTRICAL INSPECTOR**
**PLOTNO.GD-2/7,MAITRIVIHAR, BHUBANESWAR-751023**
**E-Mail ID:sestl-od@gov.in,deistll-od@gov.in**

**Bid Identification No. 02 / A.C.E ( T& C, STL)/ 2025-26**

**No. STL/Tech-2/2025-26/ 1294/Dated Bhubaneswar, the 25.06.2025**

**AA-14 :** The Additional Chief Engineer (T&C,STL)-cum-E.I, Bhubaneswar on behalf of Governor of Odisha invites online bids in item rate contract basis from Equipment Manufacturers or their authorized distributors /dealers in double cover system for three nos of bids as detailed in e-procurement portal i.e. **http:// tendersodisha.gov.in.** The bid documents will be available from dt.07.07.2025 at 10A.M. to 28.07.2025 up to 5P.M. The bidder must possess compatible Digital signature certificate of class II or III. Bids received online shall be opened dt. 29.07.2025 in the office of the undersigned. Further details, addendum / corrigendum, if required, will be available only in the website.

**Sd/- Addl. Chief Engineer**
**(T&C,STL)-Cum-E.I.,**
**Bhubaneswar**

**OIPR : 04069/11/0004/2526**

-MM-

ଆମ ଶିମିଳିପାଳ ଆମ ଗର୍ବ

OUR SIMILIPAL OUR PRIDE

**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**
**AT-MATIAGARH CHHAKA, PO-K. JASHIPUR,**
**DIST-MAYURBHANJ, ODISHA-757091**
**Tel: - 06797-295030, Email- dfo.similipalnorthwl@odisha.gov.in / ddsimilipalnorth@gmail.com**

***Office Order No. 76 //. Dated 25.06.2025***

***02nd Corrigendum to Bid invited vide this Office Tender Call Notice No.1921, dtd.10.06.2025***

In pursuance to this Office Tender Call Notice No.1921, dtd.10.06.2025, only 02 bidders participated in the timeline of opening of technical bid for supply and installation of Solar High Mast Light. Therefore, the above tender for supply and installation of Solar High Mast Light is hereby rescheduled as follows.

| Sl No. As per Original TCN | Items | As per Original TCN | As per 01st Corrigendum to TCN & DTCN | As per 02nd Corrigendum to TCN & DTCN |
|---|---|---|---|---|
| 3. | Date & time of availability of tender document | From 13.06.2025 (during office time) to 11.00 AM of 21.06.2025 | - | From 01.07.2025 (during office time) to 11.00 AM of 15.07.2025 |
| 4. | Receipt of bid documents | On or before 21.06.2025 by 12.00 | - | on or before 15.07.2025 by 12.00 |
| 5. | Date & time of opening of technical bid | Dt.21.06.2025 at 12.30 hours onwards | Dt.25.06.2025 at 12.30 hours onwards | Dt.15.07.2025 at 12.30 hours onwards |

**Yours faithfully**
**Sd/- Deputy Director,**
**Similipal (North) WL Division, Jashipur**

**OIPR : 08133/11/0018/2526**

**GOVERNMENT OF ODISHA : "e"-PROCUREMENT NOTICE**
**OFFICE OF THE NOTIFIED AREA COUNCIL, DASPALLA**
**No.1457 Dt.25/06/2025**
**REQUEST FOR PROPOSAL (RFP)**
**Bid Identification No. NAC-Daspalla/01/2025-26**

**C-597 :** The Executive Officer, NAC, Daspalla, Dist-Nayagarh is inviting proposal from eligible Public Sector Undertakings/Autonomous Bodies/Consulting Firms in online mode with double cover for the work described in the RFP as detailed in the table below.

1. Nature of Work :- As per RFP
2. No of Work :- 01 Preparation of Comprehensive Drainage
3. Name of Work :- Master Plan and DPR for Storm Water Drainage System of Daspalla NAC
4. Available of Bid Document in Website. :- From dt. 01.07.2025 9.00 AM to dt. 25.07.2025 5.00 PM
5. Date for Pre- Proposal Query :- Dt. 08.07.2025 at 11.00 AM
6. Date for Pre- Proposal Meeting :- Dt. 09.07.2025 at 11.00 AM
7. Date of receiving of Hard copy of proposal :- Dt. 29.07.2025 at 5.00 PM
8. Date and time of opening of Technical Bid :- Dt. 30.07.2025 at 11.00 AM
9. Date and time of opening of Financial Bid :- Will be intimated later.

The Bidders have to participate through ONLINE bidding only. Further details can be seen from the Website: https:// tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

**Sd/- Executive Officer,**
**NAC, Daspalla**

**OIPR : 13141/11/0006/2526**

ପ୍ରୋଫର୍ମା ୧୦-୦୧
**ଭାରତୀୟ ରେଳ**
**ଦକ୍ଷିଣ ପୂର୍ବ ରେଳ**

### ଶକ୍ତିକରଣ ସମ୍ବନ୍ଧୀୟ ସାର୍ବଜନୀନ ବିଜ୍ଞପ୍ତି

ଦକ୍ଷିଣ ପୂର୍ବ ରେଳବାଇର ଚକ୍ରଧରପୁର ଡିଭିଜନର ନିମ୍ନଲିଖିତ ସେକ୍ସନର ସମ୍ପୂର୍ଣ୍ଣ ସେକ୍ସନରେ ଅବସ୍ଥିତ ରେଳ ଲାଇନ ଏବଂ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚନା ଦିଆଯାଉଛି ଯେ, 25000ଭୋଲ୍ଟ, 50Hz, AC ଓଭରହେଡ୍ ଟ୍ରାକ୍ସନ ତାରକୁ ସେକ୍ସନ ବିଭୁକ୍ତରେ ନିର୍ଦ୍ଦିଷ୍ଟ ତାରିଖ କିମ୍ବା ତା'ପରେ ଶକ୍ତିଶାଳୀ କରାଯିବ। ସେହି ତାରିଖରୁ ଓଭରହେଡ୍ ଟ୍ରାକ୍ସନ ଲାଇନକୁ ସର୍ବଦା ଲାଇଭ ଭାବରେ ବିବେଚନା କରାଯିବ ଏବଂ କୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭରହେଡ୍ ପାଖରେ ପହଞ୍ଚିବେ ନାହିଁ କିମ୍ବା କାମ କରିବେ ନାହିଁ।

ସେକ୍ସନ: ଦକ୍ଷିଣ ପୂର୍ବ ରେଳବାଇର ଚକ୍ରଧରପୁର ଡିଭିଜନ ଅନ୍ତର୍ଗତ ଧୁତରାଠାରେ ଅଲଟ୍ରା ଟେକ୍ ସିମେଣ୍ଟ ଲିମିଟେଡ୍ (ଝାରସୁଗୁଡ଼ା ସିମେଣ୍ଟ ୱାର୍କସ) ।

| କ୍ର. ସଂ. | ବିଭାଗର ନାମ: ରେଖା | Chainage (କିଲୋମିଟରରେ) From | To | OHEର ଲମ୍ବ | ରେଳ ବିଭାଗ | ଶକ୍ତିକରଣ ତାରିଖ |
|---|---|---|---|---|---|---|
| ୧. | ଲାଇନ ନମ୍ବର 2ର OHEର Loc No JCW/105ରୁ Wagon Tippler ଲାଇନ Loc No JCW/L-24/25 ପର୍ଯ୍ୟନ୍ତ ସମ୍ପ୍ରସାରଣ | ସ୍ଥାନ ନମ୍ବର. JCW/105 (Ch: 3/156.00 w.r.t ସାଇଡିଂର ଲଞ୍ଚିଙ୍ଗ ପଏଣ୍ଟ ପାଇଁ ରାସ୍ତା) | ସ୍ଥାନ ନଂ. JCW/L-2/25 (Ch: 4/033.30 ସାଇଡିଂର ଲଞ୍ଚିଙ୍ଗ ପଏଣ୍ଟ ପାଇଁ ରାସ୍ତା) | 877.30m | ଦ.ପୂ. ରେଳ / ଚକ୍ରଧରପୁର | 25.05.2025 |
| ୨. | ଲାଇନ ନମ୍ବର 3ର OHEର Loc No JCW/L-3/3ରୁ Wagon Tippler ଲାଇନ Loc No JCW/L-3/24A ପର୍ଯ୍ୟନ୍ତ ସମ୍ପ୍ରସାରଣ | ସ୍ଥାନ ନମ୍ବର. JCW/L-3/3 (Ch:3/174.0 ସାଇଡିଂର ଲଞ୍ଚିଙ୍ଗ ପଏଣ୍ଟ) | ସ୍ଥାନ ନଂ. JCW/L-3/24A (Ch:4/085.00 ସାଇଡିଂ ପଏଣ୍ଟ ନେବା ପାଇଁ w.r.t) | 911.00m | | |
| ୩. | ଲାଇନ ନମ୍ବର 4ର OHEର Loc No JCW/L-4/12ରୁ ଡେଡ୍ ଏଣ୍ଡ ସ୍ଥାନ No-JCW/L-198 ପର୍ଯ୍ୟନ୍ତ ସମ୍ପ୍ରସାରଣ। | ସ୍ଥାନ ନଂ. JCW/L-4/12 (Ch: 3/174.86 ସାଇଡିଂ ଲାଇନର ଲଞ୍ଚିଙ୍ଗ ପଏଣ୍ଟ) | ସ୍ଥାନ ନଂ. JCW/198 (ଅଧାଇ: 4/225.40 ସାଇଡିଂର ଲଞ୍ଚିଙ୍ଗ ପଏଣ୍ଟ) | 1050.54m | | |
| ୪. | UTCL ପ୍ଲାଣ୍ଟ ସାଇଡିଂର ଡେଡ୍ ଏଣ୍ଡରେ ବର୍କିଂ ନେକ୍ ଲାଇନ ସମେତ ଲାଇନ ନମ୍ବର 1 ଏବଂ 2 ମଧ୍ୟରେ କ୍ରସ ଓଭର | ସ୍ଥାନ ନଂ. JCW/L-1/21 (Ch: 3/797.00 ସାଇଡିଂ ଲାଇନର ଲଞ୍ଚିଙ୍ଗ ପଏଣ୍ଟ w.r.t) | ସ୍ଥାନ ନଂ. JCW/L-1/33 (Ch: 4/171.26 ସାଇଡିଂ ପଏଣ୍ଟ ନେବା ପାଇଁ ଉପଯୁକ୍ତ) | 374.26m | | |
| ୫. | ସାଇଡିଂର ଶେଷ ଭାଗରେ ନମ୍ବର 3 ଏବଂ 4 ମଧ୍ୟରେ କ୍ରସ ଓଭର | ସ୍ଥାନ ନଂ. JCW/L-3/15 (Ch: 3/782.00 ସାଇଡିଂ ଲାଇନର ଲଞ୍ଚିଙ୍ଗ ପଏଣ୍ଟ w.r.t) | ସ୍ଥାନ ନଂ. JCW/L-4/29 (Ch: 4/031.90 ସାଇଡିଂ ପଏଣ୍ଟ ନେବା ପାଇଁ ଉପଯୁକ୍ତ) | 249.90m | | |
| ୬. | ସାଇଡିଂର ଶେଷ ଭାଗରେ ନମ୍ବର 3 ଏବଂ 4 ମଧ୍ୟରେ କ୍ରସ ଓଭର | ସ୍ଥାନ ନଂ. JCW/L-3/14 (Ch: 3/746.00 ସାଇଡିଂ ଲାଇନର ଲଞ୍ଚିଙ୍ଗ ପଏଣ୍ଟ w.r.t) | ସ୍ଥାନ ନଂ. JCW/L-3/23 (Ch: 4/075.50 ସାଇଡିଂ ପଏଣ୍ଟ ନେବା ପାଇଁ ଉପଯୁକ୍ତ) | 329.50m | | |
| ୭. | ସାଇଡିଂର ଶେଷ ଭାଗରେ ନମ୍ବର 3 ଏବଂ 2 ମଧ୍ୟରେ କ୍ରସ ଓଭର | ସ୍ଥାନ ନଂ. JCW/L-2/16 (Ch: 3/788.00 ସାଇଡିଂ ଲାଇନର ଲଞ୍ଚିଙ୍ଗ ପଏଣ୍ଟ w.r.t) | ସ୍ଥାନ ନଂ. JCW/L-3/20 (Ch: 3/990.00 ସାଇଡିଂ ପଏଣ୍ଟ ନେବା ପାଇଁ ଉପଯୁକ୍ତ) | 202.00m | | |

**Sr. DEE/TRD/CKP** **M/s UTCL/Dhutra**

# ଓଡ଼ିଶା ଡିଏଭି ଆନ୍ଦୋଳନର ପୁରୋଧା ୟୁପିଆର୍ ଭିଠାଲ୍ ରାଜାଙ୍କ ତିରୋଧାନ




ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ଡିଏଭି ଆନ୍ଦୋଳନର ପୁରୋଧା ତଥା ଡିଏଭି ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ପୂର୍ବତନ ଅଧ୍ୟକ୍ଷା ମହୀୟସୀ ପୁଣ୍ୟାତ୍ମା ଶ୍ରୀମତୀ ୟୁପି ଆର୍‌ଭି ଠାଲ୍ ରାଜା ଗତ ୨୯ ତାରିଖରେ ବିଶାଖାପାଟଣା ଠାରେ ୯୨ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ଓଡ଼ିଶାର ପ୍ରତ୍ୟେକ ଡିଏଭି ବିଦ୍ୟାଳୟର ପ୍ରତିଷ୍ଠା ପାଇଁ ତାଙ୍କର ଆନ୍ତରିକ ଅବଦାନ ଅତୁଳନୀୟ। ତାଙ୍କର ବିୟୋଗ ଡିଏଭି ଅନୁଷ୍ଠାନ ପାଇଁ ଏକ ଅପୂରଣୀୟ କ୍ଷତି। ତତ୍କାଳୀନ ଓଡ଼ିଶାର ରାଜ୍ୟପାଳ ଡଃ ଅଯୋଧ୍ୟା ନାଥ ଖୋସ୍‌ଲାଙ୍କ ଆନ୍ତରିକ ଉଦ୍ୟମରେ ଜାତୀୟ ସ୍ତରରେ ତୃତୀୟ ତଥା ଓଡ଼ିଶାରେ ପ୍ରଥମ ଡିଏଭି ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିଲା ୧୯୭୧ ମସିହାରେ। ୫୦ ବର୍ଷ ତଳେ ପ୍ରାରମ୍ଭିକ ସମୟରେ ଅନେକ ଘାତ ପ୍ରତିଘାତ ମଧ୍ୟରେ ଗତି କରି ମଧ୍ୟ ନିଜର ମନୋବଳକୁ ସୁଦୃଢ଼ ରଖି ଡିଏଭି ସଂସ୍ଥାକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଶ୍ରୀମତୀ ଭିଠାଲ୍ ରାଜା। ୧୯୭୨ରୁ ୧୯୯୩ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୧ ବର୍ଷ ଧରି ସେ ଆଠ ନମ୍ବର ଡିଏଭି ବିଦ୍ୟାଳୟର ଅଧ୍ୟକ୍ଷା ଭାବରେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ପରବର୍ତ୍ତୀ ସମୟରେ ଡିଏଭି ଚନ୍ଦ୍ରଶେଖରପୁର, ଡିଏଭି ପୋଖରୀପୁଟ ସ୍ଥାପନ କରିବାରେ ତାଙ୍କର ଅବଦାନ ଅତୁଳନୀୟ। ଜଣେ ଦକ୍ଷ ସୁପରିଚାଳିକା ଭାବରେ ଡିଏଭି ବିଦ୍ୟାଳୟ ସମୂହର ଅଗ୍ରଗତି ପାଇଁ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମ୍ୟାଡାମ୍ ଦେଖିଥିଲେ ଅସୁମାରି ସ୍ୱପ୍ନ। ତାଙ୍କର ପ୍ରେରଣାରେ ଅନୁପ୍ରାଣିତ ହୋଇ ଏବଂ ତାଙ୍କର ସେହି ସ୍ୱପ୍ନକୁ ସାକାର କରି ଆଜି ରାଜଧାନୀରେ ଡିଏଭି ବିଦ୍ୟାଳୟ ସମୂହ ନିଜ ପାଇଁ ଗଢ଼ି ପାରିଛନ୍ତି ଏକ ଅନନ୍ୟ ପରିଚୟ। ଶିକ୍ଷା, ବୈଷୟିକ, ଖେଳକୁଦ ଏପରି ଅନେକ କ୍ଷେତ୍ରରେ ଡିଏଭି ବିଦ୍ୟାଳୟ ସମୂହର ଭୂମିକା ଆଜି ଅବର୍ଣ୍ଣନୀୟ। ସେହି ମହାନ ଆତ୍ମାର ସଦ୍‌ଗତି ପାଇଁ ଭୁବନେଶ୍ୱର ସ୍ଥିତ ୫ଟି ଯାକ ଡିଏଭି ବିଦ୍ୟାଳୟରେ ଭାବପୂର୍ଣ୍ଣ ସଭା ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମକର୍ତ୍ତାଗଣ ତାଙ୍କର ସ୍ମୃତିଚାରଣ କରିବା ସହିତ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଓଡ଼ିଶା ଡିଏଭି ସମୂହର ଆଞ୍ଚଳିକ ନିର୍ଦ୍ଦେଶକ ଡଃ କେ. ସି ଶତପଥୀ, ଡିଏଭି ପରିଚାଳନା ସମିତିର ଅଧ୍ୟକ୍ଷବୃନ୍ଦ ଓ ପୁରାତନ ଛାତ୍ରସଂସଦଗଣ ତାଙ୍କର ଅବଦାନ ଡିଏଭି ପରିବାରର ପ୍ରତିଟି ସଦସ୍ୟ ପାଇଁ ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ କରିବା ସହିତ ଶ୍ରୀମତୀ ଭିଠାଲ୍ ରାଜା ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

## 'ଜଗନ୍ନାଥ ଯେ ଷୋଳ କଳାଦ ଲୋକାର୍ପିତ

କଟକ, (ସବ୍ୟୁ) : ଜଗନ୍ନାଥ, ସଂସାରରେ ବିରାଜିତ ସର୍ବଜୀବର ବି ସେ ନାଥ ।ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କର ନାଥ । କୌଣସି ସମ୍ପ୍ରଦାୟରେ ସେ ସୀମିତ ନୁହଁନ୍ତି, ଜଗନ୍ନାଥ ସର୍ବଜନ ପୂଜିତ । ପୁଣି ଭଲର ଭାବକୁ ଗ୍ରହଣ କରିଥିବା ହେତୁ ସେ ଭାବଗ୍ରାହୀ ବୋଲି ମତ ପ୍ରକାଶ ପାଇଛି। ଓଡ଼ିଶା ହାଇକୋର୍ଟର ପ୍ରବୀଣ ଆଇନଜୀବୀ ସାଇ ଆଶ୍ରିତ ତଥା ଶ୍ରୀଜଗନ୍ନାଥ ଚେତନାର ଗବେଷକ କିଶୋର କୁମାର ଜେନାଙ୍କ ଲେଖନୀରେ ଚଳିତ ରଥଯାତ୍ରାରେ ଲୋକାର୍ପିତ ହୋଇଛି ପୁସ୍ତକ ' ଜଗନ୍ନାଥ ଯେ ଷୋଳ କଳା'। କାର୍ଯ୍ୟକ୍ରମରେ ପ୍ରକାଶିକା ତଥା ସମାଜ ସେବିକା କଳ୍ପନା ଜେନା ପୌରହିତ୍ୟ କରିଥିବାବେଳେ ବଙ୍ଗାଳୀ ସାହି କୃଷ୍ଣମୋହନ ବୀଣାପାଣି ପ୍ରକାଶନୀ ପକ୍ଷରୁ ଡାକ୍ତର ସାଇପ୍ରଜ୍ଞା ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କରିଥିଲେ।




ପବିତ୍ର ରଥଯାତ୍ରା ଅବସରରେ ପୁରୀରେ ଚାଇଲ୍ଡ ହେଲ୍ପ ଫାଉଣ୍ଡେସନ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ପୁରୀ ତାଳବଣିଆ, ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେସନ ଠାରେ ପ୍ରାୟ ୧୦ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ପାଇଁ ରନ୍ଧନ ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କରାଯାଇଛି ।

# ଷଷ୍ଠ 'ଶ୍ରୀ ସତ୍ୟସାଇ ବାଳବିକାଶ ଲେଖକ ସମାରୋହ

କଟକ, (ସବ୍ୟୁ): ଶ୍ରୀ ସତ୍ୟସାଇ ପୁସ୍ତକ ଓ ପ୍ରକାଶନ ନ୍ୟାସ ଓଡ଼ିଶାର ୧୮ ତମ ପ୍ରତିଷ୍ଠା ଦିବସ ଓ ଷଷ୍ଠ ଶ୍ରୀସତ୍ୟସାଇ ବାଳବିକାଶ ଲେଖକ ଆଧ୍ୟାତ୍ମିକ ଭକ୍ତିପୂର୍ଣ୍ଣ ପରିବେଶରେ 'ସାଇ ଜନନୀ' ଠାରେ ଅନୁଷ୍ଠିତ ହୋଇଯାଇଛି । ବେଦପାଠ ପରେ ଓଡ଼ିଶା ଭଜନ ଗ୍ରୁପ ପକ୍ଷରୁ ସାଇ ଗାୟତ୍ରୀ ଓ ସତନ୍ତ୍ର ପ୍ରଶାନ୍ତି ଭଜନ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମକୁ ସଂଗଠନର ଜାତୀୟ (ପୂର୍ବମଣ୍ଡଳ) ସଭାପତି ନାରାୟଣ ପ୍ରସାଦ ସର ପ୍ରଦୀପପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିବାବେଳେ ରାଜ୍ୟ ପୁସ୍ତକ ଓ ପ୍ରକାଶନ ନ୍ୟାସର ଆବାହକ ବିଜୟ କୁମାର ପୃଷ୍ଟି ସାଗତ ଭାଷଣ ପ୍ରଦାନ କରିଥିଲେ । ସଦସ୍ୟ ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସାଇ ସାହିତ୍ୟ ପାଠକ ପାଠିକା, ଡକ୍ଟର ହରିକ୍ରୀଷ୍ଣ ଦାସ, ଦୁଷ୍ମନ୍ତ କୁମାର ସାହୁ, ମିହିର କୁମାର ସାହୁ, ବିଷ୍ଣୁ ମୋହନ ନାୟକ, ବେଦପ୍ରକାଶ ନାୟକ, ପ୍ରଭାତି ଦାସ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ପ୍ରଭା ରାୟ, ଡକ୍ଟର ନୟନତାରା ଛୋଟରାୟ, ନିହାରିକା କାନୁନଗୋ ପ୍ରମୁଖ ପାଠକୀୟ ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ ଢ ସନାତନ ସାରଥୀ ସମ୍ପାଦକୀୟ ଅଭିମତ ପ୍ରଦାନ କରିଥିଲେ ସୁଧାଂଶୁ କୁମାର ନାୟକ ଓ ବାଳବିକାଶ ସଂପାଦକୀୟ ଅଭିମତ ସଚ୍ଚିଦାନନ୍ଦ ନନ୍ଦଙ୍କ ପକ୍ଷରୁ ମିହିର କୁମାର ସାହୁ। ଏହି ଅବସରରେ ପୁରସ୍କୃତ ପ୍ରତିଭା ଭାବେ ଅଭିଲିପ୍ସା ବେହେରା, ରୁଦ୍ର ସଶିଲ, ସାଇ ସର୍ମିଷ୍ଠା ଦାସ, ପ୍ରିନ୍ସ ପୁନ୍ୟାନ୍ ଦାସ, ଗାରିମା ପଟେଲ, ସାଇ ଅର୍ପିତ ନାୟକ, ଗଣେଶ୍ୱର ପାତ୍ର, ଶିତିକଣ୍ଠ ସାମଲ, ସୁନୀଲ ଶ୍ରେଷ୍ଠ ପ୍ରମୁଖ । ସମ୍ବର୍ଦ୍ଧନା ଉତ୍ସବ ପରିଚାଳନା କରିଥିଲେ ଟ୍ରଷ୍ଟି ପିତାମ୍ବର ମିଶ୍ର, ବିଜୟ କୁମାର ମଲ୍ଲିକ, ମିହିର କୁମାର ସାହୁ। ସଂଗଠନର ରାଜ୍ୟ ସଭାପତି ଡାକ୍ତର ସତ୍ୟ ସରୂପ ପଟ୍ଟନାୟକ ଉଦ୍‌ଜାପନୀ ଭାଷଣ ପ୍ରଦାନ କରିଥିଲେ, ଟ୍ରଷ୍ଟି ରମେଶ ଚନ୍ଦ୍ର ପାତ୍ର କୃତଜ୍ଞାପନ କରିଥିବାବେଳେ ମଙ୍ଗଳ ଆରତୀ ଅର୍ପଣ କରିଥିଲେ ପୂର୍ବତନ ରାଜ୍ୟ ସଭାପତି ପ୍ରଫେସର ଡକ୍ଟର ହରିକ୍ରୀଷ୍ଣ ଦାସ ।

# ଆଦାନୀ ଓ ଇସ୍କନର ମିଳିତ ସହଯୋଗରେ ପୁରୀ ରଥଯାତ୍ରାରେ ପୁଷ୍ଟିକର ଖାଦ୍ୟ ବଣ୍ଟନ

ଭୁବନେଶ୍ୱର (ସବ୍ୟୁ): ପୁରୀ ରଥଯାତ୍ରା ଭାରତର ଆଧ୍ୟାତ୍ମିକ ଦୃଶ୍ୟପଟ ପରିବର୍ତ୍ତନ କରି ବିଶ୍ୱର ଲକ୍ଷ ଲକ୍ଷ ଭକ୍ତଙ୍କୁ ଆକର୍ଷିତ କରିଥାଏ । ୨୦୨୫ ମସିହାରେ ଏହି ଦୃଶ୍ୟପଟରେ ଭକ୍ତି, ସେବା ଏବଂ ସାମାଜିକ ଦାୟିତ୍ୱର ଏକ ମିଶ୍ରଣ ଦେଖିବାକୁ ମିଳିଥିଲା । ଚଳିତ ବର୍ଷ ଆଦାନୀ ଗ୍ରୁପ ଏବଂ ଇସ୍କନ ମଧ୍ୟରେ ଏକ ଅନନ୍ୟ ସହଯୋଗ ସ୍ଥାପନ ହୋଇ ଶ୍ରଦ୍ଧାଳୁ ତଥା ସ୍ୱେଚ୍ଛାସେବୀମାନଙ୍କୁ ପ୍ରସାଦ ସେବନ କରାଇବାର ଦାୟିତ୍ୱ ତୁଲାଇଥିଲେ । ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ସେବା କରିବାର ଯେଉଁ ସରଳ ମନୋଭାବ ସୃଷ୍ଟି ହୋଇଥିଲା ତାହା ଶାରୀରିକ ଏବଂ ଆଧ୍ୟାତ୍ମିକ ସ୍ତରରେ ଏକ ହୃଦୟସ୍ପର୍ଶୀ ଅନୁଭୂତିରେ ପରିଣତ ହୋଇଥିଲା । ଗତ ୩ ଦିନ ହେଲା ରଥଯାତ୍ରାରେ ଆଦାନୀ ଗ୍ରୁପ ତଥା ଇସ୍କନର ମିଳିତ ସହଯୋଗରେ ଏହି ପ୍ରସାଦ ସେବା ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଛି । ଏହି ପ୍ରସାଦରେ ଅନ୍ନ, ଦହି ଭାତ, ରୁଟି,




ପରିବା ତରକାରୀ, ଡାଲି, ପାୟସମ୍, ଗୁଲାବ୍ ଜାମୁନ, ଏବଂ ହାଲୱା ଆଦି ଅନ୍ତର୍ଭୁକ୍ତ ରହିଛି । ଏହା କେବଳ ଶ୍ରଦ୍ଧାଳୁମାନଙ୍କ ପେଟ ପୁରିବା ପାଇଁ ନୁହେଁ ବରଂ ଖରାରେ ଦୀର୍ଘ ବାଟ ଅତିକ୍ରମ କରି ଆସୁଥିବା ଲୋକଙ୍କ ପୁଷ୍ଟିକର ଆବଶ୍ୟକତାକୁ ମଧ୍ୟ ପୂରଣ କରିବାରେ ସାହାଯ୍ୟ କରିଥିଲା । ପ୍ରତ୍ୟେକ ଥାଳିରେ ପ୍ରାୟ ୭୦୦ ରୁ ୯୦୦ କ୍ୟାଲୋରୀ, ୨୦ ଗ୍ରାମରୁ ଅଧିକ ପ୍ରୋଟିନ ଏବଂ ଫାଇବର, ଭିଟାମିନ ଏବଂ ଅତ୍ୟାବଶ୍ୟକ ଖଣିଜ ତତ୍ତ୍ୱର ଏକ ପୌଷ୍ଟିକ ମିଶ୍ରଣ ବିତରଣ କରାଯାଇଥିଲା । ତାଳବଣିଆ ବସଷ୍ଟାଣ୍ଡ ପୁରୀ ରେଳ ଷ୍ଟେସନ, ଗୁଣ୍ଡିଚା ମନ୍ଦିର ନିକଟ, ସ୍ୱର୍ଗଦ୍ୱାର ଜଙ୍କସନ୍, ବଗଳା ଧର୍ମଶାଳା, ଦିଗବାରେଣୀ ପାର୍କ ଏବଂ ଦୁଧୱାଲା ଧର୍ମଶାଳା ଭଳି ପ୍ରମୁଖ ସ୍ଥାନଗୁଡ଼ିକରେ ସ୍ୱେଚ୍ଛାସେବୀମାନେ ନମ୍ରତାର ସହ ସକାଳ ରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କୁ ଖାଦ୍ୟ ପରିବେଷଣ କରୁଛନ୍ତି ।

ଏହି 'ପ୍ରସାଦ ସେବା'ରେ ସ୍ୱଚ୍ଛତା ଏବଂ ପରିବେଶଗତ ସଚେତନତା ପ୍ରତି ବିଶେଷ ଧ୍ୟାନ ଦିଆଯାଇଥିବାରୁ ଆଦାନୀ ଗ୍ରୁପ ଓ ଇସ୍କନର ଏହି ମିଳିତ ପ୍ରୟାସକୁ ସମସ୍ତ ବର୍ଗରେ ପ୍ରଶଂସା କରାଯାଇଛି । ଖାଦ୍ୟ ପରିବେଷଣରେ କୌଣସି ପ୍ରକାର ଥର୍ମୋକୁଲ କିମ୍ବା ପ୍ଲାଷ୍ଟିକ୍ ର ବ୍ୟବହାର କରାଯାଇନଥିଲା ବେଳେ ଜୈବ ବିଘଟନଶୀଳ କାଗଜପ୍ଲେଟ୍ର ବ୍ୟବହାର କରାଯାଉଛି । ସ୍ୱେଚ୍ଛାସେବୀମାନେ ସେବା କରିବା ସମୟରେ ହାତରେ ଗ୍ଲୋଭ୍ସ ପିନ୍ଧିଥିଲେ ଏବଂ ଉପଯୁକ୍ତ ଅଳିଆ ନିଷ୍କାସନ ପାଇଁ ବଡ଼ ବଡ଼ ପଲିଥିନ ବ୍ୟାଗ୍ର ବ୍ୟବସ୍ଥା କରାଯାଇଥିଲା । କୌଣସି ଆଧ୍ୟାତ୍ମିକ ଅନୁଷ୍ଠାନ ଏବଂ ଦାୟିତ୍ୱବାନ ନିଗମଗୁଡ଼ିକ ଧାର୍ମିକ ରୀତିନୀତି ବ୍ୟତୀତ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବାକୁ ଏକାଠି ହୋଇପାରିବେ ବୋଲି ଏହି ପ୍ରୟାସ ପ୍ରମାଣିତ କରିପାରିଛି । ସେବାର ଏକ ସ୍ୱରୂପ ଭାବେ ଖାଦ୍ୟ ବଣ୍ଟନ, ଆଦାନୀ ଓ ଇସ୍କନ ଆମକୁ ମନେ ପକାଇ ଦେଇଛନ୍ତି ଯେ ପ୍ରକୃତ ସମର୍ପଣ ନିଃସ୍ୱାର୍ଥପର ଭାବରେ ଅନ୍ୟମାନଙ୍କ ସେବା କରିବାରେ ନିହିତ । ଏହା କେବଳ ଏକ ଉତ୍ସବ ନ ଥିଲା- ଏହା ଭାରତର କାଳଜୟୀ ନୀତିର ଏକ ଜୀବନ୍ତ ପ୍ରତିଫଳନ ଥିଲା: 'ସେବା ହେଉଛି ସର୍ବୋଚ୍ଚ ପୂଜା' ।

## ସୋଆ ଉପକୁଳପତିଙ୍କୁ ରୟାଲ କଲେଜ ଅଫ୍

# ଫିଜିସିଆନ୍ସ ଆଣ୍ଡ ସର୍ଜନସ୍ ଅଫ୍ ଗ୍ଲାସଗୋ ଫେଲୋସିପ୍ ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ଦନ୍ତ ଚିକିତ୍ସା, ଶିକ୍ଷା, ଗବେଷଣା, ନୂତନତା ଓ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ଼ ଟୁ ବି ବିଶ୍ୱବିଦ୍ୟାଳୟର ଉପକୁଳପତି (ଗବେଷଣା ସହଭାଗିତା) ପ୍ରଫେସର (ଡାକ୍ତର) ନୀତା ମହାନ୍ତିଙ୍କୁ ସମ୍ମାନଜନକ ରୟାଲ କଲେଜ ଅଫ୍ ଫିଜିସିଆନ୍ସ ଆଣ୍ଡ ସର୍ଜନସ୍ ଅଫ୍ ଗ୍ଲାସଗୋ ଫେଲୋସିପ୍‌ରେ ସମ୍ମାନିତ କରାଯାଇଛି। ୪୨୫ ବର୍ଷ ପୁରାତନ ରୟାଲ କଲେଜ ଅଫ୍ ଫିଜିସିଆନ୍ସ ଆଣ୍ଡ ସର୍ଜନସ ଅଫ୍ ଗ୍ଲାସଗୋ ଏକ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ବୃତିରେ ସଂପୃକ୍ତ ବ୍ୟକ୍ତିମାନଙ୍କୁ ନେଇ ଗଠିତ ଏକ ଅନୁଷ୍ଠାନ। ପ୍ରଫେସର (ଡାକ୍ତର) ମହାନ୍ତି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍ (ଆଇଡିଏସ୍)ର



ଡିନ୍ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ମୁଖ ସ୍ୱାସ୍ଥ୍ୟ ଏବଂ ଦନ୍ତ ଚିକିତ୍ସା କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି। ସେ ୨୮ ବର୍ଷରୁ ଊର୍ଦ୍ଧ୍ୱ ଶିକ୍ଷା ଦାନ କାର୍ଯ୍ୟରେ ସଂପୃକ୍ତ ରହିଛନ୍ତି। ତାଙ୍କ ଦ୍ୱାରା ଲିଖିତ ୧୦୦ରୁ ଊର୍ଦ୍ଧ୍ୱ ସନ୍ଦର୍ଭ ବିଭିନ୍ନ ଆନ୍ତର୍ଜାତିକ ଜର୍ନାଲରେ ପ୍ରକାଶିତ ହୋଇଛି। ପ୍ରଫେସର ମହାନ୍ତି ମଧ୍ୟ ଆଇଡିଏସ୍‌ରେ ଓରାଲ ପାଥୋଲଜି ଓ ମାଇକ୍ରୋବାୟୋଲଜି ବିଭାଗର ପ୍ରଫେସର ଭାବେ କାର୍ଯ୍ୟ କରିବା ସହିତ କକ୍‌ରେନ୍ ଇଣ୍ଡିଆ ଆଫିଲିଏଟ୍ କେନ୍ଦ୍ରର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ପୂର୍ବରୁ ପ୍ରଫେସର ମହାନ୍ତିଙ୍କୁ ଆମେରିକା ସ୍ଥିତ ଏକାଡେମୀ ଅଫ୍ ଡେଂଟିଷ୍ଟ୍ରି ଇଂଟରନ୍ୟାସ୍‌ନାଲ୍ ପକ୍ଷରୁ ଫେଲୋସିପ୍ ପ୍ରଦାନ କରାଯାଇଥିବା ବେଳେ ତାଙ୍କୁ ଡକ୍ଟର ଏ.ପି.ଜେ. ଅବ୍‌ଦୁଲ କାଲାମ ଜାତୀୟ ପୁରସ୍କାର, ବେଷ୍ଟ ଡେଂଟାଲ୍ ଆଡମିନିଷ୍ଟ୍ରେଟର ଆୱାର୍ଡ ଓ ଟାଇମ୍ସ ପାୱାର ୱମାନ୍ ଆୱାର୍ଡ ମଧ୍ୟ ମିଳିଛି।

# ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ସହରାଞ୍ଚଳ-୩ ପ୍ରକଳ୍ପରେ ସୋମବାର କିଶୋରୀ ଶୁଭଦ୍ରା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶିଶୁ ବିକାଶ ଯୋଜନା ଅଧିକାରୀ ସହରାଞ୍ଚଳ-୩ ସଙ୍ଗୀତା ପାଢ଼ୀ, ଡିସିପିଓ ବାଣିଶ୍ରୀ ପଟ୍ଟନାୟକ, ସିଡବ୍ଲ୍ୟୁସିର ସଦସ୍ୟ, ସମସ୍ତ ପରିଦର୍ଶିକା, ଏନ୍‌ଜିଓ କର୍ମକର୍ତ୍ତା, ମିଶନ ଶକ୍ତି ବିଭାଗର କାର୍ଯ୍ୟକର୍ତ୍ତା, ଏଏନ୍‌ଏମ୍, ଆଶା ଓ କିଶୋରୀ ବାଳିକାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପୁଚି



ଖେଳ, କବାଡି, ରଜ ମୁକୁଟ, ରଜ ରିଲର୍ସ ଓ ର୍ୟାମ୍ପ ୱାକ୍ ପ୍ରତିଯୋଗିତା କିଶୋରୀମାନଙ୍କ ମଧ୍ୟରେ କରାଯାଇଥିଲା। ବିଭିନ୍ନ ପାରମ୍ପାରିକ ଖାଦ୍ୟ ପ୍ରଦର୍ଶନ ମଧ୍ୟ କରାଯାଇଥିଲା। ପ୍ରତିଟି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କିଶୋରୀ ବାଳିକାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା।

## ବର୍ଷା ଜଳ ଅବରୋଧକୁ ସଫାକଲେ ଗ୍ରାମବାସୀ

ବାରଙ୍ଗ (ସବ୍ୟୁ) : ସାମାନ୍ୟ ବର୍ଷା ହେଲେ ତ୍ରିଶୁଳିଆ ଗାଁମୁଣ୍ଡ ବର୍ଷାଜଳରେ ଭରି ରହି ଯାତାୟତରେ ବାଧକ ସାଜିଛି ।କେବଳ ଗାଁମୁଣ୍ଡ ନୁହେଁ ଗାଁର ଚତୁର୍ପାସ ବର୍ଷଜଳ ଭରିରହି ଗ୍ରାମବାସୀମାନେ ଏକପ୍ରକାର ଜଳବନ୍ଦୀ ଭାବେ ବର୍ଷାଦିନେ ରହିଥାନ୍ତି ।ବର୍ଷାଜଳ ନିଷ୍କାସନ ସ୍ଥାନ ଗୁଡ଼ିକୁ ଜବରଦାଖଲ ହେବା ଓ ଡ୍ରେନରେ ଠିକ ଭାବେ ପାଣି ନଯିବାରୁ ଏହିଭଳି ପରିସ୍ଥିତି ଉପୁଜିଥାଏ ।ବର୍ଷାଜଳ ନିଷ୍କାସନର ସ୍ଥାୟୀ ପ୍ରତିକାରପାଇଁ ଗ୍ରାମବାସି ମାନେ ବହୁବାର ପ୍ରଶାସନିକ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସ୍ଥାୟୀ ପ୍ରତିକାର ହୋଇପାରିନଥିଲା । ଗତ ଦୁଇଦିନହେବ ବର୍ଷା ଲାଗିରହି ଥିବାରୁ ଜଳବନ୍ଦୀ ଭଳି ସ୍ଥିତି ତ୍ରିଶୁଳିଆ ଗ୍ରାମମୁଣ୍ଡରେ ଉପୁଜିଥିଲା ।ଏଥିରୁ ସାମୟିକ ଭାବେ ମୁକ୍ତିପାଇବା ପାଇଁ ଗ୍ରାମବାସୀମାନେ ନିଜ ପକ୍ଷରୁ ଉଦ୍ୟମ ଆରମ୍ଭ କରିଛନ୍ତି ।ଶନିବାର ସନ୍ଧ୍ୟାରେ ବର୍ଷା କମିବା ପରେ ତ୍ରିଶୁଳିଆଗ୍ରାମବାସୀ ମାନେ ଜେସିବି ଲଗାଇ ବର୍ଷାଜଳକୁ ଅବରୋଧ କରିଥିବା ସ୍ଥାନକୁ ସଫା କରିଛନ୍ତି ।

## ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ସଡ଼କ ନିରାପତା ଏବଂ ସଚେତନତାର ସଂସ୍କୃତି ଗଢିତୋଳିବା ପ୍ରୟାସ ଜାରି ରଖି ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମଏସଆଇ) ଓଡ଼ିଶାର ଭବାନିପାଟଣାରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। କମ ବୟସରୁ ସଡ଼କ ସୁରକ୍ଷା ଆଚରଣକୁ ଅନ୍ତର୍ନିବେଶ କରିବା ନିମନ୍ତେ ଡିଜାଇନ କରାଯାଇଥିବା ଏହି ପ୍ରୟାସ ପ୍ରଗତି ଡିଗ୍ରୀ କଲେଜରୁ ୨୦୦୦ରୁ ଅଧିକ ଛାତ୍ର ଛାତ୍ରୀ ଏବଂ କର୍ମଚାରୀଙ୍କୁ ଆନ୍ତଃକ୍ରିୟାଶୀଳ କାର୍ଯ୍ୟକ୍ରମ ଏବଂ ବାସ୍ତବ ସ୍ତରରେ ସଡ଼କ ନିରାପତା ସମ୍ପର୍କିତ ପ୍ରଶିକ୍ଷଣ ଜରିଆରେ ଶିକ୍ଷଣ ଓ ନିୟୋଜିତ କରିବା ନିମନ୍ତେ ଆଗ୍ରହୀ ଅଂଶଗ୍ରହଣକୁ ଏକତ୍ରିତ କରିଥିଲା। ଏହି ଅଭିଯାନରେ ଏକାଧିକ କାର୍ଯ୍ୟକଳାପ ଓ ଅଧିବେଶନ ଜରିଆରେ ଛାତ୍ରଛାତ୍ରୀଙ୍କୁ ନିୟୋଜିତ ରଖାଯାଇଥିଲା, ଯାହା ସେମାନଙ୍କ ଦୈନନ୍ଦିନ ପରିବେଶକୁ ନିରାପଦ ସଡ଼କ ବ୍ୟବହାର ପ୍ରଶିକ୍ଷଣ ନିମନ୍ତେ ଏକ ପ୍ଲାଟଫର୍ମରେ ପରିଣତ କରିଥିଲା। ଶିକ୍ଷଣକୁ ଉଭୟ ନିୟୋଜନକାରୀ





ଏବଂ ପ୍ରଭାବୀ କରି ଗଢିତୋଳିବା ନିମନ୍ତେ ଅଧିବେଶନଗୁଡ଼ିକୁ ନିଖୁଣ ଭାବରେ ଡିଜାଇନ କରାଯାଇଥିଲା। ଅଂଶଗ୍ରହଣକାରୀଙ୍କୁ ନିରାପଦ ଗାଡିଚାଳନାର ମୌଳିକ ବିଷୟଗୁଡିକ ସମ୍ପର୍କରେ ଅବଗତ କରାଯାଇଥିଲା, ଯେଉଁଥିରେ ସଡ଼କରେ ଗାଡିଚାଳନା ସମୟରେ ହେଲମେଟ ପିନ୍ଧିବା ଏବଂ ଶୃଙ୍ଖଳା ଅନୁପାଳନ କରିବାର ଗୁରୁତ୍ୱ ସାମିଲ ଥିଲା। ଭବାନିପାଟଣାରେ ଆୟୋଜିତ ଅଭିଯାନ ଓଡ଼ିଶାରେ ଏଚଏମଏସଆଇର ବର୍ଦ୍ଧିତ ଉପସ୍ଥିତିକୁ ଜାହିର କରୁଛି, ଯେଉଁଠାରେ କମ୍ପାନୀ ମୂଳ ସ୍ତରରୁ ସଡ଼କ ସୁରକ୍ଷା ସଂସ୍କୃତି ଗଢିତୋଳିବା ନିମନ୍ତେ ସ୍ଥାନୀୟ ଶିକ୍ଷା ପ୍ରତିଷ୍ଠାନଗୁଡିକ ସହିତ ଘନିଷ୍ଠ ଭାବରେ ମିଶି କାର୍ଯ୍ୟ କରିବା ଜାରି ରଖିଛି।

## ଡକ୍ଟର ଦିବସ ଅବସରରେ

# ସେବା ଯୋଗାଇ ଦେଉଥିବା ଡାକ୍ତର ନାୟକଙ୍କୁ ବେଦାନ୍ତର ଅଭିନନ୍ଦନ

ଭୁବନେଶ୍ୱର, (ସବ୍ୟୁ): ଭାରତ ଜାତୀୟ ଡକ୍ଟର ଦିବସ ପାଳନ କରୁଥିବା ସମୟରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର ୧୦୫ ଜଣ ଡାକ୍ତରଙ୍କ ଅଟଳ ସମର୍ପଣ ଏବଂ କରୁଣାକୁ ସାଲ୍ୟୁଟ୍ କରିଛି। ଏହି ଡାକ୍ତରୀ ଦଳ ଓଡ଼ିଶା ଏବଂ ଛତିଶଗଡ଼ର ବେଦାନ୍ତ ଆଲୁମିନିୟମର ହସ୍ପିଟାଲ ଏବଂ ଡାଇଗ୍ନୋଷ୍ଟିକ୍ ସେଂଟରରେ ପାଂଚ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବାର ଜୀବନରେଖା ଅଟନ୍ତି। ଚିକିତ୍ସା ବୃତିଗତଙ୍କ ଅବଦାନକୁ ସମ୍ମାନିତ କରିବା ପାଇଁ ଉତ୍ସର୍ଗୀକୃତ ଏହି ଦିନରେ, ବେଦାନ୍ତ ସୁଗମ, ଉଚ୍ଚ-ଗୁଣବତା ସ୍ୱାସ୍ଥ୍ୟସେବା ମାଧ୍ୟମରେ ସୁସ୍ଥ ସମ୍ପ୍ରଦାୟ ଗଠନ ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିଛି । ପ୍ରତ୍ୟେକ ହସ୍ପିଟାଲ ପଛରେ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ (ଏମଏଚୟୁ) ଏବଂ ସ୍ୱାସ୍ଥ୍ୟ ଶିବିରରେ ୧୦୫ ଜଣ ଡାକ୍ତର ଏବଂ ୪୫୫ ଜଣ ନର୍ସ ଏବଂ ଚିକିତ୍ସା କର୍ମଚାରୀଙ୍କ ଏକ ଦଳ ରହିଛି, ଯାହାଙ୍କ ଅକ୍ଳାନ୍ତ ସେବା ଭାରତର କିଛି ଦୁର୍ଗମ ଏବଂ ଅବହେଳିତ ସମ୍ପ୍ରଦାୟ ପାଇଁ ଆଶାର ଆଲୋକ ପାଲଟିଛି। ସେମାନଙ୍କର ନିରନ୍ତର ପ୍ରୟାସ ଚିକିତ୍ସାମୂଳକ ଯତ୍ନ ବ୍ୟତୀତ ପ୍ରତିରୋଧକ ସ୍ୱାସ୍ଥ୍ୟସେବା, ସଚେତନତା ନିର୍ମାଣ ଏବଂ ସୁସ୍ଥ ଭବିଷ୍ୟତକୁ ପୋଷଣ କରିବା ପର୍ଯ୍ୟନ୍ତ ବିସ୍ତାରିତ। ବାଲକୋ ମେଡିକାଲ୍ ସେଂଟର (ଛତିଶଗଡର ନୟା ରାୟପୁରରେ ଥିବା ଏକ ୧୭୦ ଶଯ୍ୟା ବିଶିଷ୍ଟ ବିଶ୍ୱସ୍ତରୀୟ ଅଙ୍କୋଲୋଜି ହସ୍ପିଟାଲ), ପଶ୍ଚିମ ଓଡ଼ିଶାର ସର୍ବବୃହତ ଝାରସୁଗୁଡା ଏବଂ ଲାଇକେରାରେ ଡାଇଗ୍ନୋଷ୍ଟିକ୍ ସେଂଟର, ଓଡ଼ିଶାର କଳାହାଣ୍ଡିରେ ଥିବା ବେଦାନ୍ତ ହସ୍ପିଟାଲ ଏବଂ ମାତା ସନ୍ତୋଷୀ ଜନ କଲ୍ୟାଣ ହସ୍ପିଟାଲ ଏବଂ (ଏମଏଚୟୁ) ମାନଙ୍କର ଏକ ଫ୍ଲିଟ୍ ସମେତ ଏହାର ପ୍ରମୁଖ ସ୍ୱାସ୍ଥ୍ୟସେବା ସୁବିଧା ମାଧ୍ୟମରେ, ବେଦାନ୍ତର ଡାକ୍ତରୀ ବୃତିଗତମାନେ ଅଗଣିତ ଜୀବନକୁ ସ୍ପର୍ଶ କରିଛନ୍ତି। ଆଜି ପର୍ଯ୍ୟନ୍ତ, ଦଳଗୁଡ଼ିକ ୩.୫ ଲକ୍ଷରୁ ଅଧିକ ଓପିଡି ପରିଦର୍ଶନକୁ ସୁବିଧା ପ୍ରଦାନ କରବା ତଥା ୫୪,୦୦୦ରୁ ଅଧିକ କର୍କଟ ରୋଗୀଙ୍କୁ ଚିକିତ୍ସା କରିବା ସହିତ ୧,୫୦୦ରୁ ଅଧିକ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରିଛନ୍ତି, ଯାହା ହଜାର ହଜାର ଲୋକଙ୍କୁ ସ୍ୱାସ୍ଥ୍ୟ, ମର୍ଯ୍ୟାଦା ଏବଂ ଆଶା ଫେରାଇ ଆଣିବାରେ ସାହାଯ୍ୟ କରିଛି।

ବାଲକୋ ମେଡିକାଲ୍



ସେଂଟରରେ, ଡାକ୍ତରୀ ଦଳ ୧୦,୦୦୦ରୁ ଅଧିକ ଅସ୍ତ୍ରୋପଚାର କରିଛନ୍ତି ଏବଂ ସମଗ୍ର ଅଂଚଳରୁ ରୋଗୀଙ୍କୁ ବ୍ୟାପକ, ସୁଲଭ କର୍କଟ ଚିକିତ୍ସା ପ୍ରଦାନ କରିଆସୁଛନ୍ତି, ଯେଉଁଠାରେ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଶା ପ୍ରଦାନ କରୁଛି। ବେଦାନ୍ତର ସ୍ୱାସ୍ଥ୍ୟସେବା ଇକୋସିଷ୍ଟମ ଆହୁରି ବିସ୍ତାରିତ ହୋଇଛି, ଝାରସୁଗୁଡା ଏବଂ ଲାଇକେରାରେ ଡାଇଗ୍ନୋଷ୍ଟିକ୍ ସେଂଟରଗୁଡ଼ିକ ୫୭,୦୦୦ରୁ ଅଧିକ ରୋଗୀଙ୍କୁ ସେବା ପ୍ରଦାନ କରୁଛନ୍ତି, ଉନ୍ନତ ରେଡିଓଲୋଜି ଏବଂ ପାଥଲୋଜି। ଦୂରଦୂରାନ୍ତ ଗ୍ରାମଗୁଡ଼ିକରେ, ଏମଏଚୟୁ-ପ୍ରତ୍ୟେକଟିରେ ଜଣେ ଡାକ୍ତର, ନର୍ସ, ଲ୍ୟାବ ଟେକ୍ନିସିଆନ୍ ଏବଂ ଫାର୍ମାସିଷ୍ଟ ଅଛନ୍ତି - ସ୍ୱାସ୍ଥ୍ୟସେବା ଉପଲବ୍ଧତାର ବ୍ୟବଧାନକୁ ପୂରଣ କରିବାରେ ଜାରି ରଖିଛନ୍ତି। ଏହି ୟୁନିଟ୍ଗୁଡ଼ିକ ମାଗଣା ପରାମର୍ଶ, ଔଷଧ ଏବଂ ନିଦାନ ସେବା ସିଧାସଳଖ ଲୋକଙ୍କ ଦ୍ୱାରଦେଶରେ ପହଂଚାଇଥାନ୍ତି। ଡାକ୍ତରମାନେ ଉଚ୍ଚ ରକ୍ତଚାପ, ମଧୁମେହ, ମାତୃତ୍ୱ ଏବଂ ଶିଶୁ ସ୍ୱାସ୍ଥ୍ୟ, ଋତୁସ୍ରାବ ପରିଚ୍ଛନ୍ନତା ଏବଂ ଦୀର୍ଘକାଳୀନ ରୋଗ ନିବାରଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ନିୟମିତ ସଚେତନତା ଅଧିବେଶନ ମଧ୍ୟ ପରିଚାଳନା କରନ୍ତି। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଆମର ଡାକ୍ତର, ନର୍ସ ଏବଂ ଚିକିତ୍ସା କର୍ମଚାରୀମାନେ ସମ୍ପ୍ରଦାୟ ସ୍ୱାସ୍ଥ୍ୟର ପ୍ରକୃତ ଚାମ୍ପିଅନ୍ ଅଟନ୍ତି। ସେମାନଙ୍କର ଅଟଳ ପ୍ରତିବଦ୍ଧତା ଏବଂ ଅକ୍ଳାନ୍ତ ସେବା ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଂଚାଇଛି ଯେଉଁମାନେ ଏହାର ସବୁଠାରୁ ଅଧିକ ଆବଶ୍ୟକତା ରଖନ୍ତି। ଡକ୍ଟର ଦିବସରେ, ଆମେ ସେମାନଙ୍କ ଆତ୍ମାକୁ ସଲାମ କରୁଛୁ ଏବଂ ସୁସ୍ଥ, ଅଧିକ ସଶକ୍ତ ସମ୍ପ୍ରଦାୟ ସୃଷ୍ଟି କରିବା ପାଇଁ ସେମାନଙ୍କ ମିଶନରେ ସେମାନଙ୍କୁ ସମର୍ଥନ କରିବା ପାଇଁ ଆମର ସଂକଳ୍ପକୁ ପୁନଃ ଦୃଢ଼ କରୁଛୁ।"

# ବିମାନ ଦୁର୍ଘଟଣା : ୭ ଦିଗପ୍ରତି କଡ଼ାକଡ଼ି ଯାଞ୍ଚ



ନୂଆଦିଲ୍ଲୀ: ଅହମଦାବାଦରେ ଜୁନ୍ ୧୨ ତାରିଖରେ ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମଲାଇନର୍ ବିମାନ ଦୁର୍ଘଟଣା ଦେଶକୁ ଥରାଇ ଦେଇଥିଲା ଏହି ବିମାନ ଦୁର୍ଘଟଣାରେ ୨୭୫ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ। ଯେଉଁଥିରେ ୨୪୧ଜଣ ବିମାନ ଯାତ୍ରୀ ଥିଲେ। ବିମାନ ଦୁର୍ଘଟଣା ଘଟିବା ଦିନ ଠାରୁ ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ଦୁର୍ଘଟଣାର ତଦନ୍ତରେ କୌଣସି ପ୍ରକାର ଅବହେଳା ନକରି ନିଜନିଜ ଯାଞ୍ଚରେ ଆଗେଇ ଚାଲିଛନ୍ତି।

ବିଶେଷ ସୂତ୍ରରୁ ଜଣାପଡିଛି ଯେ, ବିରଳ ଡୁଆଲ୍ ଇଞ୍ଜିନ୍ ବିଫଳତା ଘଟଣାକୁ ଧ୍ୟାନରେ ରଖିସାତଟି ସମ୍ଭାବ୍ୟ ଷଡ଼ଯନ୍ତ୍ରର ତଦନ୍ତ ଆରମ୍ଭ କରାଯାଇଛି। ଏଥିରେ ଇନ୍ଧନ ଟ୍ୟାମ୍ପରିଂ, ସୁରକ୍ଷା ତ୍ରୁଟି ଏବଂ ବୈଷୟିକ ତ୍ରୁଟି ଭଳି ଦିଗ ଉପରେ ଗଭୀର ତଦନ୍ତ ଚାଲିଛି। ଜୁନ୍ ୧୨ ତାରିଖରେ ଏୟାର ଇଣ୍ଡିଆର ଲଣ୍ଡନ ଯାଉଥିବା ବିମାନ ଏଆଇ ୧୭୧ ଅହମଦାବାଦ ବିମାନବନ୍ଦରରୁ ଉଡ଼ିବା ଆରମ୍ଭ କରିବାର ୪୦ ସେକେଣ୍ଡ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ୨୪୨ ଜଣ ବିମାନ ଯାତ୍ରୀଙ୍କ ମଧ୍ୟରୁ କେବଳ ଜଣଙ୍କୁ ଛାଡ଼ିଦେଲେ ବାକିମାନଙ୍କ ମୃତ୍ୟୁ ହୋଇଥିଲା।

ଦୁର୍ଘଟଣା ପରେ ପ୍ରାରମ୍ଭିକ ରିପୋର୍ଟରେ ଡୁଆଲ୍ ଇଞ୍ଜିନ୍ ବିଫଳତା କିମ୍ବା ହାଇଡ୍ରୋଲିକ୍/ଇଲେକ୍ଟ୍ରୋନିକ୍ ସିଷ୍ଟମର ବିଫଳତା ସନ୍ଦେହ କରାଯାଉଛି। ଦୁର୍ଘଟଣା ପରେ ଉଦ୍ଧାର ହୋଇଥିବା ବ୍ଲାକ୍ ବାକ୍ସରୁ ତଥ୍ୟ ଦିଲ୍ଲୀର ଏଏଆଇବି ଲ୍ୟାବରେ ଡାଉନଲୋଡ୍ କରାଯାଇଛି ଏବଂ ଏହାର ବିସ୍ତୃତ ତଦନ୍ତ ଚାଲିଛି।

ଗୁଇନ୍ଦା ସୂତ୍ରରୁ ଜଣାପଡ଼ିଛି ଯେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ସାତଟି ପ୍ରମୁଖ ଦିଗ ଉପରେ ମୁଖ୍ୟତଃ ଧ୍ୟାନ ଦେଇ ଯାଞ୍ଚ କରୁଛନ୍ତି। ପ୍ରଥମତଃ: ଇନ୍ଧନ ଶୃଙ୍ଖଳାରେ ହେରଫେର ହେବାର ସମ୍ଭାବନା, ଯେଉଁଥିରେ ବିମାନବନ୍ଦରରେ ଇନ୍ଧନ ଯୋଗାଣ କିମ୍ବା ଗୁଣବତ୍ତା ହେରଫେର ଅନ୍ତର୍ଭୁକ୍ତ ହୋଇପାରେ। ଦ୍ୱିତୀୟତଃ: ସୁରକ୍ଷା ପ୍ରୋଟୋକଲରେ ତ୍ରୁଟି, ଯାହା ବୋର୍ଡିଂ ପ୍ରକ୍ରିୟା କିମ୍ବା ବ୍ୟାଗେଜ ଯାଞ୍ଚରେ ଅବହେଳା ଥିବା ସନ୍ଦେହ କରାଯାଉଛି। ତୃତୀୟତଃ: ସାଇବର ଆକ୍ରମଣର କୋଣ, ଯେଉଁଥିରେ ବିମାନର ଇଲେକ୍ଟ୍ରୋନିକ୍ ସିଷ୍ଟମ ହ୍ୟାକିଂ ହେବାର ସମ୍ଭାବନା ଅନ୍ତର୍ଭୁକ୍ତ ରହିଛି। ଯେଉଁଥିରେ ଇଞ୍ଜିନ କିମ୍ବା ଅନ୍ୟାନ୍ୟ ଅଂଶରେ ନିର୍ମାଣ ତ୍ରୁଟି ଥିବାରତଦନ୍ତ କରାଯାଉଛିଛ ପଞ୍ଚମ: ଆଭ୍ୟନ୍ତରୀଣ ତ୍ରୁଟି, ଯେଉଁଥିରେ କ୍ରୁ କିମ୍ବା ଭୂମି କର୍ମଚାରୀଙ୍କ ସମ୍ପୃକ୍ତି ଥିବା ନେଇ ତଦନ୍ତ କରାଯାଉଛି। ଷଷ୍ଠ: ବାହ୍ୟ ଆତଙ୍କବାଦୀ ଷଡ଼ଯନ୍ତ୍ରଛ ଯେଉଁଥିରେ ବିମାନକୁ ଟାର୍ଗେଟ କରିବାର ଯୋଜନା ଅନ୍ତର୍ଭୁକ୍ତ ହୋଇପାରେଛ ସପ୍ତମ: ମାନବ ତ୍ରୁଟି, ଯେଉଁଥିରେ ପାଇଲଟ୍ କିମ୍ବା ନିୟନ୍ତ୍ରଣ ଟାୱାରର ଭୁଲ ଥିବା ଦିଗରେ ତଦନ୍ତ କରାଯାଉଛି।

## ତେଲେଙ୍ଗାନା ଫାର୍ମା କମ୍ପାନୀରେ ବିସ୍ଫୋରଣ : ୧୨ ମୃତ



ନୂଆଦିଲ୍ଲୀ : ତେଲେଙ୍ଗାନାରେ ଏକ ଫାର୍ମା କମ୍ପାନୀରେ ବିସ୍ଫୋରଣ ହୋଇ ୧୨ ଜଣଙ୍କର ଜୀବନ ଯାଇଥଲବାବେଳେ ୩୪ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି।

ପୂର୍ବାହ୍ନ ୮.୧୫ରୁ ୯.୩୫ ମଧ୍ୟରେ ତେଲେଙ୍ଗାନାର ସାଙ୍ଗାରେଡ୍ଡୀ ଜିଲ୍ଲାର ସିଗାଚୀ ଫାର୍ମ କମ୍ପାନୀରେ ବିରାଟ ବିସ୍ଫୋରଣ ଘଟିଥଲଲା। ଘଟଣା ଘଟିବା ପରେ ୧୧ ଦମକଳ ବାହିନୀକୁ ନିଆଁ ଲିଭାଇବା ପାଇଁ ଘଟଣାସ୍ଥଳରେ ପହଞ୍ଚଲଥଲଲେ। ତେବେ ପ୍ରଶାସନକୁ ଏ ପର୍ଯ୍ୟନ୍ତ କୌଣସି ମୃତଦେହ ମିଳିନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁମାନେ ମୃତ୍ୟୁବରଣ କରିଛନ୍ତି ତାଙ୍କ ପରିବାରବର୍ଗଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତିଛ ଯେଉଁମାନେ ଆହତ ହୋଇଛନ୍ତି ସେମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିଛନ୍ତିଛ ସେ ଉଲ୍ଲେଖ କରିଛନ୍ତି ଯେ ତେଲେଙ୍ଗାନାରେ ଏଭଳି ଦୁର୍ଘଟଣାର ଖବର ପାଇବା ତାଙ୍କୁ ହତବାକ୍ କରିଛିଛ ଯେଉଁମାନେ ନିଜର ଆମଳୀୟସ୍ୱଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ସମବେଦନା ଜ୍ଞାପନ କରୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଯୁଦ୍ଧାକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଚାଲିଛି। ରାଜ୍ୟ ସରକାରଙ୍କ କର୍ତ୍ତୃପକ୍ଷ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି।

## ପାଇଲଟ ପୁଅଙ୍କ ମୃତ୍ୟୁ ପରେ ଆଖି ବୁଜିଲେ ମା

ନୂଆଦିଲ୍ଲୀ: କେଦାରନାଥ ଧାମରେ ଜୁନ୍ ୧୫ ତାରିଖରେ ହେଲିକପ୍ଟର ଦୁର୍ଘଟଣାରେ ୫ଜଣ ଯାତ୍ରୀଙ୍କ ସମେତ ୨ଜଣ ପାଇଲଟଙ୍କୁ ମିଶାଇ ୭ଜଣଙ୍କ ମୃତ୍ୟୁ ହୋଇଥିବାର ଦୁଃଖଦ ଘଟଣା ସାମ୍ନାକୁ ଆସିଥିଲା। ପ୍ରାଣ ହରାଇଥିବା ମହାରାଷ୍ଟ୍ରର ଜୟସୱାଲ ପରିବାରର ତିନିଜଣ ସଦସ୍ୟ ରାଜକୁମାର ଜୟସୱାଲ, ତାଙ୍କ ପତ୍ନୀ ଶ୍ରଦ୍ଧା ଜୟସୱାଲ ଏବଂ ସେମାନଙ୍କର ୨୩ମାସର ଶିଶୁ କାଶୀ ଜୟସୱାଲଙ୍କ ସମେତ ସ୍ଥାନୀୟ ବାସିନ୍ଦା ବିନୋଦ ନେଗି, ବିକ୍ରମ ସିଂହ ଏବଂ ପାଇଲଟ କ୍ୟାପ୍ଟେନ ରାଜବୀର ସିଂହ ଚେହ୍ୱାନଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ଜୟପୁର ପାଇଲଟ୍ ରାଜବୀର ସିଂହ ଚେହ୍ୱାନଙ୍କ ମାଆ ତାଙ୍କ ପୁଅର ମୃତ୍ୟୁର ଦୁଃଖକୁ ସହ୍ୟ କରିପାରି ନଥିଲେ। ହେଲିକପ୍ଟର ଦୁର୍ଘଟଣାରେ ରାଜବୀରଙ୍କ ମୃତ୍ୟୁର ୧୩ ଦିନ ପରେ ତାଙ୍କ ମାଆ ଜୟପୁରରେ ମୃତ୍ୟୁ ହୋଇଥିବାର ଦୁଃଖଦ ଘଟଣା ସାମ୍ନାକୁ ଆସିଛି।

# ସୁପ୍ରିମକୋର୍ଟରେ ପହଞ୍ଚିଲା ଆଇନଛାତ୍ରୀଙ୍କ ଗଣଦୁଷ୍କର୍ମ ମାମଲା

କୋଲକାତା: କୋଲକାତାରେ ଜଣେ ଆଇନ ଛାତ୍ରୀଙ୍କୁ କରାଯାଇଥିବା ଗଣଦୁଷ୍କର୍ମ ମାମଲା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛି। ସୁପ୍ରିମକୋର୍ଟର ଓକିଲ ସତ୍ୟମ ସିଂହ ସୋମବାର କୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ତଦନ୍ତ ଦାବି କରି ଏକ ଆବେଦନ ଦାଖଲ କରିଛନ୍ତି। ସୁପ୍ରିମକୋର୍ଟରେ କରାଯାଇଥିବା ଆବେଦନରେ ଆବେଦନକାରୀ ଦୁଇଟି ଦାବି କରିଛନ୍ତି। ଗୋଟିଏ ତଦନ୍ତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ହୋଇଯିବା ଆବଶ୍ୟକ। ଦ୍ୱିତୀୟରେ ପୀଡିତାଙ୍କ ସୁରକ୍ଷା ଏବଂ କ୍ଷତିପୂରଣର ଦାବି କରାଯାଇଛି । ଉଲ୍ଲେଖଯୋଗ୍ୟ, ଜୁନ ୨୫ ତାରିଖରେ ଦକ୍ଷିଣ କୋଲକାତାର ଆଇନ କଲେଜର ଜଣେ ପ୍ରଥମ ବର୍ଷର ଛାତ୍ରୀଙ୍କୁ ଦୁଇଜଣ ସିନିୟର ଛାତ୍ର ଏବଂ ଜଣେ ପୂର୍ବତନ ଛାତ୍ର ଗଣଦୁଷ୍କର୍ମ କରିଥିଲେଛ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ମନୋଜିତ ମିଶ୍ର ସହିତ ୪ଜଣଙ୍କୁ ଏଯାବତ ଗିରଫ କରାଯାଇଛି।

ଆଇନ ଛାତ୍ରୀଙ୍କୁ କରାଯାଇଥିବା ଗଣଦୁଷ୍କର୍ମ ମାମଲା ସାମ୍ନାକୁ ଆସିବା ପରେ, ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ କଂଗ୍ରେସ ଦଳ ଅସନ୍ତୋଷ ବ୍ୟକ୍ତ କରି ବଙ୍ଗଳାର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନ ଉଠାଇଛନ୍ତି।

# ସୀମା ବିବାଦର ସମାଧାନ ପାଇଁ ସମୟ ଲାଗିବ : ଚୀନ



ବେଜିଂ : ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଜୁନ୍ ୨୬ ତାରିଖରେ କ୍ୱିଂଡାଓରେ ତାଙ୍କର ଚୀନ୍ ପ୍ରତିପକ୍ଷ ଡଙ୍ଗ୍ ଜୁନଙ୍କ ସହ ଏକ ବୈଠକରେ ପ୍ରସ୍ତାବ ଦେଇଥିଲେ ଯେ ଭାରତ ଏବଂ ଚୀନ୍ ସୀମାରେ ଉତ୍ତେଜନା ହ୍ରାସ କରିବା ଏବଂ ସୀମା ନିର୍ଦ୍ଧାରଣର ବର୍ତ୍ତମାନର ବ୍ୟବସ୍ଥାକୁ ପୁନର୍ଜୀବିତ କରିବା ପାଇଁ ପଦକ୍ଷେପ ନେଇ ଏକ ସୁସଂଗଠିତ ଢାଞ୍ଚା ଅଧୀନରେ ଏହ 'ଜଟିଳ ସମସ୍ୟା' ସମାଧାନ କରିବା ଉଚିତ।

ଏ ସମ୍ପର୍କରେ, ସୋମବାର ଚୀନ୍ କହିଛି ଯେ ଭାରତ ସହିତ ସୀମା ବିବାଦ ସମୟ ଲାଗିବ । ତେବେ ସୀମା ନିର୍ଦ୍ଧାରଣ ଏବଂ ଶାନ୍ତିପୂର୍ଣ୍ଣ ପରିସ୍ଥିତି ବଜାୟ ରଖିବାକୁ ମଧ୍ୟ ଚୀନ ଇଚ୍ଛା ପ୍ରକାଶ କରିଛି। ସଂଗଠନ (ଏସସିଓ) ସମ୍ମିଳନୀ ଅବସରରେ ସିଂହ ଏବଂ ଡଙ୍ଗ୍ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ, ଯେଉଁଥିରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲଏସି) ରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ଉପରେ ଆଲୋଚନା କରାଯାଇଥିଲା। ଭାରତର ପ୍ରତିରକ୍ଷା ମନ୍ତ୍ରୀଙ୍କ ମନ୍ତବ୍ୟ ଉପରେ ଚୀନର ପ୍ରତିକ୍ରିୟା ବିଷୟରେ ପଚରାଯିବାରୁ, ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି, ମୁଁ ଆପଣଙ୍କୁ କହିପାରିବି ଯେ ଚୀନ୍ ଏବଂ ଭାରତ ସୀମା ସମ୍ବନ୍ଧୀୟ ପ୍ରସଙ୍ଗରେ ଏକ ସ୍ୱତନ୍ତ୍ର ଦଳ ଗଠନ କରିଛନ୍ତି ଏବଂ ଚୀନ୍-ଭାରତ ସୀମା ସମସ୍ୟାର ସମାଧାନ ପାଇଁ ରାଜନୈତିକ ପାରାମିଟର ଏବଂ ମାର୍ଗଦର୍ଶକ ନୀତି ଉପରେ ସହମତ ହୋଇଛନ୍ତି।

# ଆଜିଠୁ ରେଳଯାତ୍ରା ମହଙ୍ଗା



ନୂଆଦିଲ୍ଲୀ : ଆସନ୍ତା କାଲି ଅର୍ଥାତ ଜୁଲାଇ ୧ରୁ ବର୍ଦ୍ଧିତ ରେଳଭଡ଼ା ଲାଗୁ ହେବ । ଏ ନେଇ ରେଳ ମନ୍ତ୍ରାଳୟ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ରିଜର୍ଭେସନ୍ ଫି, ସୁପରଫାଷ୍ଟ ସରଚାର୍ଜ ଏବଂ ଅନ୍ୟାନ୍ୟ ଶୁଳ୍କ ଅପରିବର୍ତ୍ତିତ ରହିଛିଛଏହି ବିଜ୍ଞପ୍ତି ଅନୁସାରେ ସାଧାରଣ ଶ୍ରେଣୀରେ ୫୦୦ କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧି କରାଯାଇନାହିଁ । ତେବେ ୫୦୧ରୁ ୧୫୦୦ କିଲୋମିଟର ଦୂରତା ପାଇଁ ୫ ଟଙ୍କା ଏବଂ ୨୫୦୦ କିଲୋମିଟର ପର୍ଯ୍ୟନ୍ତ ଦୂରତା ପାଇଁ ୧୦ ଟଙ୍କା ଏବଂ ୨୫୦୧ ରୁ ୩୦୦୦ କିଲୋମିଟର ଦୂରତା ସ୍ଲାବ୍ ପାଇଁ ୧୫ ଟଙ୍କା ବୃଦ୍ଧି କରାଯାଇଛି । ପ୍ରଥମ ଶ୍ରେଣୀ ପାଇଁ ପ୍ରତି କିଲୋମିଟରରେ ୦.୫ ପଇସା ବୃଦ୍ଧି କରାଯାଇଛି । ଅନ୍ୟପକ୍ଷରେ ଏସି ଚେୟାର କାର୍, ଏସି-୩ ଟାୟାର /ଏସି-୩ ଟାୟାର ଇକୋନୋମି, ଏସି ୨-ଟାୟାର, ଏବଂ ଏସି ପ୍ରଥମ/ଏକଜୁକୁଟିଭ ଶ୍ରେଣୀ ଲାଗି ପ୍ରତି କିଲୋମିଟରରେ ୦୨ ପଇସା ବୃଦ୍ଧି କରାଯାଇଛି।

ଏହି ଭଡ଼ା ସଂଶୋଧନ ରାଜଧାନୀ, ଶତାବ୍ଦୀ, ଦୂରନ୍ତ, ବନ୍ଦେ ଭାରତ, ତେଜସ, ହମସଫର, ଅମୃତ ଭାରତ, ମହାମାନ, ଗତିମାନ, ଅନ୍ତ୍ୟୋଦୟ, ଜନ ଶତାବ୍ଦୀ, ଯୁବା ଏକ୍ସପ୍ରେସ୍, ଏସି ଭିଷ୍ଟାଡୋମ୍ କୋଚ୍, ଅନୁଭୂତି କୋଚ୍ ଏବଂ ସାଧାରଣ ଅଣ-ଉପନଗର ସେବା ଭଳି ପ୍ରିମିୟର ଏବଂ ସ୍ୱତନ୍ତ୍ର ଟ୍ରେନ୍ ସେବା ପାଇଁ ମଧ୍ୟ ପ୍ରଯୁଜ୍ୟ । ତେବେ ରିଜର୍ଭେସନ୍ ଫି, ସୁପରଫାଷ୍ଟ ସରଚାର୍ଜ ଏବଂ ଅନ୍ୟାନ୍ୟ ଶୁଳ୍କ ଅପରିବର୍ତ୍ତିତ ରହିଛି।

# କର୍ଣ୍ଣାଟକ କଂଗ୍ରେସରେ କନ୍ଦଳ : ହାଇକମାଣ୍ଡ ନେବେ ନିଷ୍ପତ୍ତି



ନୂଆଦିଲ୍ଲୀ : କର୍ଣ୍ଣାଟକ କଂଗ୍ରେସରେ ଦେଖାଦେଇଥଲବା କନ୍ଦଳକୁ ନେଇ ଏଆଇସିସି ସଭାପତି ମଲ୍ଲିକାର୍ଜୁନେ ଖଡଗେ ମୁହଁ ଖୋଲିଛନ୍ତି। କର୍ଣ୍ଣାଟକରେ ନେତୃତ୍ୱ ପରିବର୍ତ୍ତନ ନେଇ ସେ କହିଛନ୍ତି ଯେ ଦଳୀୟ ହାଇକମାଣ୍ଡ ଏ ସମ୍ପର୍କରେ ନିଷ୍ପତ୍ତି ନେବେ।

କଂଗ୍ରେସ ସାଧାରଣ ସମ୍ପାଦକ ରଣଦୀପ ସିଂହ ସୁରଜୱାଲା ବେଙ୍ଗାଲୁରୁ ଗସ୍ତ କରି କର୍ଣ୍ଣାଟକରେ ସୃଷ୍ଟି ହୋଇଥଲବା ବିବାଦ ଉପରେ ଅନୁଧାନ କରୁଛନ୍ତି। ସିଦ୍ଦରମେୟାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଅପସାରଣ କରି ଡିକେ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବା ନେଇ ଚର୍ଚ୍ଚା ହେଉଛି। ତେବେ ଏ ସମ୍ପର୍କରେ ଖଡଗେଙ୍କୁ ପଚାରିବାରୁ ସେ କହିଥଲଲେ ଯେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ନିଷ୍ପତ୍ତି ହାଇକମାଣ୍ଡ ନେବେ। ଏ ସମ୍ପର୍କରେ କେହି କିଛି କହିପାରିବେ ନାହିଁ। ଏହା ହାଇକମାଣ୍ଡଙ୍କ ଉପରେ ଛାଡି ଦିଆଯାଇଛି। ହାଇକମାଣ୍ଡଙ୍କ କ୍ଷମତା ରହିଛି ସେ ଯାହା କିଛି କରିପାରିବେ। ତେବେ କୌଣସି ଲୋକ ସମସ୍ୟା ସୃଷ୍ଟି କରନ୍ତୁ ନାହିଁ। ପୂର୍ବରୁ କର୍ଣ୍ଣାଟକ କଂଗ୍ରେସ ବିଧାୟକ ଏଚ୍ଏ ଇକବାଲ୍ ହୁସେନ୍ ଦାବି କରିଥଲଲେ ଯେ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ୨ ରୁ ୩ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ କରାଯାଉଛ ଆମେ ସମସ୍ତେ ଜାଣିଛେ କଂଗ୍ରେସ କ୍ଷମତାକୁ ଆସିବା ପଛରେ ତାଙ୍କର ଅବଦାନ ରହିଛି। ତାଙ୍କର ରଣନୀତି ଯୋଗୁ ଏକ ଇତିହାସ ସୃଷ୍ଟି ହୋଇଥଲଲା। ମୁଁ କଳ୍ପନା ଜଳ୍ପନାରେ ବିଶ୍ୱାସ କରେନାହିଁ। ଶିବକୁମାର କହିଥଲଲେ ଯେ ଯିଏ କଂଗ୍ରେସର ସଭାପତି ଥଲବ ସେ ଏହିବର୍ଷ ମୁଖ୍ୟମନ୍ତ୍ରୀ ହେବାକଥାଛ ତେବେ ହୁସେନ୍ କହିଥଲଲେ ଯେ ମୁଁ ସେୟା କହୁଛି, ସେପ୍ଟେମ୍ବର ପରେ ରାଜନୈତିକ ପରିବର୍ତ୍ତନ କରାଯାଉଛ ଆମେ ସମସ୍ତେ ଦିଲ୍ଲୀ ଯାଇ ସୋନିଆ ଗାନ୍ଧି, ରାହୁଲ ଗାନ୍ଧ ଓ ଖଡଗେଙ୍କୁ ସାକ୍ଷାତ କରି ନିଷ୍ପତ୍ତି ଜଣାଇବୁ। ତେବେ ନେତୃତ୍ୱ ପରବର୍ତ୍ତନ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। କଳ୍ପନା ଜଳ୍ପନା ଅନୁଯାୟୀ ସିଦ୍ଦରମେୟା ଓ ଶିବକୁମାରଙ୍କ ମଧ୍ୟରେ କ୍ଷମତା ବଣ୍ଟାଯିବ ବୋଲି ପୂର୍ବରୁ ନିଷ୍ପତ୍ତି ହୋଇଥଲଲା। ମେ ୨୦୨୩ରେ କଂଗ୍ରେସ କର୍ଣ୍ଣାଟକ ବିଧାନସଭା ଜିତିବା ପରେ ଉଭୟ ଉଭୟ ସିଦ୍ଦରମେୟା ଓ ଶିବକୁମାର ସିଏମ୍ ପଦବୀ ପାଇଁ ଦାବିଦାର ଥଲଲେ। କଂଗ୍ରେସ ଶିବକୁମାରଙ୍କୁ ବୁଝାଇ ଉପମୁଖ୍ୟମନ୍ତ୍ରୀ ପଦ ନେବାପାଇଁ ରାଜି କରିଥଲଲା। ତେବେ ସୂଚନା ଅନୁଯାୟ ରୋଟେସନ୍ ଅନୁଯାୟୀ ମୁଖ୍ୟମନ୍ତ୍ରୀ ପଦବୀରେ ଅଦଳ ବଦଳ କରାଯିବ। ଶିବକୁମାରଙ୍କୁ ଅଢେଇ ବର୍ଷ ଦାୟିତ୍ୱ ଦିଆଯିବ। ତେବେ ଖଡଗେଙ୍କ ହାଇକମାଣ୍ଡ ମନ୍ତବ୍ୟ ଉପରେ ବିଜେପି ପ୍ରତିକ୍ରିୟା ଦେଇଛି। ବିଜେପି ମୁଖପାତ୍ର ସେହେଜାଦା ପୁନାୱାଲା କହିଛନ୍ତି ଯେ କଂଗ୍ରେସ ସଭାପତିଙ୍କର ଦଳରେ କିଛି ମୂଲ୍ୟ ନାହିଁ।

# ଆପଲକୁ ପୁଣି ଟ୍ରମ୍ପଙ୍କ ଧମକ

ୱାସିଂଟନ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ବିଶ୍ୱର ପ୍ରମୁଖ ଟେକନଲୋଜୀ କମ୍ପାନି ଆପଲକୁ ଚେତାବନୀ ଦେଇଛନ୍ତି ଯେ ଯଦି ଏହାର ମୋବାଇଲ୍ ଫୋନ୍ ଆମେରିକାରେ ତିଆରି ନହୁଏ, ତେବେ ଏହା ଉପରେ ଭାରୀ ଟିକସ ଲାଗୁ କରାଯିବ। ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ସେ ଚାହାଁନ୍ତି ଯେ ଆମେରିକାରେ ବିକ୍ରି ହେଉଥିବା ମୋବାଇଲ୍ ଫୋନ୍ ଏବେ ଆମେରିକୀୟ ମାଟିରେ ତିଆରି ହେବା ଉଚିତ, ଭାରତ କିମ୍ବା ଅନ୍ୟ କୌଣସି ଦେଶରେ ନୁହେଁଛ ସେ କହିଛନ୍ତି ଯେ ଯଦି ଏହା ନହୁଏ, ତେବେ ସେ ଆପଲ ଫୋନ୍ ସମେତ ଆମେରିକା ବାହାରେ ତିଆରି ସମସ୍ତ ମୋବାଇଲ୍ ଫୋନ୍ ଉପରେ ୨୫ ପ୍ରତିଶତ ପର୍ଯ୍ୟନ୍ତ ଆମଦାନୀ ଶୁଳ୍କ ଲାଗୁ କରିବା ବିଷୟରେ ବିଚାର କରିବେ। ଆପଲର ଯୋଗାଣକାରୀ କମ୍ପାନୀ ଫକ୍ସକନ୍ ଭାରତର କର୍ଣ୍ଣାଟକ ରାଜ୍ୟର ଦେବନାହଲ୍ଲୀ ଅଞ୍ଚଳରେ ୩୦୦ ଏକର ଜମିରେ ବିସ୍ତୃତ ଏକ କାରଖାନାରେ ପ୍ରାୟ ୨୦,୦୦୦ କୋଟି ଟଙ୍କା ନିବେଶ କରିଛି।

## ଆଗ୍ରା ଏୟାର୍‌ପୋର୍ଟକୁ ବୋମା ଧମକ

ଆଗ୍ରା : ବିମାନବନ୍ଦରକୁ ମିଳିଥିବା ମେଲ୍ ଅନୁସାରେ, ବିମାନବନ୍ଦର ନିକଟରେ ବିସ୍ଫୋରକ ଲୁଚାଇ ରଖାଯାଇଛି। ତୁରନ୍ତ ବିମାନବନ୍ଦର ଖାଲି କରନ୍ତୁଛ ଏଭଳି ଧମକ ମେଲ୍ଆଇଡି ପଠାଯାଇଛି। ମେଲରେ ରୋଡକିଲ୍ ଏବଂ କ୍ୟୋ ଆତଙ୍କବାଦୀ ଆକ୍ରମଣର ଦାୟିତ୍ୱ ନେଇଛନ୍ତି। ବିମାନବନ୍ଦରର ମୁଖ୍ୟ ସୁରକ୍ଷା ଅଧିକାରୀ ସୁକୀର୍ତ୍ତି ନିଗମ ଶାହଗଞ୍ଜ ପୁଲିସ ଷ୍ଟେସନରେ ଅଭିଯୋଗ କରିଛନ୍ତି। ଭାରତର ଅନ୍ୟ ବିମାନବନ୍ଦରଗୁଡ଼ିକୁ ମଧ୍ୟ ଏଭଳି ମେଲ୍ ପଠାଯାଇଛି, ଯାହା ପରେ ଏଜେନ୍ସିଗୁଡ଼ିକ ସତର୍କତା ଅବଲମ୍ବନ କରାଯାଇଛି। ଆଗ୍ରା ପୁଲିସ ଷ୍ଟେସନ ଶାହଗଞ୍ଜ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଗ୍ରା ବିମାନବନ୍ଦରର ମୁଖ୍ୟ ସୁରକ୍ଷା ଅଧିକାରୀ ସୁକୀର୍ତ୍ତି ନିଗମ ଅଭିଯୋଗରେ କହିଛନ୍ତି, 'ଆମକୁ ମିଳିଥିବା ଧମକରେ କୁହାଯାଇଛି ବିମାନବନ୍ଦରରେ ଶକ୍ତିଶାଳୀ ବିସ୍ଫୋରକ ଉପକରଣ ଲୁଚାଇ ରଖାଯାଇଛି, ଆପଣଙ୍କୁ ତୁରନ୍ତ ବିମାନବନ୍ଦର ଖାଲି କରିବାକୁ ହେବଛ ନଚେତ ଅନେକ ଯାତ୍ରୀଙ୍କ ଜୀବନ ଜୀବନ ଚାଲିଯିବ।' ଏହି ସମ୍ପୂର୍ଣ୍ଣ ମାମଲା ସମ୍ପର୍କରେ ଡିସିପି ସୋନମ କୁମାର କହିଛନ୍ତି ଯେ ଗତକାଲି ମୁଖ୍ୟ ସୁରକ୍ଷା ଅଧିକାରୀ ଏକ ଅଭିଯୋଗ କରିଥିଲେଛ ଯେଉଁଥିରେ ଆଗ୍ରା ବିମାନବନ୍ଦରକୁ ବୋମାରେ ଉଡ଼ାଇ ଦେବା ପାଇଁ ଏକ ଧମକପୂର୍ଣ୍ଣ ମେଲ୍ ମିଳିଥିବାର ସୂଚନା ଦେଇଥିଲେଛ ଯେଉଁ ଇମେଲ୍ ଠିକଣାରୁ ଏହି ମେଲ୍ ପଠାଯାଇଛି ତାହା ଠାବ କରାଯାଉଛି, ଖୁବ୍ ଶୀଘ୍ର ଅପରାଧୀମାନଙ୍କୁ ପୁଲିସ କାବୁ କରିବ। ଅନ୍ୟପକ୍ଷରେ, ତାଜମହଲର ପାର୍କିଂ ନିକଟରେ ମଧ୍ୟ ଗୁଳିବିନିମୟ ହୋଇଛିଛ ଗୁଳି ଫୁଟିବା ଶବ୍ଦ ଶୁଣି ପର୍ଯ୍ୟଟକଙ୍କ ମଧ୍ୟରେ କୋକୁଆଭୟ ଖେଳି ଯାଇଥିଲା। ତାଜମହଲର ପାର୍କିଂ ନିକଟରେ ଏକ କାରରେ ଥିବା ଦୁଇଜଣ ଯୁବକ ଏହି ଗୁଳି ଚଳାଇଥିବା ଅଭିଯୋଗ ହୋଇଛି। ଗୁଳି ଚଳାଇବା ପରେ ଉଭୟ ଯୁବକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପୁଲିସ ସେମାନଙ୍କୁ ଧରିବା ପାଇଁ ତଦନ୍ତ କରୁଛି।

# ଆମେରିକାରେ ରଥଯାତ୍ରା

## ଓଡିଶା ସୋସାଇଟ୍ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ



ୱାଶିଂଟନ୍ : ଆମେରିକାର ରୋଡ଼ସ ଆଇଲ୍ୟାଣ୍ଡ ରାଜ୍ୟରେ ରଥଯାତ୍ରା ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ଏହି ଉପଲକ୍ଷେ ଚାରି ଠାକୁର ବିରାଜମାନ କରୁଥିବା ୱାରୱିକ ସ୍ଥିତ ଶ୍ରୀସିଦ୍ଧି ବିନାୟକ ମନ୍ଦିରକୁ ଖୁବ ସୁନ୍ଦର ଭାବରେ ସଜା ଯାଇଥିବା ଦେଖା ଯାଇଥିଲା। ଏଠାରେ ସକାଳେ ମୁଖ୍ୟ ପୂଜାରୀ ଚନ୍ଦ୍ର ଶେଖରଙ୍କ ତତ୍ତ୍ୱାବଧାନରେ ମଙ୍ଗଳ ଆରତୀ, ହୋମ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା ତଥା ନୀତିକାନ୍ତି ଆଦି ଧାର୍ମିକ ବିଧି ଅନୁଯାୟୀ ସମ୍ପନ୍ନ କରାଯାଇଥିଲା। ରୋଡ଼ସ ଆଇଲ୍ୟାଣ୍ଡରେ ଅଷ୍ଟମ ଥର ପାଇଁ ଅନୁଷ୍ଠିତ ହେଉଥିବା ରଥଯାତ୍ରା ମହୋତ୍ସବକୁ କେନ୍ଦ୍ର କରି ଉପସ୍ଥିତ ଶତାଧିକ ଭକ୍ତଗଣଙ୍କ ମଧ୍ୟରେ ଅପୂର୍ବ ଆନନ୍ଦ, ଅସୀମ ଉଲ୍ଲାସ, ଅଜସ୍ର ଉତ୍ସାହ ଓ ଅଦମ୍ୟ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲାଛ ଚଳିତବର୍ଷ ଘୋଷ ଯାତ୍ରାରେ ରୋଡ଼ସ ଆଇଲ୍ୟାଣ୍ଡର ଶ୍ରଦ୍ଧାଳୁମାନଙ୍କ ସହିତ ସୁଦୂର ପେନସିଲଭାନିଆ, ନିୟୁଜର୍ସି, କନେକ୍ଟିକଟ ଓ ମାସାଚ୍ୟୁଟସ ଆଦି ସ୍ଥାନରୁ ବହୁ ସଂଖ୍ୟାରେ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତ, ସେମାନଙ୍କର ପରିବାରବର୍ଗ ଓ ବନ୍ଧୁ ପରିଜନଙ୍କ ସହିତ ଆସି ଭାଗ ନେଇଥିବାର ଲକ୍ଷ୍ୟ କରାଯାଇଥିଲା।

ଦିନ ସାଢ଼େ ୧୧ ଟାରେ ମନ୍ତ୍ରର ଗହଗହ ଉଚ୍ଚାରଣ, ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନି ତଥା ଶଙ୍ଖ, ଘଣ୍ଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଘୋର ଘର୍ଘର ସ୍ୱର ଝଙ୍କାର ଦ୍ୱାରା ଗଗନ ପବନ ପ୍ରକମ୍ପିତ ହେବା ମଧ୍ୟରେ ଚାରି ଠାକୁରଙ୍କର ଧାଡ଼ି ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ପ୍ରଥମେ ପ୍ରଭୁ ସୁଦର୍ଶନ, ତା'ପରେ ବଡଭାଇ ବଳଭଦ୍ର, ପରେ ପରେ ଦେବୀ ସୁଭଦ୍ରା ଓ ସବାଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସେବାୟତ ଓ ସଙ୍ଗଠକମାନେ ସାହି ରୋଷଣୀ କରି ମନ୍ଦିର ସାମ୍ନାରେ ଦଣ୍ଡାୟମାନ ସୁନ୍ଦର, ସୁରମ୍ୟ ଓ ବିଭିନ୍ନ ରଙ୍ଗବେରଙ୍ଗ କପଡାରେ ସୁସଜ୍ଜିତ ୧୫ଫୁଟ ଉଚ୍ଚତା ବିଶିଷ୍ଟ ରଥ ଉପରକୁ ନେଇ ଆସୀନ କରାଯାଇଥିଲା। ଏଠାରେ ମହିଳାମାନେ ଦେବୀ ସୁଭଦ୍ରାଙ୍କୁ ନଚେଇ ନଚେଇ ରଥ ଉପରକୁ ନେଉଥିବାର ଦୃଶ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲାଛ ପଦ୍ମିନୀ ପଣ୍ଡା, ସୁଦୀପା ନାୟକ ଏବଂ ଶ୍ରଦ୍ଧା ନାୟକ ପ୍ରମୁଖ ଶ୍ରୀଜିଉମାନଙ୍କୁ ଓ ସେମାନଙ୍କ ରଥକୁ ଖୁବ ସୁନ୍ଦର ଭାବରେ ଫୁଲ ମାଳ ସହିତ ସଜ୍ଜାଇ ଥିଲେ।

ନୌସେନାର ଅବସର ପ୍ରାପ୍ତ ଲେଫ୍ଟନାଣ୍ଟ ଅଶୋକ କୁମାର ମହାପାତ୍ର ପାରମ୍ପରିକ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଭଜନ, ଜଣାଣ ଓ କୀର୍ତ୍ତନର ତାଳେତାଳେ ଅପରାହ୍ନ ୧ଟା ବେଳେ ରଥଟଣା ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ରଥଟିକୁ ସିଦ୍ଧିବିନାୟକ ମନ୍ଦିରର ଚତୁଃପାର୍ଶ୍ୱରେ ଦେଢ଼ କିଲୋମିଟର ଦୂର ପର୍ଯ୍ୟନ୍ତ ଟଣା ଯାଇ ପୁଣି ମନ୍ଦିର ବେଢ଼ାକୁ ଫେରାଇ ଅଣାଯାଇଥିଲାଛ ୱାରୱିକର ରାଜରାସ୍ତାରେ ରାଜକୀୟ ଠାଣିରେ ଚତୁର୍ଦ୍ଧା ମୂର୍ତ୍ତି ଆରୋହଣ କରିଥିବା ଅପରୂପ ଓ ଅନୁପମ ରଥଟି ଗଡ଼ି ଗଡ଼ି ଚାଲିବାର ଦୃଶ୍ୟ ଅନନ୍ୟ ଓ ଅବିସ୍ମରଣୀୟ ଥିଲା।

# ଭାରତୀୟ ଅଭ୍ୟାସ ଶିବିରରେ ବ୍ରାର୍




ଏଜବାଷ୍ଟନ: ଆଇପିଏଲ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ପଞ୍ଜାବ କିଙ୍ଗ୍‌ସର ବାମହାତୀ ସ୍ପିନର ହରପ୍ରୀତ ବ୍ରାର୍ଙ୍କୁ ଭାରତୀୟ ଦଳର ଅଭ୍ୟାସ ଶିବିରରେ ଦେଖିବାକୁ ମିଳିଛନ୍ତି । ଏଜ୍‌ବାଷ୍ଟନ୍‌ର ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ନେଟ୍ସ ଲାଗି ତାଙ୍କୁ ଗେଷ୍ଟ ବୋଲର ଭାବେ ସାମିଲ କରାଯାଇଛି । ଭାରତୀୟ ଅଧିନାୟକ ତଥା ପଞ୍ଜାବ ଜନ୍ମିତ ଶୁବମନ ଗିଲ୍‌ଙ୍କ ଅନୁରୋଧରେ ସେ ବି ନେଟ୍ସରେ ଯୋଗ ଦେଇ ବୋଲିଂ ଆରମ୍ଭ କରି ଦେଇଛନ୍ତି । ତାଙ୍କୁ କେବଳ ଅଭ୍ୟାସ ଉଦ୍ଦେଶ୍ୟରେ ସାମିଲ କରାଯାଇଥିବାରୁ ସେ ଅଣଦଳୀୟ ପୋଷାକ ପିନ୍ଧି ବୋଲିଂ କରିଥିଲେ । ବିସିସିଆଇ ବ୍ରାର୍ଙ୍କୁ ଅଭ୍ୟାସ ଅଧିବେଶନର ଏକ ଭିଡିଓ ପୋଷ୍ଟ କରିଛି । ଯେଉଁଥିରେ ବ୍ରାର୍, ପତ୍ନୀଙ୍କ ଘରୋଇ ସହର ସ୍ୱିଡେନ୍‌ରେ ଥିବା ଉଲ୍ଲେଖ କରିବା ସହ ଅଧିନାୟକ ଗିଲ୍‌ଙ୍କ ମେସେଜ୍ ପାଇବା ପରେ ସେ ତା'ପରଦିନ ଭାରତୀୟ ଦଳର ଅଭ୍ୟାସ ଅଧିବେଶନରେ ଯୋଗ ଦେଇଥିବା କହିଛନ୍ତି । ""ମୋ ପତ୍ନୀ ଘର ସ୍ୱିଡେନ୍ । ଏହା ବର୍ମିଂହାମ୍ର ଅତି ନିକଟରେ । ମାତ୍ର ୧-୧.୫ ଘଣ୍ଟା ସମୟ ଲାଗୁଛି । ଶୁବମନ

# ସିରାଜଙ୍କ ବ୍ୟାଟ୍ ଭାଙ୍ଗିଲା

ଏଜ୍‌ବାଷ୍ଟନ, ୩୦।୬(ଏଜେନ୍ସି) : ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ନିଜ ବ୍ୟାଟିଂକୁ ଶାଣିତ କରୁଛନ୍ତି । ଏଥିପାଇଁ ଏଜ୍‌ବାଷ୍ଟେନ୍‌ର ବ୍ୟାଟିଂ ଅଭ୍ୟାସ ଜୋର୍ଦାର କରୁଛନ୍ତି । ଅଭ୍ୟାସ ଅଧିବେଶନ ବେଳେ ତାଙ୍କ ବ୍ୟାଟ୍ ଭାଙ୍ଗିଥିବା ନେଇ ସିରାଜ ଜାଣିବାକୁ ପାଇଲେଛ ଏହା ଦେଖି ସେ ଦ୍ୱନ୍ଦ୍ୱରେ ପଡ଼ିବା ସହ ନିରାଶ ହୋଇଥିଲେ । ଏହା ଅନ୍ଲାଇନରେ ପ୍ରଶଂସକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଅଭ୍ୟାସ ଅଧିବେଶନର ଏହି ନାଟକୀୟ ମୁହୂର୍ତ୍ତର ଭିଡିଓ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ହୋଇଥିଲା । ଏହି ଭିଡିଓରେ ସିରାଜ ନେଟ୍ସକୁ ଯାଉଥିଲା ବେଳେ ବ୍ୟାଟି ଭାଙ୍ଗିଥିବା ଦେଖୁଛନ୍ତି । ଏହା ପରେ ସ୍ମିତ ହସ ସହ ମଜାଦାର କ୍ରୋଧ ଦେଖାଉଛନ୍ତି ।

## ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍

# ଫାଇନାଲ୍‌ରେ ତନ୍ୱୀ, ଆୟୁଷ







: ଲୋଓ୍ୱା, ୩୦।୬(ଏଜେନ୍ସି) : ସମ୍ମାନଜନକ ୟୁଏସ୍ ଓପନ୍ ସୁପର ୩୦୦ ବ୍ୟାଡ୍ମିଣ୍ଟନ୍ ପ୍ରତିଯୋଗିତାରେ ଭାରତୀୟ ଲଳନା ତନ୍ୱୀ ଶର୍ମା ଜୟଯାତ୍ରା ଜାରି ରଖି ଫାଇନାଲ୍ ସ୍ଥାନ ପକ୍କା କରିଛନ୍ତି । ସେହିଭଳି ପୁରୁଷ ଏକକରେ ଆୟୁଷ ସେଟ୍ଟୀ ଐତିହାସିକ ସଫଳତା ସହ ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି । ରବିବାର ୧୬ବର୍ଷୀୟା ତନ୍ୱୀ ମହିଳା ଏକକ ସେମିଫାଇନାଲ୍‌ରେ ସପ୍ତମ ମାନ୍ୟତାପ୍ରାପ୍ତ ୟୁକ୍ରେନ୍‌ର ପୋଲିନା ବୁରୋଭାଙ୍କୁ ମାତ୍ର ୩୪ ମିନିଟ୍‌ରେ ୨୧-୧୪, ୨୧-୧୬ରେ ହରାଇଥିଲେ । ଏଥିସହ ତନ୍ୱୀ ଏହିୟୁକ୍ରେନ୍ ଖେଳାଳିଙ୍କ ବିପକ୍ଷରେ ଦ୍ୱିତୀୟ ବିଜୟ ଅର୍ଜନ କରିବା ସହ ବିଶ୍ୱ ଟୁର୍ ଇଭେଣ୍ଟ ଫାଇନାଲ୍ ପହଞ୍ଚିବାରେ ସବୁଠୁ କନିଷ୍ଠ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି । ଫାଇନାଲ୍ରେ ସେ ଶୀର୍ଷ ମାନ୍ୟତାପ୍ରାପ୍ତ ଆମେରିକାର ବିଓ୍ୱେନ୍ ଝାଙ୍ଗଙ୍କୁ ଭେଟିବେ । ପୁରୁଷ ଏକକରେ ଚତୁର୍ଥ ମାନ୍ୟତାପ୍ରାପ୍ତ ଆୟୁଷ କଡ଼ା ସଂଘର୍ଷ ପରେ ୨୧-୨୩, ୨୧-୧୫, ୨୧-୧୪ରେ ବିଶ୍ୱର ୬ ନମ୍ବର ଚାଇନିଜ୍ ତାଇପେଇର ଚେଉ ତିନ ଚେନ୍‌ଙ୍କୁ ପରାସ୍ତ କରିଥିଲେ । ଫାଇନାଲ୍‌ରେ ଆୟୁଷ ତୃତୀୟ ମାନ୍ୟତାପ୍ରାପ୍ତ କାନାଡ଼ାର ବ୍ରାଏନ ୟଙ୍ଗଙ୍କୁ ଭେଟିବେ । ୟଙ୍ଗ ୨୧-୧୦, ୨୧-୧୨ରେ ଚାଇନିଜ୍ ତାଇପେଇର ଲିଆଓ ଝୁଓ-ଫୁଙ୍କୁ ପରାସ୍ତ ହରାଇଥିଲେ ।

# ଏଏଫ୍‌ସି ମହିଳା ଏସୀୟ କପ୍ : ଭାରତର ଜୟଯାତ୍ରା



ଚିଆଙ୍ଗମାଇ (ଥାଇଲାଣ୍ଡ), ୩୦।୬(ଏଜେନ୍ସି) : ଭାରତୀୟ ମହିଳା ଫୁଟବଲ୍ ଦଳ ଚଳିତ ଏଏଫ୍‌ସି ମହିଳା ଏସୀୟ କପ୍ ଯୋଗ୍ୟତା ପର୍ଯ୍ୟାୟରେ ବିଜୟ ଧାରା ଜାରି ରଖିଛି । ମଙ୍ଗୋଲିଆକୁ ୧୩-୦ରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ରବିବାର ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଟିମର ଲିଷ୍ଟେକୁ ୪-୦ ଗୋଲ୍‌ରେ ମାତ ଦେଇଛି । ଚିଆଙ୍ଗମାଇ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମନୀଷା କଲ୍ୟାଣ ଦୁଇଟି ଏବଂ ଅଞ୍ଜୁ ତମାଙ୍ଗ ଓ ଲିଣ୍ଡା କମ୍ ଗୋଟିଏ ଲେଖାଏଁ ଗୋଲ୍ ଦେଇ ବିଜୟରେ ପ୍ରମୁଖ ଭୂମିକା ତୁଲାଇ ଥିଲେ । ମନୀଷା (୧୨ ମିନିଟ୍)ଙ୍କ ଗୋଲ୍‌ରେ ଭାରତ ପ୍ରଥମାର୍ଦ୍ଧକୁ ନିଜ ନିୟନ୍ତ୍ରଣରେ ରଖିଥିଲା । ଦ୍ୱିତୀୟାର୍ଦ୍ଧରେ ଅଞ୍ଜୁ (୫୮ ମିନିଟ୍), ମନୀଷା (୮୦ ମିନିଟ୍) ଓ ଲିଣ୍ଡା (୮୫ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ । ଏହି ବିଜୟ ସହ ୫ଦଳୀୟ ଗ୍ରୁପ୍-"ବି'ରେ ଭାରତ ୨ରୁ ୨ ଜିତି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ଦଖଲ କରିଛି । ଭାରତ ପରବର୍ତ୍ତୀ ମ୍ୟାଚ୍ ଜୁଲାଇ ୨ରେ ଇରାକ ଏବଂ ୫ରେ ଥାଇଲାଣ୍ଡକୁ ଭେଟିବ । ଗ୍ରୁପ୍ ଶୀର୍ଷ ଦଳ ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ହେବାକୁ ଥିବା ଏଏଫ୍‌ସି ମହିଳା ଏସୀୟ କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ ।

# ରଗ୍‌ବି ପ୍ରିମିୟର୍ ଲିଗ୍: ଚେନ୍ନାଇ ବୁଲ୍ସ ବିଜେତା




ମୁମ୍ବାଇ, ୩୦।୬(ଏଜେନ୍ସି) : ରଗ୍ବି ପ୍ରିମିୟର ଲିଗ୍‌ର ପ୍ରଥମ ସଂସ୍କରଣରେ ଚେନ୍ନାଇ ବୁଲ୍ସ ବିଜେତା ହେବାର ଗୌରବ ଅର୍ଜନ କରିଛି । ରବିବାର ସ୍ଥାନୀୟ ଅନ୍ଧେରି ସ୍ଥିତ ଶାହାଜି ରାଜେ ଭୋସାଲେ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଳାଯାଇଥିବା ଫାଇନାଲ୍‌ରେ ଚେନ୍ନାଇ ଦଳ ଏକପାଖିଆ ଭାବେ ୪୧-୦ ପଏଣ୍ଟରେ ଦିଲ୍ଲୀରେ ରେଡ୍ସ ମାତ୍ ଦେଇଥିଲା । ଆରମ୍ଭରୁ ଆଧିପତ୍ୟ ବିସ୍ତାର କରିଥିବା ଚେନ୍ନାଇ ପ୍ରଥମ କ୍ୱାର୍ଟରରେ ୧୨, ଦ୍ୱିତୀୟରେ ୧୨, ତୃତୀୟରେ ୭ ଏବଂ ଶେଷ କ୍ୱାର୍ଟରରେ ୧୦ ପଏଣ୍ଟ ପାଇଥିଲା ବେଳେ ଦିଲ୍ଲୀ ପଏଣ୍ଟ ସୁଯୋଗ ଦେଇ ନଥିଲା । ଏହା ପୂର୍ବରୁ ଖେଳାଯାଇଥିବା ତୃତୀୟ ସ୍ଥାନ ମୁକାବିଲାରେ ହାଇଦ୍ରାବାଦ ହିରୋଜ୍ ୧୭-୧୨ରେ ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସକୁ ହରାଇ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲା । ଏହି ୬ ଦଳିଆ ପ୍ରତିଯୋଗିତାରେ ଓଡ଼ିଶା ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ ପଞ୍ଚମ ସ୍ଥାନରେ ରହିଥିଲା ।

# ଶିଶୁ ଚେସ୍ ପ୍ରତିଭା ସାତ୍ତ୍ୱିକ ସମ୍ବର୍ଦ୍ଧିତ



ଭୁବନେଶ୍ୱର : ସୋମବାର ପୋଲିସ କମିଶନର ଡ଼ଃ. ସୁପରଶ ପଦବଦତ୍ତ ସିଂହ ପୋଲିସ ସେବ ଭବନ ଠାପର ଓଡିଶାର ଉଦୀୟମାନ ଶିଶୁ ଚେସ୍ ପ୍ରତିଭା ସାତ୍ତ୍ୱିକ ସ୍ୱାଇଁଙ୍କୁ ତାଙ୍କର ବିରଳ ସଫଳତା ସମବର୍ଦ୍ଧିତ କରିଛନ୍ତି । ୯ ବର୍ଷ ବୟସର ମେଧାବୀ ସାତ୍ତ୍ୱିକ ନିକଟରେ ହରିଆଣାର ଗୁରୁଗ୍ରାମଠାରେ ଅନୁଷ୍ଠିତ ୩୮ତମ ଜାତୀୟ ନଅ ବର୍ଷରୁ କମ ଓପନ୍ ଚେସ୍‌ର ଚାମ୍ପିଅନ୍‌ସିପ୍ ବିଜେତା ହେବା ସହ ଏହି ବର୍ଗରେ ପ୍ରଥମ ଓଡ଼ିଆ ଚାମ୍ପିଅନ୍ ହେବା ସହ କୃତିତ୍ୱ ଅର୍ଜନ କରିଛନ୍ତି ।

ଡ଼ଃ. ସିଂହ ଏହି ଅପୂର୍ବ ସଫଳତା ପାଇଁ ଏହି ବିସ୍ମୟ ବାଳକ ଓ ତାଙ୍କ ପରିବାରବର୍ଗଙ୍କୁ ଅଶେଷ ଶୁଭେଚ୍ଛା ଜଣାଇବା ସହ ସହ ତାଙ୍କ ଉପଲବ୍ଧି ଓ ଭବିଷ୍ୟତ ଉପରେ ସମ୍ୟକ ଆଲୋଚନା କରିଥିଲେ ।ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ଚେସ୍ ଚାମ୍ପିଅନ୍‌ସିପ୍‌ର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଇଂଲଣ୍ଡ ଦଳକୁ ଫେରିଲେ ଆର୍ଚର



ଭାରତ ବିପକ୍ଷ ପ୍ରଥମ ଟେଷ୍ଟକୁ ବେଶ ଚମତ୍କାର ଢଙ୍ଗରେ ଜିତିଥିବା ଇଂଲଣ୍ଡ ଏବେ ବଡ଼ ନିଷ୍ପତ୍ତି ନେଇଛି ଦ୍ୱିତୀୟ ଟେଷ୍ଟ ପାଇଁ ଇଂଲଣ୍ଡ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କୁ ଦଳରେ ସାମିଲ କରିଛିଛ ଭାରତ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ସିରିଜର ଦ୍ୱିତୀୟ ଟେଷ୍ଟ ପାଇଁ ଆଜି ଇଂଲଣ୍ଡ ଘୋଷଣା କରିଥିବା ସ୍କ୍ୱାର୍ଡରେ ଆର୍ଚରଙ୍କ ନାଁ ରହିଛି । ଆର୍ଚରଙ୍କ କମବ୍ୟାକ ଇଂଲଣ୍ଡକୁ ଆହୁରି ମଜବୁତ କରିଛି ।

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦ୍ରୁତ ବୋଲର ଭାବେ ପରିଚିତ ୩୦ ବର୍ଷୀୟ ଆର୍ଚର ଆହତ ସମସ୍ୟା ଯୋଗୁ ଦୀର୍ଘ ବର୍ଷ ହେଲାଣି ନାଲି ବଲ କ୍ରିକେଟରୁ ଦୂରେଇ ରହିଥିଲେଛ ହେଲେ ଏବେ ସେ କମବ୍ୟାକ କରିଛନ୍ତି । ଆର୍ଚର ଶେଷଥର ପାଇଁ ୨୦୨୧ ଫେବୃଆରୀ ମାସରେ ଇଂଲଣ୍ଡ ପାଇଁ ଟେଷ୍ଟ ମ୍ୟାଚ୍ ଖେଳିଥିଲେଛ ଏବେ ଜୁଲାଇ ୨ରୁ ଭାରତ ବିପକ୍ଷ ବର୍ମିଂହାମର ଏଜବାଷ୍ଟନରେ ଖେଳା ଯିବାକୁ ଥିବା ଟେଷ୍ଟରେ ସେ ନଜର ଆସିବା ଏକ ପ୍ରକାରର ନିଶ୍ଚିତ ହୋଇଛି ।

ଆହତ ସମସ୍ୟା ଦେଇ ଗତି କରୁଥିବା ଆର୍ଚର ନିକଟରେ କାଉଣ୍ଟୀ ଚାମ୍ପିୟନଶିପ ଖେଳିବା ଆରମ୍ଭ କରିଥିଲେଛ ସକସେସ ପାଇଁ ଠିକଠାକ ପ୍ରଦର୍ଶନ କରିବା ପରେ ତାଙ୍କୁ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଇଂଲଣ୍ଡ ସ୍କ୍ୱାର୍ଡରେ ସୁଯୋଗ ମିଳିଛି । ସବୁଠା କୌତହଳର ବିଷୟ ହେଲା ଆର୍ଚର ଇଂଲଣ୍ଡ ପାଇଁ ଶେଷ ଟେଷ୍ଟ ୨୦୨୧ ଫେବୃଆରୀରେ ଭାରତ ବିପକ୍ଷରେ ହିଁ ଖେଳିଥିଲେ । ସେବେଠାରୁ ସେ ଆହତ ସମସ୍ୟା ଦେଇ ଗତି କରୁଥିବା ବେଳେ ୨୦୨୪ରେ ମୈଦାନକୁ ଓହ୍ଲାଇଥିଲେ । ଆର୍ଚରଙ୍କ ବ୍ୟତୀତ ସ୍କ୍ୱାର୍ଡରେ ଆଉ କୌଣସି ପରିବର୍ତ୍ତନ କରାଯାଇନିଛ ପ୍ରଥମ ଟେଷ୍ଟ ବେଳେ ସ୍କ୍ୱାଡରେ ଯେଉଁମାନେ ଥିଲେ ଦ୍ୱିତୀୟ ଟେଷ୍ଟ ପାଇଁ ଘୋଷଣା ହୋଇଥିବା ସ୍କ୍ୱାର୍ଡରେ ସେହିମାନେ ରହିଛନ୍ତିଛ କେବଳ ଅତିରିକ୍ତ ଭାବେ ଆର୍ଚରଙ୍କୁ ସ୍କ୍ୱାର୍ଡରେ ସାମିଲ କରାଯାଇଛି ।

ପ୍ରଥମ ଟେଷ୍ଟରେ ଇଂଲଣ୍ଡ ବ୍ରାୟଣ୍ଡନ କାର୍ସେ, ଜୋଶ ଟଙ୍ଗଙ୍କ ଭଳି ଯୁବ ବୋଲରଙ୍କ ଉପରେ ଦ୍ରୁତ ବୋଲିଂର କମାଣ ଛାଡ଼ିଥିଲା । ସେମାନଙ୍କୁ ବେନ ଷ୍ଟୋକ୍ସ ଓ କ୍ରିସ ଓ୍ୱିକ୍ସ ସହଯୋଗ କରିଥିଲେ । କାର୍ସେ ଓ ଟଙ୍ଗ ଦମଦାର ବୋଲିଂ ମଧ୍ୟ କରିଥିଲେ । ଏବେ ଆର୍ଚରଙ୍କ କମବ୍ୟାକ ଭାରତର ଚିନ୍ତାକୁ ଆହୁରି ବାଢ଼ାଇବ ।

ଦ୍ୱିତୀୟ ଟେଷ୍ଟ ପାଇଁ ଇଂଲଣ୍ଡ ସ୍କ୍ୱାଡ: ବେନ ଷ୍ଟୋକ୍ସ(ଅଧିନାୟକ), ଜୋଫ୍ରା ଆର୍ଚର, ଶୋଏବ ବଶିର, ଜ୍ୟାକବ ବେଥେଲ, ହ୍ୟାରୀ ବ୍ରୁକ, ବ୍ରାୟଣ୍ଡନ କାର୍ସେ, ସାମ କୁକ, ଜ୍ୟାକ କ୍ରଉଲୀ, ବେନ ଡକେଟ, ଜାମି ଓଭରଟନ, ଓଲି ପୋପଳ, ଜୋ ରୁଟ, ଜାମି ସ୍ମିଥ, ଜୋଶ ଟଙ୍ଗ ଓ କ୍ରିସ ଓ୍ୱିକ୍ସ ।

# ଡିଆଇସି ସହ କ୍ରିଡ଼ାମନ୍ତ୍ରାଳୟର ଏମ୍‌ଓୟୁ




ନୂଆଦିଲ୍ଲୀ : ଦେଶର ଯୁବପିଢ଼ିଙ୍କ ସହିତ ଡିଜିଟାଲ୍ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଆଜି ନୂଆଦିଲ୍ଲୀରେ ମାଇ ଭାରତ ୨.୦ ପ୍ଲାଟଫର୍ମର ବିକାଶ ପାଇଁ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ଡିଜିଟାଲ୍ ଇଣ୍ଡିଆ କର୍ପୋରେସନ୍ (ଡିଆସି) ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି ।

ଉନ୍ନତ ଜାତୀୟଯୁବ ପ୍ଲାଟଫର୍ମ ଦେଶବ୍ୟାପୀ ଯୁବକମାନଙ୍କୁ ସଶକ୍ତ ଏବଂ ସଂଯୋଗ କରିବା ପାଇଁ ପ୍ରଯୁକ୍ତିବିଦ୍ୟା-ଚାଳିତ ସମାଧାନଗୁଡ଼ିକୁ ବ୍ୟବହାର କରିବ ।କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ଏବଂ ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡଭିଆ ଏବଂ କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ସଚିବ ଏସ୍ କ୍ରିଷ୍ଣନ୍ ଯୁବ ବ୍ୟାପାର ବିଭାଗର ସଚିବ ଡକଟର ପଲ୍ଲବୀ ଜୈନ୍ ଗୋଭିଲ୍ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଡିଓଓ୍ୱାଇଏର ଯୁଗ୍ମ ସଚିବ ନିତେଶ କୁମାର ମିଶ୍ର ଏବଂ ଡିଜିଟାଲ୍ ଇଣ୍ଡିଆ କର୍ପୋରେସନର ଏମ୍‌ଡି ଏବଂ ସିଇଓ ନନ୍ଦ କୁମାରମ୍ ମୋ ଭାରତ ୨.୦ ପ୍ଲାଟଫର୍ମର ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତ । ଏହି ଅବସରରେ, କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆଜି, ଯେତେବେଳେ ଆମେ ଜୀବନକୁ ପରିବର୍ତ୍ତନ କରୁଥିବା ସାର୍ବଜନୀନ ଡିଜିଟାଲ୍ ପ୍ଲାଟଫର୍ମ ନିର୍ମାଣ କରୁଛୁ, ମୋ ଭାରତ ପଛରେ ଥିବା ଧାରଣା ଆମେୟୁପିଆଇ , ଡିଜିଲକର କିମ୍ବା କମନ୍ କମ୍ପ୍ୟୁଟ୍ ସୁବିଧା ସହିତ ଯାହା କରିଛୁ ତାହାଠାରୁ ଭିନ୍ନ ନୁହେଁ ।

ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୦୮୮୫୩୩୦୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୦୮୮୫୩୩୦୧୬୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି